


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-353 ♦SUNDAY ♦21 JUNE 2026 ♦PAGE-12+4 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୩୫୩ ♦ରବିବାର ♦୨୧ ଜୁନ୍ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


# ନିର୍ମାଣାଧୀନ ମନ୍ଦିର ଛାତ ଭୁଶୁଡ଼ି ୭ ମୃତ, ୩୦ ଆହତ

■ ପରଭଣୀ, ୨୦।୬ (ଏଜେନ୍ସି): ମହାରାଷ୍ଟ୍ରର ପରଭଣୀ ଜିଲ୍ଲାର ୟଶୱାଡିଠାରେ ଆଜି ଏକ ନିର୍ମାଣାଧୀନ ହନୁମାନ ମନ୍ଦିରର ଛାତ ଭୁଶୁଡ଼ି ପଡ଼ିବା ଫଳରେ ଅତିକମରେ ୭ ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି। ଏଥିରେ ଅନ୍ୟ ୩୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୪୦ ଜଣ ଶ୍ରଦ୍ଧାଳୁ ଭଗ୍ନାବଶେଷ ତଳେ ଚାପିହୋଇ ରହିଥିବା କୁହାଯାଉଛି। ମନ୍ଦିର ପରିସରରେ ଏକ ଧାର୍ମିକ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଏହି ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

**ଫସି ରହିଛନ୍ତି ୪୦ ଶ୍ରଦ୍ଧାଳୁ**

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ୟଶୱାଡି ଗ୍ରାମର ଏହି ନିର୍ମାଣାଧୀନ ହନୁମାନ ମନ୍ଦିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଧାର୍ମିକ ଉତ୍ସବ ପାଳନ କରୁଥିଲେ। ଏହି ସମୟରେ ହଠାତ୍ ମନ୍ଦିରର କଂକ୍ରିଟ୍ ଛାତଟି ଭୁଶୁଡ଼ି ପଡ଼ିଥିଲା, ଯାହାଫଳରେ ସେଠାରେ ଉପସ୍ଥିତ ଥିବା ଲୋକମାନେ ଧ୍ୱଂସାବଶେଷ ତଳେ ଚାପି ହୋଇଯାଇଥିଲେ। ଖବର ପାଇ ସ୍ଥାନୀୟ ପ୍ରଶାସନ ଏବଂ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣାରେ ଆହତ ହୋଇଥିବା ୩୦ ଜଣ ବ୍ୟକ୍ତିଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ବିଭିନ୍ନ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରୁ ପ୍ରାୟ ୬ ଜଣ ଶ୍ରଦ୍ଧାଳୁଙ୍କ ସ୍ଥିତି ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ନିର୍ମାଣ କାର୍ଯ୍ୟରେ କୌଣସି ଅବହେଳା କିମ୍ବା ନିମ୍ନମାନର ସାମଗ୍ରୀର ବ୍ୟବହାର ଯୋଗୁଁ ଏହି ଛାତଟି ଭୁଶୁଡ଼ିଛି କି ନାହିଁ, ସେ ନେଇ ଅନୁସନ୍ଧାନ କରାଯାଉଛି।



### ରାଷ୍ଟ୍ରପତିଙ୍କ ଜନ୍ମଦିନରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀଙ୍କ ୪୭,୬୦୦ କୋଟିର ପ୍ରକଳ୍ପ ଭେଟି

# ଓଡ଼ିଶା ପୂର୍ବୋଦୟର ପ୍ରବେଶ ଦ୍ୱାର

■ ବାରିପଦା, ୨୦।୬ (ସମିସ): ରାଜ୍ୟରେ ବିଜେପି ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ବିଜେପି ନେତୃତ୍ୱାଧୀନ କେନ୍ଦ୍ରରେ ୧୨ ବର୍ଷ ଶାସନ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତିକୁ ନେଇ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଯୋଗ ଦେଇଛନ୍ତି। ରାଇରଙ୍ଗପୁରର ଦାଣ୍ଡବୋଷ ବିମାନ ବନ୍ଦର ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସେମାନେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ୪୭ ହଜାର ୬୦୦ କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି।

ଶକ୍ତି, ଗମନାଗମନ, ଶିଳ୍ପ, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ ଓ ନଗର ଉନ୍ନୟନ କ୍ଷେତ୍ରର ମୋଟ ୭୨ଟି ପ୍ରକଳ୍ପର ମିଳିତ ଭାବେ ଉନ୍ମୋଚନ କରିଛନ୍ତି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ। ଏଥିରେ ମୁଖ୍ୟତଃ ୬୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ, ଇବ୍ ଥର୍ମାଲ୍ ପାୱାର୍ ଷ୍ଟେସନର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (ଦୁଇଟି ୬୬୦ ମେଗାୱାଟ୍ ୟୁନିଟ୍) ଓ ଝାରସୁଗୁଡ଼ାରେ ଭାରତ କୋଇଲା ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍ ପ୍ରକଳ୍ପ ସାମିଲ ରହିଛି। ଭୁବନେଶ୍ୱରରେ ଏକ କମ୍ପ୍ରେସଡ୍ ବାୟୋଗ୍ୟାସ୍ ପ୍ଲାଣ୍ଟ ଓ କଟକ-ଭୁବନେଶ୍ୱରକୁ ଯୋଡୁଥିବା କାଠଯୋଡ଼ି ନଦୀ ଉପରେ ନୂତନ ସେତୁ ନିର୍ମାଣ କାର୍ଯ୍ୟ ମଧ୍ୟ ଏହି ପ୍ରକଳ୍ପର ଅଂଶବିଶେଷ। ନୂଆପଡ଼ାରୁ ଘାଟିପଡ଼ା ପର୍ଯ୍ୟନ୍ତ ୩୫୩ ନମ୍ବର ଜାତୀୟ ରାଜପଥର ୪-ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ, କୁସୁମଡିହି ମେଗାଲିଫ୍ଟ ଜଳସେଚନ ପ୍ରକଳ୍ପ, ରାଇରଙ୍ଗପୁରରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଓ ଇଣ୍ଡୋର ବ୍ୟାଡମିଣ୍ଟନ୍ କମ୍ପ୍ଲେକ୍ସର ମଧ୍ୟ ଶୁଭାରମ୍ଭ ହୋଇଛି। ଏଥିସହ ବୌଦ୍ଧରେ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୨୪ଟି ଅଟଳ ବସ୍‌ଷ୍ଟାଣ୍ଡ, ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ୯ଟି ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର, ନୟାଗଡ଼ ଟାଉନ୍ ବାଇପାସ୍, ରାଇରଙ୍ଗପୁରରେ ଆଦିବାସୀ ଗବେଷଣା କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି। ▶ପୃଷ୍ଠା-୭



## 'ସୌର ଗ୍ରାମ' ହେବ ପାହାଡ଼ପୁର

■ ବାରିପଦା, ୨୦।୬(ସମିସ): ଆଦିବାସୀ ବହୁଳ ଅଞ୍ଚଳର ବିକାଶ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି। ସୁପରିଚିତ ପାହାଡ଼ପୁର ଗାଁକୁ ଏବେ 'ସୋଲାର ଭିଲେଜ' ବା ସୌର ଗ୍ରାମରେ ପରିଣତ କରାଯିବ। ପାହାଡ଼ପୁରର ସମସ୍ତ ଗ୍ରାମବାସୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ବିଜୁଳି ଯୋଗାଇ ଦିଆଯିବ, ଯାହା ସେମାନଙ୍କ ଜୀବନଶୈଳୀରେ ବଡ଼ ପରିବର୍ତ୍ତନ ଆଣିବ। ଏଥିସହ ଆଦିବାସୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ଓ ଉନ୍ନତି ପାଇଁ ସରକାର ସଦାସର୍ବଦା ଯତ୍ନବାନ ଅଛନ୍ତି ବୋଲି ସେ ଦୋହରାଇଛନ୍ତି। ସୂର୍ଯ୍ୟ ମନ୍ଦିର କୋଣାର୍କ ଭଳି ସୋଲାର ଗ୍ରାମ ପାହାଡପୁର ପ୍ରସିଦ୍ଧି ଲାଭ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି।

### ମମତାଙ୍କୁ ବିଦ୍ରୋହୀଙ୍କ ଆଉ ଏକ ଝଟ୍‌କା

# ଟିଏମ୍‌ସିର ୪୪୦ କୋଟିର ଆକାଉଣ୍ଟ ଅଚଳ

■ କୋଲକାତା, ୨୦।୬ (ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନରେ ପରାଜୟ ପରେ ମମତା ବାନାର୍ଜୀଙ୍କ ଟିଏମ୍‌ସି ପାଇଁ ବିପଦ ବଢ଼ିବାରେ ଲାଗିଛି। ପ୍ରଥମେ ବିଧାନସଭାରେ ଟିଏମ୍‌ସି ବିଧାୟକ ଦଳ ଦୁଇ ଭାଗ ହେଲା। ପୁଣି ଲୋକସଭାରେ ମଧ୍ୟ ୨୦ ଜଣ ଟିଏମ୍‌ସି ସାଂସଦ ବିଦ୍ରୋହ କରିଛନ୍ତି। ଏହାକୁ ନେଇ ଟିଏମ୍‌ସି ଗଭୀର ସଙ୍କଟ ଦେଇ ଗତି କରୁଥିବା ବେଳେ ଆଜି ଏହାର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ (ଫ୍ରିଜ୍) କରିଦେଇଛି ପୁଲିସ। ତିନିଟି ଘରୋଇ ବ୍ୟାଙ୍କରେ ରହିଥିବା ଏହି ଆକାଉଣ୍ଟରେ ୪୪୦ କୋଟି ଟଙ୍କା ରହିଛି। ଟିଏମ୍‌ସି ଏହି ଆକାଉଣ୍ଟରୁ ଅର୍ଥ ଉଠାଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏହି ପାଣ୍ଠିକୁ ବେଆଇନ ସୂତ୍ରରୁ ଅର୍ଥ ଆସିଛି ବୋଲି କେତେକ ବିଦ୍ରୋହୀ ବିଧାୟକ ଅଭିଯୋଗ ଆଣିବା ପରେ ପୁଲିସ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।



**ବିଦ୍ରୋହୀଙ୍କ ଦାବି ପରେ ପୁଲିସ କାର୍ଯ୍ୟାନୁଷ୍ଠାନ**

**ପାଣ୍ଠିର ଉତ୍ସ ସଂପର୍କରେ ହେବ ଯାଞ୍ଚ**

ବ୍ୟାଙ୍କ ଆକାଉଣ୍ଟଗୁଡ଼ିକରେ ଜମା ହୋଇଥିବା ବିପୁଳ ପରିମାଣର ଅର୍ଥର ଉତ୍ସ ଉପରେ ପ୍ରଶ୍ନ ଉଠାଇଛନ୍ତି ଟିଏମ୍‌ସିର ବିଦ୍ରୋହୀ ବିଧାୟକ। ସେମାନେ ପୁଲିସରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏହି ଆର୍ଥିକ କାରବାରଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ ଆବଶ୍ୟକ। ବିଶେଷକରି ଏହି ଅର୍ଥ ବୈଧ ଉତ୍ସରୁ ଆସିଛି ନା କୌଣସି ବେଆଇନ କାର୍ଯ୍ୟକଳାପ, ଯଥା ସନ୍ଦେହଜନକ କଟ୍-ମନି, ସରକାରୀ ପାଣ୍ଠିର ହେରଫେର କିମ୍ବା ବିଭିନ୍ନ ଦୁର୍ନୀତିରୁ ଆସିଛି, ତାହାର ଯାଞ୍ଚ କରିବାକୁ ସେମାନେ ଅନୁରୋଧ କରିଛନ୍ତି। କ୍ଷମତାର ଅପବ୍ୟବହାର, ଅସାଧୁ ଆର୍ଥିକ କାରବାର ଏବଂ ବେଆଇନ ଅର୍ଥ ସଂଗ୍ରହ ମାଧ୍ୟମରେ ଏହି ପାଣ୍ଠି ସବୁ ସଂଗ୍ରହ ହୋଇଛି ବୋଲି ବିଦ୍ରୋହୀ ବିଧାୟକ ସନ୍ଦେହ ପ୍ରକଟ କରିଛନ୍ତି। ଏହି ଅଭିଯୋଗ ପରେ ୪୪୦ କୋଟି ଟଙ୍କାର ଏହି ପାଣ୍ଠି ଏବେ ତଦନ୍ତ ପରିସରଭୁକ୍ତ ହୋଇଛି। ତଦନ୍ତକାରୀ ଅଧିକାରୀମାନେ ଏହି ଅର୍ଥର ପ୍ରକୃତ ଉତ୍ସ ଏବଂ ସମ୍ପୃକ୍ତ ଆକାଉଣ୍ଟ ମାଧ୍ୟମରେ ହୋଇଥିବା ସମସ୍ତ ଆର୍ଥିକ କାରବାରର ସତ୍ୟତା ଜାଣିବାକୁ ଚେଷ୍ଟା କରୁଛନ୍ତି।

ତେବେ ଏହି ଘଟଣାରେ ଟିଏମ୍‌ସି ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ। କିନ୍ତୁ ମମତା ବାନାର୍ଜୀଙ୍କ ଜଣେ ବିଶ୍ୱସ୍ତ ବିଧାୟକ କହିଛନ୍ତି ଯେ ପୁଲିସ କାର୍ଯ୍ୟାନୁଷ୍ଠାନ ବିଷୟରେ ସୂଚନା ମିଳିଛି; ତେବେ ଆନୁଷ୍ଠାନିକ ଖବରକୁ ଅପେକ୍ଷା କରିଛୁ। 'ଆମେ ଶୁଣିଛୁ ଯେ ୩ଟି ଆକାଉଣ୍ଟକୁ ଫ୍ରିଜ୍ କରାଯାଇଛି।' ବରିଷ୍ଠ ଟିଏମ୍‌ସି ନେତା ଅରୂପ ବିଶ୍ୱାସ ଆକାଉଣ୍ଟଗୁଡ଼ିକର ସୁରକ୍ଷା ଏବଂ କାରବାର ସ୍ଥଗିତ ରଖିବା ପାଇଁ ବ୍ୟାଙ୍କକୁ ଚିଠି ଲେଖିବା ପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ଦଳ ମଧ୍ୟରେ ନେତୃତ୍ୱ ବିବାଦର ସମାଧାନ ନ ▶ପୃଷ୍ଠା-୭

**ରାୟଗଡ଼ା ଲଜ୍ଜା**

### ଗଭୀର କ୍ଷୋଭ ପ୍ରକାଶ କଲେ ନବୀନ

# ଓଡ଼ିଶା ବିଚଳିତ, ଲଜ୍ଜିତ, ଚିନ୍ତିତ

■ ଭୁବନେଶ୍ୱର, ୨୦।୬ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରରେ ଜଣେ ଯୁବତୀଙ୍କ ସହ ଘଟିଥିବା ବର୍ବୋରଚିତ କାଣ୍ଡକୁ ନେଇ ସାରାଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ଦୁଇବର୍ଷ ଧରି ମହିଳା ହିଂସା, ଆକ୍ରମଣକୁ ନେଇ ଓଡ଼ିଶା ବିଶ୍ୱ ଦରବାରରେ ନିନ୍ଦିତ ହୋଇ ଆସୁଥିବା ବେଳେ ପୁଣିଥରେ ସମାନ ଧରଣର ଘଟଣା ରାଜ୍ୟକୁ ଦୋହଲାଇ ଦେଇଛି। ଏପରି ସ୍ପର୍ଶକାତର ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ନବୀନ କହିଛନ୍ତି ଯେ ରାୟଗଡ଼ା, କଲ୍ୟାଣସିଂହପୁରରେ ଦିଲ୍ଲୀର ଛାତ୍ରୀଙ୍କ ସହ ଘଟିଥିବା ଜଘନ୍ୟ, ବର୍ବରୋଚିତ କାଣ୍ଡ ସମଗ୍ର ଓଡ଼ିଶାକୁ ବିଚଳିତ, ଲଜ୍ଜିତ ଓ ▶ପୃଷ୍ଠା-୭



❝ ଏ ସରକାର, ଏ ପୁଲିସ ପ୍ରଶାସନ ଏତେ ଅସହାୟ କ'ଣ ପାଇଁ

କେଉଁ ମୁହଁରେ 'ବିକାଶର ଧାରା ଓଡ଼ିଶା ସାରା' କହି ଉତ୍ସବରେ ମାତିଛନ୍ତି

## ରେଡ୍ ଫ୍ଲାଗ୍ ଘୋଷଣା ପାଇଁ ଏସ୍‌ପିଙ୍କ ସୁପାରିସ

■ ରାୟଗଡ଼ା, ୨୦।୬ (ସମିସ): ରାୟଗଡ଼ାରେ ଦିଲ୍ଲୀର ଜଣେ ଗବେଷିକା ଯୁବତୀ ସ୍ଥାନୀୟ ଯୁବକଙ୍କ ଅଶାଳୀନ ଆଚରଣର ଶିକାର ହେବା ଘଟଣାରେ କଲ୍ୟାଣସିଂହପୁର ଥାନାରେ ମୋଟ ଚାରିଟି ମାମଲା ରୁଜୁ ହୋଇଥିବା ବେଳେ ପ୍ରାରମ୍ଭିକ ତଦନ୍ତରୁ ୪୦ରୁ ୫୦ ଜଣ ବ୍ୟକ୍ତି ଏହି ଆକ୍ରମଣରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସିସିଟିଭି ଫୁଟେଜ, ଭିଡିଓ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ପୁଲିସ ପୂର୍ବରୁ ୧୬ ଜଣଙ୍କୁ ଗିରଫ କରିଥିବା ବେଳେ ଗତକାଲି ଶୁକ୍ରବାର ପୁଣି ମାମଲାରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ▶ପୃଷ୍ଠା-୭

### ମିଳିଲାନି ରକ୍ତ

# ଚାଲିଗଲା ଶିଶୁପୁତ୍ରର ଜୀବନ

■ ଧର୍ମଗଡ଼, ୨୦।୬ (ସମିସ): ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଯୋଗୁଁ ଏକ ୩ ବର୍ଷର ଶିଶୁପୁତ୍ରର ଜୀବନ ଚାଲିଯାଇଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ରୁ ଆସିଛି ଏହି ଦୁଃଖଦ ଖବର। ମୃତ ଶିଶୁ ହେଉଛନ୍ତି କୋକସରା ଥାନା ଛତାଗୋହିଲା ଗ୍ରାମର ପ୍ରିୟାଂଶୁ ଦୁର୍ଗା (୩)। ସୂଚନା ଅନୁସାରେ, ଧର୍ମଗଡ଼ ମେଡିକାଲରେ ଚିକିତ୍ସା ସମୟରେ ରକ୍ତର ଆବଶ୍ୟକତା ପଡ଼ିଥିଲା। ଗତ କିଛିଦିନ ହେବ ରକ୍ତଭଣ୍ଡାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଧର୍ମଗଡ଼ ରକ୍ତଭଣ୍ଡାରରେ ରକ୍ତ ନ ଥିବାରୁ ଡାକ୍ତର ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁର ମୃତ୍ୟୁ ଘଟିଛି। ଏହି ଘଟଣା ପରେ ଉକ୍ତ ପରିବାର ଲୋକ ଓ ସ୍ଥାନୀୟ ବାସିନ୍ଦା ଧର୍ମଗଡ଼ ମେଡିକାଲ ଛକରେ ଶବ ରଖି ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି। ଯାହାଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିବା ସହ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ମୃତକଙ୍କ ▶ପୃଷ୍ଠା-୭

**ପରିବାର ଓ ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ**







# ପାଗ ଭିଡୁଛି ମୌସୁମୀ

### ୨୪ ବେଳକୁ ବଢ଼ିବ ବର୍ଷା ପରିମାଣ

■ ଭୁବନେଶ୍ୱର, ୨୦।୬ (ସମିସ): ଚଳିତ ମୌସୁମୀ ଋତୁରେ ଏପର୍ଯ୍ୟନ୍ତ ପ୍ରଥମ ଲଘୁଚାପ ସୃଷ୍ଟି ହୋଇନାହିଁ। ସାଧାରଣତଃ ମୌସୁମୀ ଛୁଇଁବା ପରେ ଉତ୍ତର ପଶ୍ଚିମ ଓଡ଼ିଶା ଉପକୂଳରେ ଲଘୁଚାପ ସୃଷ୍ଟି ହୋଇ ମୌସୁମୀକୁ ଅଧିକ ଶକ୍ତିଶାଳୀ କରିଥାଏ ଓ ବର୍ଷା ପରିମାଣ ମଧ୍ୟ ବଢ଼ିଥାଏ। ମାତ୍ର ଚଳିତ ବର୍ଷ ଏପର୍ଯ୍ୟନ୍ତ ଏଭଳି ସ୍ଥିତି ସୃଷ୍ଟି ହୋଇ ନ ଥିବାରୁ ମୌସୁମୀ ଅଧିକ ସକ୍ରିୟ ହୋଇପାରିନାହିଁ। ଯାହାଫଳରେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ମୌସୁମୀ ବର୍ଷାର ସ୍ୱାଭାବିକ ରୂପ ଦେଖିବାକୁ ମିଳିନାହିଁ। ମାତ୍ର ୨୩ ତାରିଖ ପରେ ଏହି ସ୍ଥିତିରେ ପରିବର୍ତ୍ତନ ଆସିବା ସହ ୨୪ରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବାର ସମ୍ଭାବନା ରହିଛି। ଏମିତି କି ଏହି ସମୟରେ ମୌସୁମୀ ସକ୍ରିୟ ହେବା ସହ ବାକି ଥିବା ଜିଲ୍ଲାଗୁଡ଼ିକୁ ମଧ୍ୟ ମୌସୁମୀ ଅଗ୍ରସର ▶ପୃଷ୍ଠା-୭

# ପୁଣି ହର୍ମୁଜ ବନ୍ଦ କଲା ଇରାନ

■ ତେହେରାନ, ୨୦।୬ (ଏଜେନ୍ସି): ଇରାନ ଏବଂ ଆମେରିକା ମଧ୍ୟରେ ଶାନ୍ତି ବୁଝାମଣା ପରେ ସାରା ବିଶ୍ୱ ଆଶ୍ୱସ୍ତ ହୋଇଥିବା ବେଳେ ଏଥିରେ ପ୍ରତିବନ୍ଧକ ସାଜିଛି ଇସ୍ରାଏଲ। ବୁଝାମଣାରେ ରହିଥିବାର ସର୍ତ୍ତର ଉଲ୍ଲଂଘନ କରି ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ ଜାରି ରଖିଥିବାରୁ ଏଥିରେ କ୍ଷୁବ୍ଧ ହୋଇ ପୁଣି ହର୍ମୁଜ ସମୁଦ୍ର ପଥକୁ ବନ୍ଦ କରିବାକୁ ଘୋଷଣା କରିଛି ଇରାନ। ଇରାନର ମିଳିତ ସାମରିକ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ କରିବ ନାହିଁ ବୋଲି ଶାନ୍ତି ବୁଝାମଣାରେ ଆମେରିକା ଗ୍ୟାରେଣ୍ଟି ଦେଇଥିଲା। ମାତ୍ର ଏହାକୁ ପାଳନ କରିବାରେ ଆମେରିକା ସଂପୂର୍ଣ୍ଣ ରୂପେ ବିଫଳ ରହିଛି। ତେଣୁ ଏହାର ପ୍ରତିବାଦ ଜଣାଇ ହର୍ମୁଜ ସମୁଦ୍ର ପଥକୁ ସମସ୍ତ ଜାହାଜ ଚଳାଚଳ ପାଇଁ ବନ୍ଦ କରିଦିଆଯାଇଛି। ସାମରିକ କମାଣ୍ଡ ପକ୍ଷରୁ କୁହାଯାଇଛି ଶାନ୍ତି ଚୁକ୍ତି ସତ୍ତ୍ୱେ ଲେବାନନରୁ ହଟୁନି ଇସ୍ରାଏଲ। ଏହାସହିତ ଆକ୍ରମଣ ମଧ୍ୟ ଜାରି ରଖିଛି, ଯାହାଦ୍ୱାରା ହଜାର ହଜାର ନିରୀହ ଲୋକ ପ୍ରାଣ ହରାଉଛନ୍ତି। ଗତକାଲି ଇସ୍ରାଏଲ ଆକ୍ରମଣରେ ଲେବାନନରେ ୧୬ ଜଣ ପ୍ରାଣ ହରାଇଛନ୍ତି।




ସୂଚନାଯୋଗ୍ୟ ଯେ ମଧ୍ୟପ୍ରାଚ୍ୟରେ ୧୧୧ ଧରି ଦିନ ଧରି ଚାଲିଥିବା ଯୁଦ୍ଧ ଓ ଉତ୍ତେଜନା ବନ୍ଦ ଲାଗି ତିନି ଦିନ ତଳେ ଇରାନ ଏବଂ ଆମେରିକା ଶାନ୍ତି ରାଜିନାମାରେ ସ୍ୱାକ୍ଷରିତ କରିଥିଲେ। ଏହାସହିତ ବନ୍ଦ ପଡ଼ିଥିବା ହର୍ମୁଜ ସମୁଦ୍ର ପଥ ଖୋଲିଯାଇଥିଲା। ହର୍ମୁଜ ଦେଇ ବିଶ୍ୱର ୨୦ ପ୍ରତିଶତ ତୈଳ ଓ ଗ୍ୟାସ ପରିବହନ ହୋଇଥାଏ। ଇରାନର ଏଭଳି ପଦକ୍ଷେପ ଫଳରେ ତୈଳ ଦରରେ ପୁଣି ବୃଦ୍ଧି ଘଟିବା ନେଇ ଆଶଙ୍କା ପ୍ରକାଶ ପାଇଲାଣି।





ସକାଳ THE SAKALA
www.sakalaepaper.com

# ୧୬ଟି ମିଶ୍ରିତ ଔଷଧ ଉପରେ ନିଷେଧାଦେଶ

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦେଶରେ ୧୬ଟି ଫିକ୍ସଡ୍-ଡୋଜ୍ କମ୍ବିନେସନ୍ (ଏଫ୍‌ଡିସି) ବା ମିଶ୍ରିତ ଔଷଧର ଉତ୍ପାଦନ, ବିକ୍ରି ଏବଂ ବଣ୍ଟନ ଉପରେ ତତ୍କାଳ ପ୍ରତିବନ୍ଧକ ଲଗାଇଛନ୍ତି। ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଅଧିନିୟମ'ର ଧାରା ୨୬ଏ ଅଧୀନରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗଠିତ 'ଡ୍ରଗ୍ସ ଟେକ୍ନିକାଲ ଆଡଭାଇଜରି ବୋର୍ଡ' (ଡିଟିଏବି) ର ଏକ ବିଶେଷଜ୍ଞ କମିଟି ଏହି ଔଷଧଗୁଡ଼ିକର କ୍ଲିନିକାଲ୍ ଡାଟା ସମୀକ୍ଷା କରିଥିଲେ। ସମୀକ୍ଷାରୁ ଜଣାପଡ଼ିଛି ଯେ ଏହି ୧୬ଟି ନିର୍ଦ୍ଦିଷ୍ଟ କମ୍ବିନେସନ୍ ଔଷଧର କୌଣସି ଚିକିତ୍ସାଗତ ଲାଭ ନାହିଁ, ବରଂ ଏହା ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ। ଏହି ବୈଜ୍ଞାନିକ ସମୀକ୍ଷା ରିପୋର୍ଟ ଆଧାରରେ ବଜାରରୁ ଏହି ସବୁ ସମ୍ଭାବ୍ୟ କ୍ଷତିକାରକ ଔଷଧକୁ ସମ୍ପୂର୍ଣ୍ଣ ରୂପେ ହଟାଇବା ପାଇଁ ସରକାର ତୁରନ୍ତ ବ୍ୟାନ୍ କରିଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ପୁଅକୁ ଜାମିନ

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): କେନ୍ଦ୍ର ମନ୍ତ୍ରୀ ବଣ୍ଡି ସଞ୍ଜୟ କୁମାରଙ୍କ ପୁଅ ଭଗୀରଥଙ୍କୁ ଏକ ପୋକ୍ସୋ ମାମଲାରେ ହାଇଦ୍ରାବାଦର ଏକ ଅଦାଲତ ଜୁନ୍ ୨୫ ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିଛନ୍ତି। ନିଜର ବିବିଏ ପରୀକ୍ଷାରେ ହାଜର ହେବା ପାଇଁ ଶୁକ୍ରବାର ଦିନ ତାଙ୍କୁ କୋର୍ଟରୁ ଏହି ସାମୟିକ ଆଶ୍ୱସ୍ତି ମିଳିଛି। ଜଣେ ୧୭ ବର୍ଷୀୟା ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ଗତ ମେ ୮ ତାରିଖରେ ପେଟ୍‌ବସିରାବାଦ୍ ପୁଲିସ ଷ୍ଟେସନରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ପୋକ୍ସୋ ଆକ୍ଟ ଅଧୀନରେ ମାମଲା ରୁଜୁ ହେବା ପରେ ମେ ୧୬ ରେ ଭଗୀରଥଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଥିଲା। ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ନେଇ ତାଙ୍କ ସ୍ୱୀକାରୋକ୍ତି ଆଧାରରେ ପୁଲିସ ମାମଲାରେ ଅଧିକ ସଙ୍ଗୀନ ଦଫା ଯୋଡ଼ିଛି। ଅନ୍ୟପକ୍ଷରେ ଭଗୀରଥ ଏହି ସମସ୍ତ ଆରୋପକୁ ମିଥ୍ୟା ବୋଲି କହିବା ସହ ଏକ ଓଲଟା ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁସାରେ, ଝିଅ ଏବଂ ତାଙ୍କ ପରିବାର ଲୋକେ ବିବାହ ପାଇଁ ଚାପ ପକାଇବା ସହ ମିଥ୍ୟା କେସ୍‌ରେ ଫସାଇଦେବାକୁ ଧମକ ଦେଇ ଟଙ୍କା ଦାବି କରୁଥିଲେ। ଏହି ଆଧାରରେ ପୁଲିସ ଏକ ଏଫ୍‌ଆଇଆର୍ ମଧ୍ୟ ରୁଜୁ କରିଛି ଏବଂ ଘଟଣାର ତଦନ୍ତ ଜାରି ରହିଛି।

# ଖାନ୍ ସାର୍‌ଙ୍କ ଗିରଫଦାରୀ ଉପରେ ରୋକ୍ ଲଗାଇଲେ କୋର୍ଟ

ପାଟନା, ୨୦।୬(ଏଜେନ୍ସି): କୋଚିଂ ସେଣ୍ଟର ଗୁଳିକାଣ୍ଡ ମାମଲାରେ ପ୍ରସିଦ୍ଧ ଶିକ୍ଷାବିତ୍ ଫୈସଲ ଖାନ୍ ଓରଫ 'ଖାନ୍ ସାର୍'ଙ୍କୁ ବିହାରର ଏକ ଅଦାଲତ ଶନିବାର ସାମୟିକ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ତାଙ୍କର ଅଗ୍ରୀମ ଜାମିନ ଆବେଦନର ଶୁଣାଣି କରି ଅଦାଲତ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପୁଲିସକୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଆଗାମୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କର ଗିରଫଦାରୀ ଉପରେ ରୋକ୍ ଲାଗିଛି। ଚଳିତ ମାସ ଜୁନ୍ ଦୁଇ ତାରିଖ ରାତିରେ ପାଟନାସ୍ଥିତ ଖାନ୍ ଗ୍ଲୋବାଲ୍ ଷ୍ଟଡିଜ୍ କୋଚିଂ ସେଣ୍ଟର ବାହାରେ କିଛି ଦୁର୍ବୃତ୍ତ ପଥରମାଡ଼ ଏବଂ ଭଙ୍ଗାରୁଜା କରିଥିଲେ। ଏହି ଘଟଣା ପରେ ସେଣ୍ଟରର ଦୁଇଜଣ ସୁରକ୍ଷାକର୍ମୀ ଫାଙ୍କା ଗୁଳିଚାଳନା କରିଥିବା ଭିଡିଓ ସାମ୍ନାକୁ ଆସିଥିଲା। ଏହି ଆଧାରରେ ପାଟନା ପୁଲିସ ଦୁଇ ସୁରକ୍ଷାକର୍ମୀଙ୍କୁ ଗିରଫ କରିବା ସହ ଘଟଣାକୁ ଉସୁକାଇବା ଅଭିଯୋଗରେ ଖାନ୍ ସାର୍ ଏବଂ ଅନ୍ୟ ଦୁଇଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ପୁଲିସ ଏହି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଛାତ୍ରମାନଙ୍କୁ ବିଭିନ୍ନ କୋଚିଂ ସେଣ୍ଟର ମଧ୍ୟରେ ଥିବା ବ୍ୟବସାୟିକ ଶତ୍ରୁତାର ସୁଯୋଗ ନନେବାକୁ ଏବଂ କାହା ଦ୍ୱାରା ପ୍ରଭାବିତ ନହେବାକୁ ଅନୁରୋଧ କରିଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ପରେ ହିଁ ପରବର୍ତ୍ତୀ ପଦକ୍ଷେପ ସ୍ପଷ୍ଟ ହେବ।

# ୩ ମହଲାରୁ ଡେଇଁ ସଫ୍ଟଓ୍ୱାର୍ ଇଞ୍ଜିନିୟରଙ୍କ ଆତ୍ମହତ୍ୟା

ପୁଣେ, ୨୦।୬(ଏଜେନ୍ସି):ପୁଣେର ମାଣିକବାଗ୍ ଅଞ୍ଚଳରେ ଜଣେ ୨୭ ବର୍ଷୀୟା ମହିଳା ସଫ୍ଟଓ୍ୱାର୍ ଇଞ୍ଜିନିୟର ଏକ ଆବାସିକ ବିଲ୍ଡିଂର ତୃତୀୟ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳାଙ୍କ ସ୍ୱାମୀ (ସେ ମଧ୍ୟ ଜଣେ ଆଇଟି ପ୍ରଫେସନାଲ) ଏବଂ ଶାଶୁଙ୍କ ମାନସିକ ଓ ଶାରୀରିକ ନିର୍ଯାତନା ଯୋଗୁଁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ସିଂହଗଡ଼ ରୋଡ୍ ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ର ଧାରା ୧୦୮ (ଆତ୍ମହତ୍ୟା ପାଇଁ ଉସୁକାଇବା) ଅଧୀନରେ ସ୍ୱାମୀ, ଶାଶୁ ଏବଂ ଅନ୍ୟ କେତେକ ସମ୍ପର୍କୀୟଙ୍କ ବିରୋଧରେ ମାମଲା ରୁଜୁ କରିଛି। ପୁଲିସ ସୂଚନା ଅନୁସାରେ, ଏକ ସଫ୍ଟଓ୍ୱାର୍ କମ୍ପାନୀରେ କାମ କରିବା ସମୟରେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା ଏବଂ ନଭେମ୍ବର ୨୦୨୪ରେ ସେମାନେ ବିବାହ କରିଥିଲେ। ଅଭିଯୋଗ ଅନୁଯାୟୀ, ବିବାହ ପରଠାରୁ ହିଁ ସ୍ୱାମୀ ଏବଂ ଶାଶୁ ଘର ଲୋକ ଛୋଟ ଛୋଟ କଥାକୁ ନେଇ ତାଙ୍କୁ କ୍ରମାଗତ ଭାବେ ହଇରାଣ କରିବା ସହ ଅନେକ ସମୟରେ ମାଡ଼ ମାରୁଥିଲେ।

# ୨୦ ବର୍ଷର ମାମଲା, ୧୨୮ ସାକ୍ଷୀ; ମିଳିଲାନି ପ୍ରମାଣ

## ପବନରାଜେ ହତ୍ୟାକାଣ୍ଡ: ସମସ୍ତ ଅଭିଯୁକ୍ତ ଖଲାସ

ମୁମ୍ବାଇ, ୨୦।୬(ଏଜେନ୍ସି): ମହାରାଷ୍ଟ୍ରର ପ୍ରମୁଖ ରାଜନେତା ପବନରାଜେ ନିମ୍ବାଲକରଙ୍କ ବହୁଚର୍ଚ୍ଚିତ ହତ୍ୟା ମାମଲାରେ ଶନିବାର ଏକ ସ୍ୱତନ୍ତ୍ର ଅଦାଲତ ରାୟ ଶୁଣାଇଛନ୍ତି। ଦୀର୍ଘ ୨୦ ବର୍ଷ ଧରି ଚାଲିଥିବା ଏହି ଆଇନଗତ ଲଢେଇ ପରେ ଅଦାଲତ ପୂର୍ବତନ ସାଂସଦ ପଦ୍ମସିଂହ ପାଟିଲଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରି ସମ୍ପୂର୍ଣ୍ଣ ଖଲାସ କରିଛନ୍ତି। ଘଟଣା ଅନୁସାରେ, ୨୦୦୬ ମସିହା ଜୁନ୍ ୩ ତାରିଖରେ ନଭି ମୁମ୍ବାଇଠାରେ କଂଗ୍ରେସ ନେତା ଜେ ନିମ୍ବାଲକର ଏବଂ ତାଙ୍କ ଡ୍ରାଇଭରଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଏବଂ ଏକ ଚିନି କଳର ପରିଚାଳନା ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାରେ ପବନରାଜେଙ୍କ ସମ୍ପର୍କୀୟ ଭାଇ ତଥା ପୂର୍ବତନ ଗୃହ ମନ୍ତ୍ରୀ ତଥା ଏନସିପି ନେତା ପଦ୍ମସିଂହ ପାଟିଲଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ଦର୍ଶାଯାଇଥିଲା। ଦୀର୍ଘ ଦିନର ବିଚାର ପ୍ରକ୍ରିୟା ମଧ୍ୟରେ ସାମାଜିକ କର୍ମୀ ଆନ୍ନା ହଜାରେଙ୍କ ସମେତ ପ୍ରାୟ ୧୨୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପର୍ଯ୍ୟାପ୍ତ ପ୍ରମାଣ ଅଭାବରୁ ସ୍ୱତନ୍ତ୍ର ଅଦାଲତ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅପରପକ୍ଷରେ, ସିବିଆଇ ଏହି ରାୟକୁ ଚ୍ୟାଲେଞ୍ଜ କରି ଏହା ବିରୋଧରେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିବ ବୋଲି ସ୍ପଷ୍ଟ କରିଛି।

# ଶାନ୍ତି ଚୁକ୍ତିକୁ ଇସ୍ରାଏଲ ବିପଦ



- ଆମେରିକା ଗୁଇନ୍ଦା ସଂସ୍ଥାର ଚେତାବନୀ
- ଅସ୍ତ୍ରବିରତି ସତ୍ତ୍ୱେ ଇସ୍ରାଏଲର ଆକ୍ରମଣ, ଲେବାନନ୍‌ରେ ୭, ଗାଜାରେ ୨ ମୃତ

ୱାସିଂଟନ, ୨୦।୬(ଏଜେନ୍ସି): ଆମେରିକାର ଗୋଇନ୍ଦା ସଂସ୍ଥାଗୁଡ଼ିକ ଚେତାବନୀ ଦେଇଛନ୍ତି ଯେ ନେତନ୍ୟାହୁ ଇରାନ ସହ ହୋଇଥିବା ଶାନ୍ତି ଚୁକ୍ତିକୁ ବିପଦରେ ପକାଇପାରନ୍ତି। ଏକ କାର୍ଯ୍ୟକ୍ରମରେ ଟ୍ରମ୍ପ କହିଛନ୍ତି ଯେ ଇସ୍ରାଏଲ ସହ ଆମେରିକାର ସମ୍ପର୍କ ସର୍ବଦା ସୁଦୃଢ଼ ରହିଛି ଏବଂ ନେତନ୍ୟାହୁ ଜଣେ ସାହସୀ ନେତା। ଅନ୍ୟ ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ଇସ୍ରାଏଲ ଉପରେ ତାଙ୍କର ସମ୍ପୂର୍ଣ୍ଣ ପ୍ରଭାବ ରହିଛି ଏବଂ ସେ ନେତନ୍ୟାହୁଙ୍କ ନିଷ୍ପତ୍ତିକୁ ନିୟନ୍ତ୍ରଣ କରିପାରିବେ। ତେବେ ଗୋଇନ୍ଦା ରିପୋର୍ଟ ଅନୁସାରେ, ଇସ୍ରାଏଲରେ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ନିର୍ବାଚନ ଯୋଗୁଁ ନେତନ୍ୟାହୁ ନିଜର ରାଜନୈତିକ ସ୍ଥିତି ବଞ୍ଚାଇବା ପାଇଁ ଲେବାନନରୁ ସେନା ହଟାଇବାକୁ ଚାହୁଁନାହାନ୍ତି ଏବଂ ହିଜବୁଲ୍ଲା ବିରୋଧରେ ଆକ୍ରମଣ ଜାରି ରଖିବାକୁ ଚେଷ୍ଟା କରୁଛନ୍ତି। ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଇରାନ ସହ ହୋଇଥିବା ଶାନ୍ତି ବୁଝାମଣାକୁ ଏହା ଦୁର୍ବଳ କରିପାରେ ବୋଲି ଆମେରିକା ପ୍ରଶାସନ ଆଶଙ୍କା ପ୍ରକାଶ କରିଛି। ବର୍ତ୍ତମାନ ଆମେରିକା ଏବଂ କତାରର ମଧ୍ୟସ୍ଥତାରେ ଇସ୍ରାଏଲ ଓ ହିଜବୁଲ୍ଲା ମଧ୍ୟରେ ଏକ ଅସ୍ଥାୟୀ ଯୁଦ୍ଧବିରତି ପାଇଁ ସହମତି ପ୍ରକାଶ ପାଇଛି। କିନ୍ତୁ ହିଜବୁଲ୍ଲା ଏହି ନିୟମ ପାଳନ ନକଲେ ଇସ୍ରାଏଲ ପୁଣି ଆକ୍ରମଣ କରିବ ବୋଲି ସ୍ପଷ୍ଟ କରିଛି, ଯାହା ଆଗାମୀ ଦିନରେ ଏହି ଅଞ୍ଚଳର ଶାନ୍ତି ପ୍ରକ୍ରିୟାକୁ ଅଧିକ ଜଟିଳ କରିପାରେ।

ଅପରପକ୍ଷରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ 'ଯୋଦ୍ଧା ପ୍ରଧାନମନ୍ତ୍ରୀ' ଭାବେ ଅଭିହିତ କରି ସର୍ବସାଧାରଣରେ ପ୍ରଶଂସା କରିଛନ୍ତି। ଲେବାନନରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ମତାନ୍ତର ଚାଲିଥିବା ଚର୍ଚ୍ଚା ହେଉଥିବା ବେଳେ ଟ୍ରମ୍ପଙ୍କ ଏହି ବୟାନ ସାମ୍ନାକୁ ଆସିଛି।

ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ଶେଷ କରିବା ପାଇଁ ଚାଲିଥିବା କୂଟନୈତିକ ଆଲୋଚନା ମଧ୍ୟରେ ଶନିବାର ଦକ୍ଷିଣ ଲେବାନନ୍ ଉପରେ ଇସ୍ରାଏଲ୍ ପୁନର୍ବାର ଜୋରଦାର ବିମାନ ଆକ୍ରମଣ କରିଛି। ଯୁଦ୍ଧ ବିରତି ଚୁକ୍ତି ନେଇ ଚର୍ଚ୍ଚା ଜାରି ରହିଥିବା ବେଳେ ଏହି ଆକ୍ରମଣରେ ଦୁଇଜଣ ଶିଶୁଙ୍କ ସମେତ ଅତିକମରେ ସାତଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ସେହିପରି ଶନିବାର ଗାଜାର ଏକ ଅପାର୍ଟମେଣ୍ଟ ଉପରେ ଇସ୍ରାଏଲ ଆକ୍ରମଣରେ ୨ ଜଣ ନାବାଳିକା ଭଉଣୀ ମୃତ୍ୟୁ ବରଣ କରିଛନ୍ତି। ଏହି ଘଟଣା ଯୋଗୁଁ ଆମେରିକା-ଇରାନ ମଧ୍ୟସ୍ଥତାରେ ଚାଲିଥିବା ଶାନ୍ତି ପ୍ରକ୍ରିୟା ଏବେ ସଙ୍କଟ ମଧ୍ୟକୁ ଚାଲିଯାଇଛି। ଲେବାନନ୍‌ର ଜାତୀୟ ସମ୍ବାଦ ସଂସ୍ଥା ଅନୁଯାୟୀ, ଇସ୍ରାଏଲ୍‌ର ଏହି ଆକ୍ରମଣ ଦକ୍ଷିଣ ଲେବାନନ୍‌ର ନବାତିୟା ଏବଂ ଆଖପାଖ ଗ୍ରାମଗୁଡ଼ିକ ଉପରେ ହୋଇଛି, ଯେଉଁଠିରେ ଅନେକ ଲୋକ ଏବେ ମଧ୍ୟ ଭଙ୍ଗାରୁଜା ସ୍ଥାନରେ ମାଟିତଳେ ଦବି ରହିଛନ୍ତି। ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି ଯେ, ହିଜବୁଲ୍ଲା ପକ୍ଷରୁ ସେମାନଙ୍କ ସେନା ଉପରକୁ ଗୁଳିବର୍ଷା କରାଯିବା ପରେ ଏହି ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅପରପକ୍ଷରେ, ହିଜବୁଲ୍ଲା କହିଛି ଯେ ଯଦି ଇସ୍ରାଏଲ୍ ସେନା ଲେବାନନ୍ ଛାଡ଼ିବାକୁ ପ୍ରତିଶ୍ରୁତି ଦିଏ, ତେବେ ସେମାନେ ମଧ୍ୟ ଆକ୍ରମଣ ବନ୍ଦ କରିବେ। ଏହି ସାମ୍ପ୍ରତିକ ହିଂସାକାଣ୍ଡ ଯୋଗୁଁ ସୁଇଜରଲ୍ୟାଣ୍ଡଠାରେ ହେବାକୁ ଥିବା ଆମେରିକା ଏବଂ ଇରାନର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସ୍ଥଗିତ ହୋଇଯାଇଛି। ଇରାନ କହିଛି ଯେ ଲେବାନନ୍‌ରେ ଆକ୍ରମଣ ସମ୍ପୂର୍ଣ୍ଣ ବନ୍ଦ ନହେବା ପର୍ଯ୍ୟନ୍ତ କୌଣସି ଆଲୋଚନା ଆଗକୁ ବଢ଼ିପାରିବ ନାହିଁ। ବର୍ତ୍ତମାନ କାତାର ଓ ଆମେରିକା ଭଳି ମଧ୍ୟସ୍ଥ ଦେଶଗୁଡ଼ିକ ଉଭୟ ପକ୍ଷ ମଧ୍ୟରେ ସ୍ଥାୟୀ ସନ୍ତ୍ରାସ ବିରତି ଆଣିବା ପାଇଁ ପ୍ରୟାସ ଜାରି ରଖିଛନ୍ତି।

# ବ୍ରିକ୍ସ ସୁରକ୍ଷା ଉପଦେଷ୍ଟା ସମ୍ମିଳନୀ ଆୟୋଜନ କରିବ ଭାରତ



ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଆସନ୍ତା ଜୁନ୍ ୨୨ ଓ ୨୩ ତାରିଖରେ ଭାରତ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ଜାତୀୟ ସୁରକ୍ଷା ପରାମର୍ଶଦାତା ସ୍ତରୀୟ ବୈଠକ ଆୟୋଜନ କରିବାକୁ ଯାଉଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶନିବାର ଏହି ସୂଚନା ଦେଇଛି। ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୁଇ ଦିନିଆ ସମ୍ମିଳନୀରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଅଧ୍ୟକ୍ଷତା କରିବେ। ଚଳିତ ବର୍ଷ ଏହି ବୈଠକର ମୁଖ୍ୟ ବିଷୟବସ୍ତୁ 'ଆଜିର ବିଶ୍ୱ ସମ୍ମୁଖୀନ ହେଉଥିବା ଅଣ-ପାରମ୍ପରିକ ସୁରକ୍ଷା ଆହ୍ୱାନ' ରଖାଯାଇଛି। ସାମରିକ ବିପଦ ବ୍ୟତୀତ ବିଶ୍ୱବ୍ୟାପୀ ଦେଖାଦେଉଥିବା ଜଟିଳ ସୁରକ୍ଷା ସମସ୍ୟା ଉପରେ ଏଥିରେ ରଣନୈତିକ ଆଲୋଚନା ହେବ। ବିଶେଷ କରି ବୈଷୟିକ ପ୍ରଗତି ଯୋଗୁଁ ସୃଷ୍ଟି ହେଉଥିବା ସାଇବର ଆକ୍ରମଣ, ସୂଚନା ସୁରକ୍ଷା, ଡିଜିଟାଲ ଭିତ୍ତିଭୂମିର ସୁରକ୍ଷା ଏବଂ କୃତ୍ରିମ ବୁଦ୍ଧିମତ୍ତାର ଅପବ୍ୟବହାର ଭଳି ଗମ୍ଭୀର ବିଷୟ ଉପରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ପ୍ରତିନିଧିମାନେ ମତାମତ ବିନିମୟ କରିବେ। ଏହା ସହିତ ସନ୍ତ୍ରାସବାଦ ବିରୋଧୀ ଲଢେଇ ଏବଂ ସୂଚନା ପ୍ରଯୁକ୍ତିର ସୁରକ୍ଷିତ ବ୍ୟବହାର ପାଇଁ ଗଠିତ ମିଳିତ କାର୍ଯ୍ୟଗୋଷ୍ଠୀର ସମୀକ୍ଷା ମଧ୍ୟ ଏହି ବୈଠକରେ କରାଯିବ। ଡିଜିଟାଲ କ୍ଷେତ୍ରରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ରୋକିବା ପାଇଁ ଗୋଇନ୍ଦା ସୂଚନା ଆଦାନପ୍ରଦାନ ଏବଂ ପାରସ୍ପରିକ ସହଯୋଗକୁ ଅଧିକ ମଜଭୁତ କରିବା ଦିଗରେ ଏହି ସମ୍ମିଳନୀ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

# ପୁଣି ଟାର୍ଗେଟ କଲେ ଟ୍ରମ୍ପ ଜବାବ ଦେଲେ ମେଲୋନୀ



ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ମଧ୍ୟରେ କୂଟନୈତିକ ବିବାଦ ବଢ଼ିବାରେ ଲାଗିଛି। ଫ୍ରାନ୍ସରେ ଅନୁଷ୍ଠିତ ଜି୭ ସମ୍ମିଳନୀରେ ମେଲୋନୀ ତାଙ୍କ ସହ ଫଟୋ ଉଠାଇବା ପାଇଁ ନେହୁରା ହୋଇଥିଲେ ବୋଲି ଟ୍ରମ୍ପ ଦେଇଥିବା ବୟାନକୁ ମେଲୋନୀ ଖଣ୍ଡନ କରିବା ସହ ତାଙ୍କୁ ସମାଲୋଚନା କରିଛନ୍ତି। ନିଜର ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ କରି ଟ୍ରମ୍ପ ଦାବି କରିଛନ୍ତି ଯେ, ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନୀ ନିଜ ଦେଶରେ ହ୍ରାସ ପାଉଥିବା ଲୋକପ୍ରିୟତାକୁ ବଢ଼ାଇବା ପାଇଁ ତାଙ୍କ ସହ ଏକ ଫଟୋ ଉଠାଇବାକୁ ବାରମ୍ବାର ଅନୁରୋଧ କରିଥିଲେ। ଏହାସହ ଟ୍ରମ୍ପ ଇଟାଲୀର ଆଭିମୁଖ୍ୟକୁ ସମାଲୋଚନା କରି କହିଛନ୍ତି ଯେ, ଆମେରିକା ଇଟାଲୀର ସୁରକ୍ଷା ପାଇଁ କୋଟି କୋଟି ଡଲାର ଖର୍ଚ୍ଚ କରୁଥିଲେ ମଧ୍ୟ ମେଲୋନୀ ସରକାର ଆମେରିକୀୟ ସାମରିକ ବିମାନକୁ ଇଟାଲୀର ରନୱେ ବ୍ୟବହାର କରିବାକୁ ଅନୁମତି ଦେଇନଥିଲେ। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ରୋକିବା ପାଇଁ ଆମେରିକାର ପ୍ରୟାସକୁ ସମର୍ଥନ ନ କରିବା ଯୋଗୁଁ ମେଲୋନୀଙ୍କ ଲୋକପ୍ରିୟତା କମୁଛି ବୋଲି ଟ୍ରମ୍ପ କଟାକ୍ଷ କରିଛନ୍ତି। ଇରାନ ବିରୋଧରେ ବିଜୟ ପରେ ମେଲୋନୀ ଟ୍ରମ୍ପଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି। ଏହି ବୟାନକୁ କପୋଳକଳ୍ପିତ ବୋଲି ମେଲୋନୀ କହିଛନ୍ତି। 'ମୋର ଲୋକପ୍ରିୟତା ଆପଣଙ୍କ ଚିନ୍ତାର ବିଷୟ ନୁହେଁ, ମୁଁ ପରାମର୍ଶ ଦେବି ଯେ ଆପଣ ନିଜ ଲୋକପ୍ରିୟତା ଉପରେ ଧ୍ୟାନ ଦିଅନ୍ତୁ' ବୋଲି ମେଲୋନୀ କହିଛନ୍ତି। ତାଙ୍କର ଲୋକପ୍ରିୟତା ଇଟାଲୀର ଜାତୀୟ ସ୍ୱାର୍ଥ ରକ୍ଷା କରିବା ଉପରେ ନିର୍ଭର କରେ, ଟ୍ରମ୍ପଙ୍କ ସହ ସମ୍ପର୍କ ଉପରେ ନୁହେଁ। ଇଟାଲୀ ଏକ ସାର୍ବଭୌମ ରାଷ୍ଟ୍ର ଏବଂ ସାମରିକ ଘାଟି ବ୍ୟବହାର ଚୁକ୍ତିନାମା ଉଲ୍ଲଂଘନ ହେବ ନାହିଁ ବୋଲି ସେ କହିଛନ୍ତି।



# ଧାରଣା ଜାରି ପାଇଁ କକ୍ରୋଚ୍ ପାର୍ଟିକୁ ମିଳିଲାନି ଅନୁମତି

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ପରୀକ୍ଷା ପରିଚାଳନାରେ ଅନିୟମିତତା ଏବଂ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ବିରୋଧରେ ଦିଲ୍ଲୀର ଯନ୍ତରମନ୍ତରଠାରେ କକ୍ରୋଚ୍ ପାର୍ଟି (ସିଜେପି) ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ତେବେ ବିକ୍ଷୋଭ ପାଇଁ ଧାରଣାସ୍ଥଳର ଅନୁନତି ସମୟ ନେଇ ବିବାଦ ଦେଖା ଦେଇଛି। ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପକେ ପୁଲିସର ନିର୍ଦ୍ଦେଶ ସତ୍ତ୍ୱେ ପ୍ରତିବାଦ ସ୍ଥଳ ଛାଡିବାକୁ ସଫା ମନା କରିଦେଇଛନ୍ତି। ଦିଲ୍ଲୀ ପୁଲିସ ପକ୍ଷରୁ ଶନିବାର ଅପରାହ୍ଣ ୫ଟା ପର୍ଯ୍ୟନ୍ତ ପ୍ରତିବାଦ ପାଇଁ ଅନୁମତି ଦିଆଯାଇଥିଲା। ଧାରଣାର ସମୟ ସୀମା ବୃଦ୍ଧି ପାଇଁ ଦୀପକେ ଆବେଦନ କରିଥିଲେ। ମାତ୍ର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନୁମତି ମିଳି ନଥିଲା ଏବଂ ସେମାନେ ଧାରଣାସ୍ଥଳ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଦୀପକେ ଅଟଳ ରହିଛନ୍ତି। ଶିକ୍ଷାମନ୍ତ୍ରୀ ଇସ୍ତଫା ନଦେବା ପର୍ଯ୍ୟନ୍ତ ସେ ଧାରଣାସ୍ଥଳ ଛାଡ଼ିବେ ନାହିଁ ବୋଲି ଜିଦ୍ ଧରିଛନ୍ତି। ସେପଟେ ଧାରଣା ସ୍ଥଳରେ ଦେଶର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଛାତ୍ରଛାତ୍ରୀ ଏବଂ ସମର୍ଥକ ପହଞ୍ଚିଛନ୍ତି। ସେମାନେ ଥାଳି ଓ ଚାମଚ ବଜାଇ ସରକାରଙ୍କ ବିରୋଧରେ ପ୍ରତିବାଦ କରିଛନ୍ତି।

# ନିଟ୍ ପରୀକ୍ଷା ବିଭ୍ରାଟ: ନାଗପୁର ଛାତ୍ରଙ୍କ ପାଇଁ ଆବୁଧାବୀ କେନ୍ଦ୍ର

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ହେବାକୁ ଥିବା ପ୍ରବେଶିକା ପରୀକ୍ଷା ପୂର୍ବରୁ ଜଣେ ପ୍ରାର୍ଥୀଙ୍କ ପରୀକ୍ଷା କେନ୍ଦ୍ରକୁ ନେଇ ସୃଷ୍ଟି ହୋଇଥିବା ବଡ଼ ବିଭ୍ରାଟର ସମାଧାନ ହୋଇଛି। ନାଗପୁରର ଜଣେ ଛାତ୍ରଙ୍କ ପରୀକ୍ଷା କେନ୍ଦ୍ର ଭୁଲବଶତଃ ସୁଦୂର ଆବୁଧାବିରେ ହୋଇଯାଇଥିବା ବେଳେ ଜାତୀୟ ପରୀକ୍ଷା ସଂସ୍ଥାର ମହାନିର୍ଦ୍ଦେଶକ ଅଭିଷେକ ସିଂହ ଶନିବାର ଏହା ସଂଶୋଧନ ହୋଇଥିବା ସ୍ପଷ୍ଟ କରିଛନ୍ତି। ନାଗପୁରର ପରୀକ୍ଷାର୍ଥୀ ଅବଦୁଲ୍ଲା ମହମ୍ମଦ ତାଲିବ ନିଜର ପ୍ରବେଶ ପତ୍ର ଡାଉନଲୋଡ୍ କରିବା ପରେ ତାଙ୍କର ପରୀକ୍ଷା କେନ୍ଦ୍ର ସଂଯୁକ୍ତ ଆରବ ଏମିରେଟ୍ସର ଆବୁଧାବିରେ ଥିବା ଏକ ବିଦ୍ୟାଳୟରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାକୁ ନେଇ ଛାତ୍ର ଓ ତାଙ୍କ ପରିବାର ଚିନ୍ତାରେ ପଡ଼ିଯାଇଥିଲେ। ସେମାନେ ସଂସ୍ଥାର ସହାୟତା କେନ୍ଦ୍ର ସହ ଯୋଗାଯୋଗ କରିବା ପରେ ଶନିବାର ସୁଦ୍ଧା ତାଙ୍କୁ ନାଗପୁରରେ ହିଁ ଏକ ନୂତନ ପରୀକ୍ଷା କେନ୍ଦ୍ର ଆବଣ୍ଟନ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ମେ ୩ ତାରିଖରେ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରକାଶ ପାଇବା ଅଭିଯୋଗ ପରେ ଏହାକୁ ବାତିଲ କରାଯାଇଥିଲା। ଏବେ ଜୁନ୍ ୨୧ ତାରିଖରେ ସାରା ଦେଶରେ ପୁନଃ ପରୀକ୍ଷା କରାଯାଉଛି। ଏଥିପାଇଁ ବିମାନବନ୍ଦର ଭଳି ସୁରକ୍ଷା, ପ୍ରଶ୍ନପତ୍ର ଗାଡ଼ିରେ ଜିପିଏସ୍ ଟ୍ରାକିଂ ଏବଂ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି ନଜର ରଖାଯିବା ସହ ଶନିବାର ଏକ ପୂର୍ବ ପ୍ରସ୍ତୁତି ଅଭ୍ୟାସ ମଧ୍ୟ କରାଯାଇଛି। ଏହି ପୁନଃ ପରୀକ୍ଷାରେ ପ୍ରାୟ ୨୨ ଲକ୍ଷରୁ ଅଧିକ ସମଗ୍ର ଦେଶର ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି। ପରୀକ୍ଷାର୍ଥୀମାନଙ୍କ ଯାତାୟାତ ପାଇଁ ବିଭିନ୍ନ ରାଜ୍ୟରେ ମାଗଣା ବସ୍ ସେବା ଏବଂ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଥିବା ବେଳେ ଜାତୀୟ ପରୀକ୍ଷା ସଂସ୍ଥା ପରୀକ୍ଷାର୍ଥୀମାନଙ୍କୁ କୌଣସି ଗୁଜବ ପ୍ରତି ଧ୍ୟାନ ନଦେବାକୁ ଅନୁରୋଧ କରିଛି।

# ଢାକାରେ ହିନ୍ଦୁଙ୍କ ବିଶାଳ ପ୍ରତିବାଦ



ଢାକା, ୨୦।୬(ଏଜେନ୍ସି): ବାଂଲାଦେଶରେ ପ୍ରଭୁ ଶ୍ରୀରାମଙ୍କ ଛବି ଅବମାନନା ଏବଂ ଗାଇବାନ୍ଧା ଜିଲ୍ଲାରେ ଏକ ୮୧ ଫୁଟ୍‌ର ଶ୍ରୀରାମ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବା ପ୍ରତିବାଦରେ ଶୁକ୍ରବାର ଢାକାରେ ହଜାର ହଜାର ହିନ୍ଦୁ ସମ୍ପ୍ରଦାୟର ଲୋକ ବିଶାଳ ମଶାଲ ଶୋଭାଯାତ୍ରା କରିଛନ୍ତି। 'ହିନ୍ଦୁ ମହାଜୋଟ'ର ଆହ୍ୱାନରେ ସାହବାଗରୁ ପ୍ରେସ୍ କ୍ଲବ୍ ପର୍ଯ୍ୟନ୍ତ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କିଛି କଠୋରପନ୍ଥୀ ସଙ୍ଗଠନର ଧମକ ଯୋଗୁଁ ରାଧା ଗୋବିନ୍ଦ ମନ୍ଦିର କମିଟି ପକ୍ଷରୁ ଚାଲିଥିବା ରାମ ମୂର୍ତ୍ତି ନିର୍ମାଣ କାର୍ଯ୍ୟକୁ ସାମାଜିକ ସହସ୍ରତା ରକ୍ଷା ପାଇଁ ବାଧ ହୋଇ ସ୍ଥଗିତ ରଖାଯାଇଛି। ଏହା ସହ ରାମଙ୍କ ଛବିକୁ ଅପମାନିତ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଆନ୍ଦୋଳନକାରୀମାନେ ତାରିକ୍ ରହମାନଙ୍କ ନେତୃତ୍ୱାଧୀନ ବିଏନପି ସରକାରଙ୍କୁ ୭୨ ଘଣ୍ଟାର ଅଲ୍ଟିମେଟମ୍ ଦେଇଛନ୍ତି। ଦାବି ପୂରଣ ନହେଲେ ଦେଶର ୬୪ଟି ଯାକ ଜିଲ୍ଲାରେ ଶ୍ରୀରାମ ମନ୍ଦିର ନିର୍ମାଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବାଂଲାଦେଶରେ ଚଳିତ ବର୍ଷ ଜାନୁଆରୀ ୧ ରୁ ମାର୍ଚ୍ଚ ୩୧ ମଧ୍ୟରେ ପ୍ରାୟ ୧୩୩ଟି ସାମ୍ପ୍ରଦାୟିକ ହିଂସା ମାମଲା ସାମ୍ନାକୁ ଆସିଛି, ଯାହା ସଂଖ୍ୟାଲଘୁ ହିନ୍ଦୁମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଟିଏମ୍‌ସି ନେତା ଜାହାଙ୍ଗୀରଙ୍କ ପତ୍ନୀ ଗିରଫ

କୋଲକାତା, ୨୦।୬(ଏଜେନ୍ସି): ପଶ୍ଚିମବଙ୍ଗର ଫାଲ୍‌ତା ଅଞ୍ଚଳର ବାହୁବଳୀ ପୂର୍ବତନ ତୃଣମୂଳ କଂଗ୍ରେସ ନେତା ଜାହାଙ୍ଗୀର ଖାନଙ୍କ ପତ୍ନୀ ସରିନା ବିବିଙ୍କୁ ଶନିବାର ସକାଳେ ପୁଲିସ ଗିରଫ କରିଛି। ପୁଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ଉପରେ ହୋଇଥିବା ଆକ୍ରମଣ ତଥା ଥାନାରେ ହୋଇଥିବା ହିଂସାତ୍ମକ ପ୍ରତିବାଦ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଗତ ଜୁନ୍ ୮ ତାରିଖରେ ନେପାଳ ସୀମାରୁ ଗିରଫ ହୋଇଥିବା ଜାହାଙ୍ଗୀର ଖାନଙ୍କୁ ପୁଲିସ ଅଣ୍ଟାରେ ଦଉଡ଼ି ବାନ୍ଧି ରାସ୍ତାରେ ଚଲାଉଥିବାରୁ ତାଙ୍କ ପତ୍ନୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ଥାନା ଉପରେ ଆକ୍ରମଣ କରି ସ୍ୱାମୀଙ୍କୁ ମୁକ୍ତ କରିବା ପାଇଁ ସରିନା ବିବି ପ୍ରତିବାଦର ନେତୃତ୍ୱ ନେଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏହି ହିଂସାକାଣ୍ଡ ମାମଲାରେ ବର୍ତ୍ତମାନ ସୁଦ୍ଧା ୨୭ ଜଣଙ୍କୁ ଗିରଫ କରାଯାଇ ସାରିଲାଣି। ମୁଖ୍ୟମନ୍ତ୍ରୀ ସୁଭେନ୍ଦୁ ଅଧିକାରୀ ଏହି ଘଟଣାକୁ ଗୁରୁତର ସହ ନେଇ ସରିନାଙ୍କ ବିରୋଧରେ ଦେଶବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ମାମଲା ରୁଜୁ କରିବାକୁ ଏବଂ ଦୋଷୀଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଷେକ ବାନାର୍ଜୀଙ୍କ ଅତି ନିକଟତର କୁହାଯାଉଥିବା ଜାହାଙ୍ଗୀର ଖାନ୍ ନିର୍ବାଚନ ସମୟରେ ବିବାଦକୁ ଆସିଥିଲେ। ପଶ୍ଚିମବଙ୍ଗରେ ସରକାରୀ ପରିବର୍ତ୍ତନ ପରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ନୂତନ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବାରୁ ବାହୁବଳୀ ନେତାଙ୍କ ପରିବାର ଉପରେ ଏହି କାର୍ଯ୍ୟାନୁଷ୍ଠାନ ରାଜ୍ୟ ରାଜନୀତିକୁ ସରଗରମ କରିଛି।

# ଉଦ୍ଧବଙ୍କ ସମର୍ଥନରେ ବାହାରିଲେ ରାଜ୍



ମୁମ୍ବାଇ, ୨୦।୬(ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ଏକ ବଡ଼ ଏବଂ ଆଶ୍ଚର୍ଯ୍ୟଜନକ ସମୀକରଣ ଦେଖିବାକୁ ମିଳିଛି। ଶିବସେନା (ଉଦ୍ଧବ ଗୋଷ୍ଠୀ) ର ୬ ଜଣ ଲୋକସଭା ସାଂସଦଙ୍କ ବିଦ୍ରୋହ ପରେ ଏବେ ଉଦ୍ଧବ ଠାକରେଙ୍କ ସମର୍ଥନରେ ଆଗେଇ ଆସିଛନ୍ତି ତାଙ୍କ ସମ୍ପର୍କୀୟ ଭାଇ ତଥା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ସି) ମୁଖ୍ୟ ରାଜ୍ ଠାକରେ। ରାଜନୈତିକ ଫାଇଦା ପାଇଁ ଜନପ୍ରତିନିଧିମାନଙ୍କୁ ଭାଙ୍ଗିବାକୁ ଚେଷ୍ଟା କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ମୁମ୍ବାଇରେ ଏକ ସଭାକୁ ସମ୍ବୋଧିତ କରି ରାଜ୍ ଠାକରେ କହିଛନ୍ତି ଯେ କ୍ଷମତା ପାଇଁ ରାଜନୀତି ଏବେ ଚରମ ସୀମାରେ ପହଞ୍ଚିଛି ଏବଂ ବିଧାୟକ ତଥା ସାଂସଦମାନଙ୍କୁ ଅପହରଣ କରିବା ଭଳି ଏହି ଖେଳରେ ଆମେ ମହାରାଷ୍ଟ୍ରର ପରମ୍ପରା ଓ ଇତିହାସକୁ ଭୁଲିଯାଉଛୁ। ସୂଚନାଯୋଗ୍ୟ ଯେ, ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକକୁ ଶିବସେନା (ଉଦ୍ଧବ ଗୋଷ୍ଠୀ) ର ୯ ଜଣ ସାଂସଦଙ୍କ ମଧ୍ୟରୁ ୬ ଜଣ ଅନୁପସ୍ଥିତ ରହି ବିଦ୍ରୋହର ଆଭାସ ଦେଇଛନ୍ତି। ଏହା ଉପରେ ପ୍ରତିକ୍ରିୟା ରଖି ଉଦ୍ଧବ ଠାକରେ ମଧ୍ୟ କହିଥିଲେ ଯେ ସେ ଦଳର ସଭାପତି ପଦ ଛାଡ଼ିବାକୁ ପ୍ରସ୍ତୁତ, କିନ୍ତୁ ଦଳର ସୁପ୍ରିମୋ ପଦ କୌଣସି ଚୋର ହାତକୁ ଯିବାକୁ ଦେବେ ନାହିଁ। ବିଦ୍ରୋହୀ ସାଂସଦମାନଙ୍କୁ ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ୨୦୨୨ ମସିହାରେ ଏକନାଥ ସିନ୍ଦେଙ୍କ ବିଦ୍ରୋହ ପରେ ଏହି ନୂତନ ସଙ୍କଟ ଉଦ୍ଧବ ଠାକରେଙ୍କ ଗୋଷ୍ଠୀ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏଭଳି ସମୟରେ ପାର୍ଥକ୍ୟ ଭୁଲି ଦୁଇ ଠାକରେ ଭାଇ ଏକାଠି ହେବା ମହାରାଷ୍ଟ୍ର ରାଜନୀତିକୁ ଏକ ନୂଆ ମୋଡ଼ ଦେଇଛି।

# ଭେଣ୍ଟିଲେଟରରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ

## ୫୨ ସେମିଷ୍ଟାର ବିଳମ୍ବ; ଅନିଶ୍ଚିତତାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

ଭୁବନେଶ୍ୱର, ୨୦।୬ (ବିଶ୍ୱଜିତ୍ ଗାଇଗରିଆ):

ପିଲାଙ୍କ ପାଠପଢ଼ା ସହିତ ପାଠ୍ୟକ୍ରମର ଅବଧି ସରିଲାଣି; ମାତ୍ର ସେମିଷ୍ଟାର ପରୀକ୍ଷା ହେଉନି। ୨ ବର୍ଷିଆ ପାଠ୍ୟକ୍ରମ ସରି ୩ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ପରୀକ୍ଷା ସରିନାହିଁ। ୪ ବର୍ଷିଆ ପାଠ୍ୟକ୍ରମର ଶେଷ ବର୍ଷର ପଢୁଥିବା ଛାତ୍ରଛାତ୍ରୀଙ୍କ ମାତ୍ର ୨ଟି ସେମିଷ୍ଟାର ସରିଛି। ଗୋଟିଏ କି ଦୁଇଟି ନୁହେଁ, ସମୁଦାୟ ୫୨ ଟି ସେମିଷ୍ଟାର ପରୀକ୍ଷା ଅଟକି ରହିଛି।

■ ନର୍ସିଂ, ଫାର୍ମାସୀ, ଆୟୁର୍ବେଦ ଓ ହୋମିଓପାଥି ପାଠ୍ୟକ୍ରମ ପ୍ରଭାବିତ
■ ନିଯୁକ୍ତି, ଇଣ୍ଟର୍ନଶିପ୍ ଓ କ୍ୟାମ୍ପସ୍ ପ୍ଲେସମେଣ୍ଟରୁ ବଞ୍ଚିତ ଛାତ୍ରଛାତ୍ରୀ

ରାଜ୍ୟର ସ୍ୱାସ୍ଥ୍ୟ ଶିକ୍ଷାର ମାନଦଣ୍ଡ ସମ୍ଭାଳୁଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାର ଏହି ବିକଳ ଚିତ୍ର ଦେଖିବାକୁ ମିଳିଛି। ଗୁରୁତର ପ୍ରଶାସନିକ ସଙ୍କଟ ଦେଇ ଗତି କରୁଥିବା ଏହି ବିଶ୍ୱବିଦ୍ୟାଳୟର ଏକାଡେମିକ୍ କ୍ୟାଲେଣ୍ଡର ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୨୦୨୩-୨୪ ଶିକ୍ଷା ବର୍ଷରେ ନାମଲେଖାଇଥିବା ବିଏସ୍‌ସି ନର୍ସିଂ ପିଲାଙ୍କ ୩ ବର୍ଷ ପାଠପଢ଼ା ସରି ଶେଷ ବର୍ଷର ପାଠପଢ଼ା ଆରମ୍ଭ ହେଲାଣି। ଏଯାଏଁ ୬ ଟି ସେମିଷ୍ଟାର ପରୀକ୍ଷା ସରିବା ସ୍ଥାନରେ ମାତ୍ର ୨ଟି ସେମିଷ୍ଟାର ପରୀକ୍ଷା ସରିଛି। ଅବଶିଷ୍ଟ ୪ଟି ସେମିଷ୍ଟାର ପରୀକ୍ଷା ହୋଇନାହିଁ ଏବଂ କେବେ ହେବ ତାହାର ମଧ୍ୟ କୌଣସି ଠିକଣା ନାହିଁ। ଅନୁରୂପ ଭାବେ ଏହି ପାଠ୍ୟକ୍ରମରେ ୨୦୨୪-୨୫ ଶିକ୍ଷାବର୍ଷରେ ନାମ ଲେଖାଇଥିବା ପିଲାଙ୍କ ମାତ୍ର ଗୋଟିଏ ସେମିଷ୍ଟାର ସରିଥିବାବେଳେ ୩ଟି ବାକି ରହିଛି। କେବଳ ବିଏସ୍‌ସି ନର୍ସିଂ ନୁହେଁ, ପିବି ବିଏସ୍‌ସି ନର୍ସିଂ ପାଠ୍ୟକ୍ରମରେ ମଧ୍ୟ ସମାନ ଅବସ୍ଥା। ୨୦୨୩-୨୪ରେ ନାମଲେଖାଇଥିବା ପିଲାଙ୍କ ପାଠପଢ଼ା ୨୦୨୫ ରୁ ସରିଲାଣି। ବର୍ଷେ ହେବ ସେମାନେ ଶିକ୍ଷାନୁଷ୍ଠାନକୁ ପଢ଼ିବାକୁ ମଧ୍ୟ ଆସୁନାହାନ୍ତି। ମାତ୍ର ସେମାନଙ୍କ ଦ୍ୱିତୀୟ ବର୍ଷ ପରୀକ୍ଷା ଏବେ ଯାଏଁ ହୋଇନାହିଁ। ସେହିପରି ୨୦୨୪-୨୫ ଶିକ୍ଷାବର୍ଷରେ ନାମ ଲେଖାଇଥିବା ପିଲାଙ୍କ ପାଠପଢ଼ା ସରିଥିଲେ ମଧ୍ୟ ପରୀକ୍ଷା ସରିନାହିଁ। ଏମ୍‌ଏସ୍‌ସି ନର୍ସିଂ ପାଠ୍ୟକ୍ରମର ମଧ୍ୟ ସମାନ ଅବସ୍ଥା। ଏହି ୨ ବର୍ଷିଆ ପାଠ୍ୟକ୍ରମ ପାଇଁ ୨୦୨୩-୨୪ରେ ନାମଲେଖାଇଥିବା ପିଲାମାନେ ୨୦୨୫ରୁ ପଢ଼ା ସାରିଥିଲେ ମଧ୍ୟ ଏଯାଏଁ ପରୀକ୍ଷା ହୋଇପାରିନାହିଁ। ବିଫାର୍ମ ଓ ଏମ୍. ଫାର୍ମ ଛାତ୍ରଛାତ୍ରୀମାନେ ମଧ୍ୟ ପରୀକ୍ଷା ହେଉ ନ ଥିବାରୁ ପ୍ରମାଦ ଗଣୁଛନ୍ତି।

ଆୟୁର୍ବେଦ ପାଠ୍ୟକ୍ରମରେ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ପିଲାଙ୍କ ଅବସ୍ଥା ସବୁଠାରୁ ଦୁର୍ଭାଗ୍ୟଜନକ। ସାଢ଼େ ୫ ବର୍ଷିଆ ଏହି ପାଠ୍ୟକ୍ରମ ପାଇଁ ୨୦୨୩-୨୪ ରେ ସ୍ନାତକ ପାଇଁ ନାମଲେଖାଇଥିବା ପିଲାଙ୍କ ବର୍ଷକୁ ଗୋଟିଏ ଲେଖାଏଁ ମୋଟ୍ ୪ଟି ପରୀକ୍ଷା ସରିବା କଥା। ମାତ୍ର କେବଳ ଗୋଟିଏ ବାର୍ଷିକ ପରୀକ୍ଷା ସରିଥିବାବେଳେ



ଅବଶିଷ୍ଟ ୩ଟି ପରୀକ୍ଷା ଏଯାଏଁ ହୋଇପାରିନି। ପିଲା ଶେଷ ବର୍ଷର ପାଠ ପଢୁଥିବାବେଳେ ଦ୍ୱିତୀୟ ବର୍ଷର ପରୀକ୍ଷା ଦେଇନାହାନ୍ତି। ୨୦୨୪-୨୫ ପିଲାଙ୍କ ପ୍ରଥମ ପରୀକ୍ଷା ଜାରି ରହିଥିବାବେଳେ ଅବଶିଷ୍ଟ ୩ଟି ପରୀକ୍ଷା କେବେ ହେବ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆୟୁର୍ବେଦରେ ସ୍ନାତକ ପିଲାଙ୍କ ମୋଟ୍ ୧୦ଟି ପରୀକ୍ଷା ପେଣ୍ଡିଂ ଥିବାବେଳେ ସ୍ନାତକୋତ୍ତର ପିଲାଙ୍କ ୫ଟି ପରୀକ୍ଷା ବାକି ରହିଛି। ଏନୁରୂପ ଭାବେ ହୋମିଓପାଥି ସ୍ନାତକ ପାଠ୍ୟକ୍ରମରେ ୨୦୨୩-୨୪ ପିଲାଙ୍କ ମାତ୍ର ଗୋଟିଏ ପରୀକ୍ଷା ସରିଥିବାବେଳେ ଆହୁରି ୧୧ଟି ପରୀକ୍ଷା ପେଣ୍ଡିଂ ରହିଛି। ସେହିପରି ସ୍ନାତକୋତ୍ତର ପିଲାଙ୍କ ମାତ୍ର ଗୋଟିଏ ପରୀକ୍ଷା ହୋଇଥିବାବେଳେ ଆଉ ୫ଟି ପରୀକ୍ଷା କରିବାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି।

ପରୀକ୍ଷା ଏବଂ ଫଳ ପ୍ରକାଶ ବିଳମ୍ବ ହେବାରୁ ଅନେକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ଯୋଗ୍ୟ ହୋଇପାରୁ ନାହାନ୍ତି। ନର୍ସିଂ ଓ ଫାର୍ମାସି କ୍ଷେତ୍ରରେ ନିଯୁକ୍ତି, ଇଣ୍ଟର୍ନଶିପ୍, କ୍ୟାମ୍ପସ୍ ପ୍ଲେସମେଣ୍ଟ ଓ ଉଚ୍ଚତର ଅଧ୍ୟୟନ ପାଇଁ ମାର୍କସିଟ୍ ଓ ସର୍ଟିଫିକେଟ୍ ଆବଶ୍ୟକ ହେଉଥିବା ବେଳେ ଛାତ୍ରଛାତ୍ରୀମାନେ ଏହି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ପରୀକ୍ଷା କେବେ ହେବ ଏବଂ ଫଳ କେବେ ପ୍ରକାଶ ପାଇବ, ସେନେଇ କୌଣସି ସ୍ପଷ୍ଟତା ନଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଭୟଙ୍କର ମାନସିକ ଚାପରେ ରହିଛନ୍ତି। ନିଜର ଭବିଷ୍ୟତ ପ୍ରତି ଅନିଶ୍ଚିତତା ଘୋଟି ରହିଥିବାବେଳେ ବୟସ ସୀମାଭିତ୍ତିକ ନିଯୁକ୍ତି ସୁଯୋଗ ହରାଇବାର ଆଶଙ୍କା ବଢ଼ିଛି। ବିଶେଷଜ୍ଞମାନଙ୍କ ମତରେ, ନର୍ସିଂ ଓ ଫାର୍ମାସି କ୍ଷେତ୍ର ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଳ ଆଧାର। ଏହି କ୍ଷେତ୍ରର ଶିକ୍ଷାର୍ଥୀଙ୍କ ପରୀକ୍ଷା ଓ ଶିକ୍ଷା ପ୍ରକ୍ରିୟା ବିଳମ୍ବ ହେବା ଅର୍ଥ ଭବିଷ୍ୟତରେ ଦକ୍ଷ ନର୍ସ, ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପଲବ୍ଧତା ଉପରେ ମଧ୍ୟ ପ୍ରଭାବ ପଡ଼ିବ। ପ୍ରାୟ ୫୨ ରୁ ଅଧିକ ସେମିଷ୍ଟାର ପରୀକ୍ଷା ବିଳମ୍ବ ନେଇ ବିଶ୍ୱବିଦ୍ୟାଳୟର କାର୍ଯ୍ୟଦକ୍ଷତା ଓ ପ୍ରଶାସନିକ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଡିଜେ ସାଉଣ୍ଡ ନେଲା ମହିଳାଙ୍କ ଜୀବନ



ପାଟଣାଗଡ଼,୨୦।୬(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ ଥାନା ବ୍ରହ୍ମପୁରାସ୍ଥିତ ସହରାପଡ଼ାରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଡିଜେଗାଡି ସାଉଣ୍ଡରେପଡାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସହରାପଡାର ଲୋଚନା ବାହୁ(୪୫)।

■ ମୃତ୍ୟୁକୁ ନେଇ ଉତ୍ତେଜନା
■ ପାଟଣାଗଡ଼-କଣ୍ଟାବାଞ୍ଜି ମୁଖ୍ୟ ରାସ୍ତା ଅବରୋଧ

ପାଟଣାଗଡ଼ ସହରାପଡାରେ ଗୋଟିଏ ବାହାଘର ଥିଲା। ବିଳମ୍ବିତ ରାତିରେ ନବବଧୂଙ୍କୁ ମନ୍ଦିର ଦର୍ଶନ ପାଇଁ ନେବା ସମୟରେ ଅତ୍ୟଧିକ ସାଉଣ୍ଡରେ ଡିଜେ ବଜାଯାଉଥିଲା। ଏହି ସମୟରେ ଲୋଚନା ତାଙ୍କ ନାତୁଣୀକୁ ସ୍ନାନ କରାଉଥିଲେ। ଡିଜେ ସାଉଣ୍ଡ ତାଙ୍କୁ ବ୍ୟଥିତ କରୁଛି, ତେଣୁ ଡିଜେ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ; କିନ୍ତୁ ବରପକ୍ଷ ତାଙ୍କ କଥାକୁ ନ ମାନି ଆହୁରି ସାଉଣ୍ଡ ଦେଇ ଡିଜେ ବଜାଇ ଚାଲିଥିଲେ। କିଛି ସମୟ ପରେ ଲୋଚନା ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ପାଟଣାଗଡ଼ ଡାକ୍ତରଖାନା ନେଇଥିଲେ। ସେଠାରୁ ବଲାଙ୍ଗିର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଲୋଚନାଙ୍କ ଅବସ୍ଥା ସଙ୍କଟାପନ୍ନ କହିବାରୁ ପୁଣି ପାଟଣାଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଲୋଚନାଙ୍କ ମୃତ୍ୟୁ ଘଟିଥିଲା।

ପରିବାର ଲୋକେ ଡିଜେ ସାଉଣ୍ଡ ଯୋଗୁଁ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଆଣି ସହରାପଡାରେ ପାଟଣାଗଡ଼-କଣ୍ଟାବାଞ୍ଜି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଅବରୋଧ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱର ଯାନବାହାନ ଅଟକି ରହିଥିଲା। ଘଟଣାସ୍ଥଳକୁ ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡତ୍ୟା ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ; କିନ୍ତୁ ପରିବାର ଲୋକେ କ୍ଷତିପୂରଣ ଦାବି ନେଇ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପ୍ରାୟ ଘଣ୍ଟା ପରେ ପାଟଣାଗଡ଼ ତହସିଲଦାର ରୁଦ୍ର ମୋହନ ନାୟକ ପହଞ୍ଚି ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଡିଜେ ଗାଡି ଡ୍ରାଇଭର ଓ ଅପରେଟରର ବିରୋଧରେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ପିଏମ୍ କିଷାନ ଯୋଜନାର ୨୩ତମ କିସ୍ତି ପ୍ରଦାନ

# ୩୪.୬୪ ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କ ବ୍ୟାଙ୍କ ଖାତାକୁ ଗଲା ୬୯୨.୮୬ କୋଟି

ବାରିପଦା, ୨୦।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପଶ୍ଚିମବଙ୍ଗର ହୁଗୁଳିସ୍ଥ ତାରକେଶ୍ୱରଠାରେ ପିଏମ୍ କିଷାନ ଯୋଜନାର ୨୩ତମ କିସ୍ତି ପ୍ରଦାନ କରାଯାଇଛି। ସମଗ୍ର ଦେଶରେ ୯ କୋଟି ୪୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୧୮, ୮୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ଓଡ଼ିଶାର ୩୪.୬୪ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଆଜି ୬୯୨.୮୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ପିଏମ୍ କିଷାନ ଯୋଜନା ଦେଶର ଏକ ପ୍ରମୁଖ କୃଷକ କଲ୍ୟାଣକାରୀ ଯୋଜନା। କେନ୍ଦ୍ର ସରକାରଙ୍କ ଏହି ଯୋଜନା ଅନ୍ତର୍ଗତ ମିଳୁଥିବା ଆର୍ଥିକ ସହାୟତାକୁ ଚାଷୀ ବିହନ, ସାର, କୀଟନାଶକ ଓ ଚାଷ ପାଇଁ ଆବଶ୍ୟକ ଅନ୍ୟାନ୍ୟ ଜିନିଷ କିଣିବା ପାଇଁ ବ୍ୟବହାର କରିପାରିବେ। ଏଥିରେ ସମସ୍ତ ଯୋଗ୍ୟ କୃଷକଙ୍କୁ ସମାନ ତିନୋଟି କିସ୍ତିରେ ବର୍ଷକୁ ମୋଟ ୬ ,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଅନ୍ନଦାତାଙ୍କ ସମ୍ମାନାର୍ଥେ ଏହି ଦିନକୁ ସାରା ଦେଶ ତଥା ରାଜ୍ୟରେ ଉତ୍ସର୍ଗୀକୃତ ଭାବେ ରାଷ୍ଟ୍ରୀୟ କୃଷକ ଉତ୍ସବ ଦିବସ ରୂପେ ପାଳନ କରାଯାଉଛି।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ପିଏମ୍ କିଷାନ ସହାୟତା ପ୍ରଦାନ ଉତ୍ସବ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରସ୍ଥ ମହତାବ ଭବନ ଟାଉନ ହଲଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ ଚାଷୀ ଭାଇଭଉଣୀଙ୍କୁ ସମ୍ବୋଧନ କରି କହିଥିଲେ, ଓଡ଼ିଶା ଏପରି ଏକ ରାଜ୍ୟ ଯେଉଁଠି



ରବିଋତୁରେ ମଧ୍ୟ ଚାଷୀଙ୍କଠାରୁ ସରକାର କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ ସଂଗ୍ରହ କରୁଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟର ଚାଷୀ ବିଭିନ୍ନ ଫଳ, ପନିପରିବା ଚାଷ କରି ବିଦେଶକୁ ରପ୍ତାନି କରି ଭଲ ରୋଜଗାର କରିଛନ୍ତି ଓ ଚାଷୀ ହସିଲେ ଦେଶ ହସିବ ଉକ୍ତିକୁ ସତ୍ୟରେ ପରିଣତ କରିପାରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ, ଚଳିତ ବର୍ଷ ଏଲ୍-ନିନୋର ପ୍ରଭାବ ଅନୁଭୂତ ହେବାର ଆଶଙ୍କା ରହିଛି। ତେଣୁ ଚାଷୀମାନେ ସ୍ୱଳ୍ପ ଅବଧିଯୁକ୍ତ ଫସଲ କିସମ ଚାଷ କରନ୍ତୁ। ଏହାଦ୍ୱାରା ଆପଣଙ୍କ ଫସଲ ଉତ୍ପାଦନ ପ୍ରଭାବିତ ହେବନାହିଁ। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଆହ୍ୱାନ ଅନୁଯାୟୀ ଡାଲି ଓ ତୈଳ ଜାତୀୟ ଫସଲ ରାଜ୍ୟରେ ଅଧିକ ପରିମାଣରେ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ଓଡ଼ିଶାକୁ ଡାଲି ଓ ତେଲରେ ଆତ୍ମନିର୍ଭର ପଥରେ ଅଗ୍ରସର କରିବ ଓ ସରକାର ଏହାକୁ ଏମଏସପି ଦରରେ ଚାଷୀଙ୍କଠାରୁ ସଂଗ୍ରହ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ସ୍ୱାଗତ ଭାଷଣ ଦେଇ କହିଥିଲେ, ସମସ୍ତ ଯୋଗ୍ୟ ଚାଷୀ ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ନିଜକୁ ପଞ୍ଜୀକରଣ କରାନ୍ତୁ ଓ ଯୋଜନାର ଲାଭ ଉଠାନ୍ତୁ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କୃଷି ନିର୍ଦ୍ଦେଶକ ଶୁଭମ ସାକସେନା, ବିଭାଗୀୟ ବରିଷ୍ଠ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପିଏମ୍ କିଷାନ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଉପଦେଶ ପ୍ରଦାନ କରିଥିଲେ। ରାଜ୍ୟର ସମସ୍ତ ଜିଲ୍ଲାରେ ଅବସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର, ଜାତୀୟ କୃଷି ଅନୁଷ୍ଠାନ, କେନ୍ଦ୍ର ଓ ରାଜ୍ୟସ୍ତରୀୟ କୃଷି ବିଶ୍ୱବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ପ୍ରସାରଣ କରାଯାଇଛି।

# ହତ୍ୟା ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର

## ୫ ଗିରଫ : ଦେଶୀ ପିସ୍ତଲ, ଗୁଳି, ଖୋକା, ଟାଙ୍ଗିଆ, ଫାର୍ସା, ମୋବାଇଲ ଜବତ

ରାଉରକେଲା,୨୦।୬(ସମିସ): ରାଉରକେଲା ସେକ୍ଟର-୭ ଥାନା ଅଧୀନ ସେକ୍ଟର-୬ ଅଞ୍ଚଳର ତୋଫାନ ବିନ୍ଧାଣୀ ହତ୍ୟାକାଣ୍ଡର ୭୨ ଘଣ୍ଟା ପରେ ରାଉରକେଲା ପୁଲିସକୁ ମିଳିଛି ସଫଳତା। ହତ୍ୟା ଘଟଣାରେ ୫ ଜଣ ଅଭିଯୁକ୍ତ ଥିଲେ ମଧ୍ୟ ଦୁଇ ଜଣ ଫେରାର ହେଉଥିବା ବେଳେ ପୁଲିସ ଏନକାଉଣ୍ଟରରେ ଆହତ ହୋଇଛନ୍ତି। ପୁଲିସ ଗତକାଲି ରାତିରେ ମୁଖ୍ୟ ଅଭିଯୁକ୍ତ ସମେତ ୫ ଜଣଙ୍କୁ ଗିରଫ କରିଥିଲା। ଗିରଫ ୫ ଜଣଙ୍କ ମଧ୍ୟରୁ ୨ ଅଭିଯୁକ୍ତ ଫେରାର ହେଉଥିବା ବେଳେ ପୁଲିସ ଭ୍ୟାନକୁ ଦେଖି ପୁଲିସ ଉପରକୁ ଗୁଳି ଚାଳନା କରିଥିଲେ। ଜବାବରେ ପୁଲିସ ସେମାନଙ୍କ ଉପରକୁ ଗୁଳି ଚାଳନା କରିଥିଲା। ଏଥିରେ ୨ ଅଭିଯୁକ୍ତ ଆହତ ହୋଇଛନ୍ତି। ଅଭିଯୁକ୍ତଙ୍କ ଡାହାଣଗୋଡ଼ର ଆଣ୍ଠୁରେ ଗୁଳି ବାଜିଛି। ଆହତ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ସୁଶାନ୍ତ ନାୟକ ଓରଫ୍ ନଣ୍ଡା ବାବୁ(୩୦) ଏବଂ ଚିନୁ ହରିପ୍ପା(୨୩)। ଉଭୟଙ୍କ ଘର ସେକ୍ଟର-୭ ଥାନା ଅଧୀନ ସେକ୍ଟର-୬ ନିକଟସ୍ଥ ନାରାୟଣପାଲ୍ଲୀ ବସ୍ତିରେ। ଉଭୟଙ୍କୁ ଗିରଫ କରାଯିବା ସହ ପୁଲିସ ସୁରକ୍ଷା ମଧ୍ୟରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ଏକ ମାଗାଜିନ, ଗୋଟିଏ ଜୀବନ୍ତ ଗୁଳି, ୨ଟି ଖୋକା(ଫୁଟା ଗୁଳି), ୨ଟି ଟାଙ୍ଗିଆ, ଗୋଟିଏ ଫାର୍ସା, ମୋବାଇଲ ଫୋନ୍ ଜବତ କରାଯାଇଛି। ଅନ୍ୟ ତିନି ଅଭିଯୁକ୍ତ ହେଲେ ସେକ୍ଟର-୭ ଥାନା ଅଧୀନ ସେକ୍ଟର- ୫ର କବିସମ୍ରାଟପାଲ୍ଲୀ ବସ୍ତିର ରୋହିତ ମୁଖି (୩୨), ସେକ୍ଟର-୭ ଥାନା ଅଧୀନ



ସେକ୍ଟର-୫ର ଗୋଲଘର ନିକଟ ଗଞ୍ଜାମପାଲ୍ଲୀ ବସ୍ତିର ରୋହିତ ହରିପା(୨୩) ଏବଂ ଝିରପାଣି ଥାନା ଅଧୀନ ପମ୍ପ ହାଉସ୍ ଅଞ୍ଚଳର ଜନସନ୍ ନାଗ୍ (୨୬)। ଗିରଫ ସୁଶାନ୍ତ ନାୟକଙ୍କ ନାମରେ ସେକ୍ଟର-୭ ଥାନାରେ ୩ଟି ମାମଲା ରହିଥିବାବେଳେ ରୋହିତ ହରିପ୍ପାଙ୍କ ନାଁରେ ସେକ୍ଟର-୭ ଥାନାରେ ଗୋଟିଏ ମାମଲା ଏବଂ ରୋହିତ ମୁଖିଙ୍କ ନାଁରେ ସେକ୍ଟର-୩ ଥାନାରେ ୨ଟି ମାମଲା ଏବଂ ଜନସନ୍ ନାଗଙ୍କ ନାଁରେ ଝିରପାଣି ଥାନାରେ ଗୋଟିଏ ମାମଲା ରହିଛି।

■ ଚାମେଲୀ ଓଝାଙ୍କୁ ଆକ୍ରମଣ ଘଟଣା

# ଫେରାର ଅଭିଯୁକ୍ତ ବିଶ୍ୱଜିତ୍ ମହାପାତ୍ର ଗିରଫ



ମହାକାଳପଡ଼ା,୨୦।୬ ( ସମିସ): ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲୀ ଓଝାଙ୍କ ଉପରେ ଆକ୍ରମଣ ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ବିଶ୍ୱଜିତ୍ ମହାପାତ୍ର ଶେଷରେ ପୁଲିସ ହାତରେ ଧରାପଡ଼ିଛନ୍ତି। ମହାକାଳପଡ଼ା ପୁଲିସକୁ ଚକ୍ମା ଦେଇ ବିଶ୍ୱଜିତ୍ ଭୁବନେଶ୍ୱର ଅଞ୍ଚଳରେ ଲୁଚି ବୁଲୁଥିଲେ। କୌଣସି ସୂତ୍ରରୁ ଖବର ପାଇ ମହାକାଳପଡ଼ା ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ନିଜ ଟିମ୍ ସହ ଚଢ଼ଉ କରିଥିଲେ। ପୁଲିସ ଅତର୍କିତ ଭାବେ ଘେରିଯିବାରୁ ବିଶ୍ୱଜିତ୍ ଖସିଯିବାକୁ ବାଟ ପାଇ ନ ଥିଲେ। ପୁଲିସ ତାଙ୍କୁ କାବୁ କରି ଥାନାକୁ ଆଣିଥିଲା। ପଚରାଉଚରା ପରେ ଆଜି ଅଭିଯୁକ୍ତ ହିମାଂଶୁ ଶେଖର ପ୍ରଧାନଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

ସୂଚନା ମୁତାବକ, ବ୍ଲକ୍ କାର୍ଯ୍ୟାଳୟର ବିଡିଓଙ୍କ ଅଫିସରେ ସରପଞ୍ଚ ଚାମେଲୀ ଓଝାଙ୍କ ସହ ବଚସା ଓ ଆକ୍ରମଣ ଘଟଣାରେ ବିଶ୍ୱଜିତ୍ ମୁଖ୍ୟ ଅଭିଯୁକ୍ତ ଥିଲେ। ଘଟଣା ପରଠାରୁ ସେ ଫେରାର ଥିଲେ। ତାଙ୍କୁ ଧରିବା ପାଇଁ ପୁଲିସ ନାକେଦମ୍ ହୋଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି, ଆଇନକୁ ନିଜ ହାତକୁ ନେବାକୁ କାହାରିକୁ ଅନୁମତି ଦିଆଯାଇନାହିଁ। ଅଭିଯୁକ୍ତ ଯେତେ ବଡ଼ ହେଲେ ବି ତାଙ୍କୁ ଗିରଫ କରାଯିବ। ବିଶ୍ୱଜିତଙ୍କୁ ମିଶାଇ ତିନିଜଣ ଗିରଫ ହେବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଜୋର ଧରିଛି।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧିଦଳ

ଭୁବନେଶ୍ୱର,୨୦।୬(ସମିସ): ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଶନିବାର ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ୍ ଗୋପାଳନ୍‌ଙ୍କୁ ସାକ୍ଷାତ କରି ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ(ଏସ୍‌ଆଇଆର୍) ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ପାରଦର୍ଶୀ ଓ ଜନବିଶ୍ୱାସୀ କରିବା ପାଇଁ ନିବେଦନ କରିଛନ୍ତି।



ପ୍ରତିନିଧି ମଣ୍ଡଳୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବୁଥ୍ ସ୍ତରୀୟ ଅଧିକାରୀଙ୍କ ଆପ୍ ମାଧ୍ୟମରେ ଗଣନା ଫର୍ମର ଡିଜିଟାଲ ନଥିକରଣ ସମ୍ପୂର୍ଣ୍ଣ ହେବା ପରେ ସମ୍ପୃକ୍ତ ଭୋଟରଙ୍କୁ ତୁରନ୍ତ ଏକ ସ୍ୱୀକୃତି ବାର୍ତ୍ତା ପଠାଯିବାକୁ ବିଜେଡି ଅନୁରୋଧ କରିଛି। ଏହାଦ୍ୱାରା ଭୋଟରମାନେ ନିଜ ଫର୍ମ ସଫଳତାର ସହ ଗ୍ରହଣ ଏବଂ ନଥିଭୁକ୍ତ ହୋଇଥିବାର ନିଶ୍ଚିତତା ପାଇପାରିବେ, ଯାହା ସମଗ୍ର ପ୍ରକ୍ରିୟାର ସ୍ୱଚ୍ଛତା ଓ ଜନବିଶ୍ୱାସକୁ ଆହୁରି ସୁଦୃଢ଼ କରିବ। ଦ୍ୱିତୀୟତଃ ଭୋଟର ତାଲିକା ସଂଶୋଧନ ସମୟରେ ଦାବି ଓ ଆପତ୍ତି ପର୍ଯ୍ୟାୟରେ ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଏବଂ ରାସନ କାର୍ଡକୁ ଅତିରିକ୍ତ ସୂଚକ ଦଲିଲ ଭାବେ ଗ୍ରହଣ କରିବାକୁ ନିର୍ବାଚନ କର୍ତ୍ତୃପକ୍ଷଙ୍କୁ ବିଚାର କରିବା ପାଇଁ ପ୍ରତିନିଧି ଦଳ ଅନୁରୋଧ କରିଛି। ଏହାଦ୍ୱାରା ଅଧିକ ସଂଖ୍ୟକ ଯୋଗ୍ୟ ଭୋଟର ନିଜର ପରିଚୟ ଓ ଯୋଗ୍ୟତା ସ୍ଥାପନ କରି ନିର୍ବାଚନୀ ଅଧିକାରର ସୁବିଧାଜନକ ପ୍ରୟୋଗ କରିପାରିବେ। ସେହିପରି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମୟରେ ନିରବଚ୍ଛିନ୍ନ ଯୋଗାଯୋଗ, ଦ୍ରୁତ ସମସ୍ୟା ସମାଧାନ ଏବଂ ସୁଚାରୁ ସମନ୍ୱୟ ସୁନିଶ୍ଚିତ କରିବା ଲକ୍ଷ୍ୟରେ ନିର୍ବାଚନ ଅଧିକାରୀ ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଉପଯୁକ୍ତ ସ୍ତରରେ ସ୍ୱତନ୍ତ୍ର ହ୍ୱାଟ୍ସଆପ୍ ଗୋଷ୍ଠୀ ଗଠନ କରିବାକୁ ବିଜେଡି ପ୍ରସ୍ତାବ ଦେଇଛି।

ଏହି ପଦକ୍ଷେପଗୁଡ଼ିକ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ଅଧିକ ସୁଦୃଢ଼ କରିବା ସହିତ ଭୋଟରମାନଙ୍କ ସୁବିଧା ବୃଦ୍ଧି କରିବ ଏବଂ ଏହା ଅଧିକ ଦକ୍ଷ, ଅନ୍ତର୍ଭୁକ୍ତିମୂଳକ ଓ ସଫଳ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଗଠନରେ ସହାୟକ ହେବ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି।

## ସ୍ୱଚ୍ଛ ଓ ଜନବିଶ୍ୱାସୀ ହେଉ ଭୋଟର ତାଲିକା ସଂଶୋଧନ

ପ୍ରତିନିଧି ମଣ୍ଡଳୀରେ ବିଜେଡିର ଉପସଭାପତି ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ରାଜ୍ୟସଭା ସାଂସଦ ସୁଲତା ଦେଓ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ସାଧାରଣ ସମ୍ପାଦକ ବିଜୟ ନାୟକ, ମିଡିଆ ସେଲ ସଂଯୋଜକ ଓ ମୁଖପାତ୍ର ଡ. ଲେନିନ ମହାନ୍ତି ଏବଂ ବରିଷ୍ଠ ନେତା ରବି ସାମଲ ସାମିଲ ଥିଲେ।

# ବିନିକା ବ୍ଲକ୍ ଅଧ୍ୟକ୍ଷାଙ୍କ ଘରକୁ ଆଖିବୁଜା ଗୁଳିମାଡ଼

ତରଭା/ଡୁଙ୍ଗୁରିପାଲି,୨୦।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ଅଧ୍ୟକ୍ଷା ଦୀପ୍ତିରେଖା ନନ୍ଦଙ୍କ ଘର ଉପରକୁ ଦୁର୍ବୃତ୍ତ ଆଖିବୁଜା ଗୁଳି ମାଡ କରିଛନ୍ତି। ଶୁକ୍ରବାର ରାତି ୧୧ଟାରୁ ସାଢେ ୧୧ଟା ମଧ୍ୟରେ ଏହି ଘଟଣା ଘଟଇଛି। କେତେକ ଅସାମାଜିକ ବ୍ୟକ୍ତି ଗୋଟିଏ କାରରେ ଆସି ବିନିକା ଥାନା ଅଧୀନ ସିଂଘିଯୁବା ଗ୍ରାମରେ ଥିବା ଶ୍ରୀମତୀ ନନ୍ଦଙ୍କ ଘର ଉପରକୁ ଗୁଳି ମାଡ଼ କରିଥିଲେ। ପ୍ରଥମେ ସେମାନେ



ଘର ସମ୍ମୁଖ ଲୁହା ଗ୍ରିଲ୍ ବାଡେଇବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ଘର ଭିତରେ ଥିବା ଗାଡ଼ି ଓ ବାହାରେ ଥିବା ଏକ ଗାଡ଼ି ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦୁର୍ବୃତ୍ତ ଗୋଟିଏ ଗାଡିର ଚାଳକ ସାଇଡ୍ କାଚ ଭାଙ୍ଗି ଚୁରମାର କରିବା ସହ ଘର ଗେଟ୍ ପାଖରେ ଥିବା ଏକ ସଟରକୁ ଗୁଳି କରିଥିବା ଦେଖିବାକୁ ମିଳିଛି। ଗଲାବେଳେ ସେମାନେ ବ୍ଲାଙ୍କ ଫାୟାରିଂ କରି ଘଟଣାସ୍ଥଳରୁ ପଳାଇଥିଲେ। ଏହି ଖବର ପାଇ ବିନିକା ପୁଲିସ ପହଞ୍ଚିଥିଲା। ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ମଧ୍ୟ ରାତି ପ୍ରାୟ ୨ଟାରେ ପହଞ୍ଚି ଘଟଣା ସ୍ଥଳ ଅନୁଧ୍ୟାନ କରି ଫେରିଥିଲେ। ଏତେ ବଡ଼ କାଣ୍ଡ ଘଟିଯିବା ପରେ ମଧ୍ୟ କାରଣ ଅସ୍ପଷ୍ଟ ରହିବା ସହ ଦୁର୍ବୃତ୍ତଙ୍କ ପତ୍ତା ମିଳିନାହିଁ। ଘର ସମ୍ମୁଖରେ ଏତେ ଗୁଳି ଫୁଟିଥିଲେ ମଧ୍ୟ ପରିବାର କେହି ପଦାକୁ ବାହାରି ନ ଥିବାରୁ କାହାରି ଜୀବନହାନି ଘଟିନାହିଁ। ଶନିବାର ସକାଳୁ ସୁବର୍ଣ୍ଣପୁର ଅତିରିକ୍ତ ଏସ୍‌ପି କେ କେ ହରି ପ୍ରସାଦ, ଏସଡିପିଓ କଲ୍ୟାଣୀ ବେହେରା, ରାମପୁର ଥାନା ଆଇଆଇସି ବିନୋଦିନି ବେହେରା, ବିନିକା ଥାନା ଆଇଆଇସି ଅନିତା କିଡୋ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ନନ୍ଦଙ୍କ ପରିବାର ସହ ଆଲୋଚନା କରିଥିଲେ। ପୁଲିସ ଘର ପାଖରେ ଥିବା ବିଭିନ୍ନ ସିସି ଟିଭିକୁ ଆଧାର କରି ତଦନ୍ତ ଆରମ୍ଭ କରିଛି। ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ଛାନଭିନ୍ କରିଛି। ଘଟଣାସ୍ଥଳରୁ ପୁଲିସ ୨୨ଟି ଗୁଳି ଓ ଖୋକା ଜବତ କରିଥିବା ଏସ୍‌ପି ଶ୍ରୀ ନାୟକ କହିଛନ୍ତି।

# ଅପରାଧୀଙ୍କ ରିମୋଟ୍‌ରେ ଚୌଦ୍ୱାର ଜେଲ୍

ଚୌଦ୍ୱାର,୨୦।୬(ସମିସ): ଦିନକୁ ଦିନ ଅଶାନ୍ତ ହେଉଛି ଚୌଦ୍ୱାର ମଣ୍ଡଳ କାରାଗାର। ଏହି ମଣ୍ଡଳକାରାଗାରରେ ଚାଲିଛି କ'ଣ? କାହିଁକି ଜେଲ ଉଚ୍ଚ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରୁଛନ୍ତି? ବାରମ୍ବାର ଏହି କାରାଗାର କାହିଁକି ଚର୍ଚ୍ଚାକୁ ଆସୁଛି? ଏଭଳି ଅନେକ ପ୍ରଶ୍ନ ଠିଆ କରାଇଛି ଚୌଦ୍ୱାର ମଣ୍ଡଳ କାରାଗାର। ଏହି ଜେଲରେ ବହୁ ଦୁର୍ଦ୍ଦାନ୍ତ ଅପରାଧୀ ବନ୍ଦୀ ଜୀବନ ବିତାଉଥିବାବେଳେ ଜେଲ କର୍ତ୍ତୃପକ୍ଷ ଏହାକୁ ହାଲୁକା ଭାବେ ଗ୍ରହଣ କରୁଥିବାରୁ ଏଠାରେ ବିଭିନ୍ନ ସମୟରେ ଏକାଧିକ ସମସ୍ୟା ସୃଷ୍ଟି ହେଉଛି। ମାତ୍ର ଏଠାରେ ବିଭିନ୍ନ ସମୟରେ କଏଦୀମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେବା, ମରଣାନ୍ତକ ଆକ୍ରମଣ କରାଯିବା, କଏଦୀ ଆତ୍ମହତ୍ୟା କରିବା, ଜେଲ ପାଚେରୀ ଡେଇଁ ଫିଲ୍ମ ଷ୍ଟାଇଲରେ ଫେରାର ହୋଇଯିବା ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଶେଷ କରି କାରାଗାରର ଅଧିକାରୀମାନଙ୍କ ମଧ୍ୟରେ ଚାଲିଥିବା ସମନ୍ୱୟର ଅଭାବ ଅପରାଧିଙ୍କୁ ସୁହାଉଛି। ତେଣୁ ଅପରାଧିମାନେ ସେମାନଙ୍କର ଅପରାଧିକ କାର୍ଯ୍ୟକଳାପ ଜେଲ୍ ଭିତରୁ ନିୟନ୍ତ୍ରଣ କରୁଥିବା ଜଣାପଡ଼ିଛି।

ଚୌଦ୍ୱାର ମଣ୍ଡଳ କାରାଗାରରେ ନିଶା ଦ୍ରବ୍ୟ ମିଳିବା, କଏଦୀମାନଙ୍କ ପାଖରୁ ଛୁରୀ ଆରିପାତ ଆଦି ଜବତ ଘଟଣା ନୂଆ ନୁହେଁ; ମାତ୍ର ଏସବୁ କଏଦୀମାନଙ୍କ ନିକଟରେ ପହଞ୍ଚୁଛି କେମିତି? ଯାହା ଦ୍ୱାରା ଦୁଇଜଣ ବିହାରୀ କଏଦୀ ୨୦୨୫ ମସିହା ଅକ୍ଟୋବର ମାସ ଦୁର୍ଗାପୂଜା ସମୟରେ କାରାଗାରର ସୁଉଚ୍ଚ ପାଚେରୀ ଡେଇଁ ଫେରାର ହେବାରେ ସଫଳ ହେଲେ। ସେମାନେ ଫେରାର ହେବା



ପାଇଁ କରୁଥିବା ଯୋଜନା ସମ୍ପର୍କରେ କାରାଗାର ଅଧିକାରୀ ଓ କର୍ମଚାରୀ କେହିବି ସୁରାକ ପାଇ ପାରିଲେ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ତେବେ କଏଦୀ ପାଚେରୀ ଡେଇଁଯିବା ପରେ ଜେଲ ଭିତରେ ଆରମ୍ଭ ହୋଇଥିଲା ଅସଲ ଯୁଦ୍ଧ। ସୁପରିଣ୍ଟେଣ୍ଡେଣ୍ଟ ସୁଜିତ ରାଉଳ ଓ ତତ୍କାଳୀନ ଜେଲର ସନ୍ତୋଷିନୀ ଦାଶଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା କାଦୁଅ ଫିଙ୍ଗା ରାଜନୀତି। ପରସ୍ପରକୁ ଦୋଷ ଦେଇ ନିଜକୁ ଏହି ଘଟଣାରୁ ସୁରକ୍ଷିତ ରଖିବା ପାଇଁ ଉଦ୍ୟମ କରିଥିଲେ। ଏହି ଘଟଣା ପରେ ଶ୍ରୀମତୀ ଦାଶଙ୍କୁ ଜେଲରୁ ବଦଳି କରାଯାଇଥିଲେ ମଧ୍ୟ ଉଭୟଙ୍କ ଯୁଦ୍ଧ ଏଯାଏ ଶେଷ ହୋଇନାହିଁ। ଏପରିକି ଜଣେ ମହିଳା କଏଦୀଙ୍କ ସୁନାଗହଣା ଗାଏବ ହେବା ନେଇ ଉଭୟେ ରାଜନୀତି ଆରମ୍ଭ କରିଦେଇଥିଲେ। ସମ୍ପୃକ୍ତ କଏଦୀଙ୍କୁ ଥାନାରେ ଏତଲା ଦେବା ପାଇଁ ଉଭୟ ଅଧିକାରୀ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ପରାମର୍ଶ ଦେଇଥିଲେ। ଜଣେ ଜେଲ ଫେରନ୍ତା କଏଦୀଙ୍କ କହିବା ଅନୁଯାୟୀ ଚୌଦ୍ୱାର ମଣ୍ଡଳକାରାଗାର ଏବେ ନିଶା ବେପାରର ପେଣ୍ଠସ୍ଥଳ ପାଲଟି ଯାଇଛି। କିଛି ୱାର୍ଡରମାନେ ଜେଲ ଭିତରେ କଏଦୀଙ୍କୁ ସିଗାରେଟ ଗୋଟିକୁ ୪୦ଟଙ୍କା, ଗୁଟୁଖା ୧ପାଉଚ୍‌କୁ ୧୫ଟଙ୍କାରେ ବିକ୍ରି କରୁଛନ୍ତି। ଏଥିସହିତ ଦୁର୍ଦ୍ଦାନ୍ତ ଅପରାଧୀମାନେ ଜେଲ ଭିତରେ ବିଳାସପୂର୍ଣ୍ଣ ଜୀବନ ଯାପନ କରୁଥିବା ଜଣାପଡ଼ିଛି। ଜେଲ ଭିତରେ ଦୁର୍ଦ୍ଦାନ୍ତ ଅପରାଧୀମାନେ ମୋବାଇଲ ବ୍ୟବହାର କରି ବାହାର ଅପରାଧ ଜଗତକୁ ନିୟନ୍ତ୍ରଣ କରୁଥିବା ଅଭିଯୋଗ ଆସୁଛି। ତେବେ ଏହି ମଣ୍ଡଳ କାରାଗାରରେ ଏସବୁ ଚାଲିଥିବାବେଳେ ଜେଲ କର୍ତ୍ତୃପକ୍ଷ, ସରକାର ଓ ଡିଜିପି ଏଥିପ୍ରତି ଦ୍ରୁତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ବଲାଙ୍ଗିର ମିଲର୍ସଙ୍କ ମନମାନି; ଚାଷୀ ଅସନ୍ତୋଷ

ଜୟପୁର, ୨୦।୬(ସମିସ)

କୋରାପୁଟ ଜିଲ୍ଲାର କିଛି ମଣ୍ଡିରେ ଟୋକନଧାରୀ ଚାଷୀମାନେ ରବିଧାନ ବିକ୍ରି ନେଇ ମଣ୍ଡିକୁ ଆସୁଛନ୍ତି। କିନ୍ତୁ ମଣ୍ଡିରେ ଲକ୍ଷ୍ୟାଧାର୍ଯ୍ୟ କମ ରହିଥିବା ବେଳେ ଟୋକନଧାରୀ ଚାଷୀଙ୍କ ଧାନର ପରିମାଣ ଅଧିକ ରହୁଛି। ଅନ୍ୟପକ୍ଷରେ



- ପଲକାପୁଟ ମଣ୍ଡିରେ ଧାନ କ୍ରୟରେ ସମସ୍ୟା
- ଧାନ ଉଠାଇବାକୁ ମଣ୍ଡିକୁ ଆସୁନାହାନ୍ତି ମିଲର୍ସ

ବଲାଙ୍ଗିର ଜିଲ୍ଲାର ମିଲର୍ସମାନେ ନିଗମ ସହିତ କ୍ରୟଧାନକୁ କଷ୍ଟମ ମିଲିଂ ନିନ୍ତେ ଗ୍ରହଣ କରିବାକୁ ଚୁକ୍ତିନାମା କରିଥିଲେ ସୁଦ୍ଧା ଅଧିକାଂଶ ମଣ୍ଡିକୁ ଆସୁ ନଥିବା ଯୋଗୁଁ ଚାଷୀଙ୍କ ଧାନ କ୍ରୟରେ ସମସ୍ୟା ସୃଷ୍ଟି ହେଉଛି। ଏହିପରି ବଲାଙ୍ଗିର ମିଲାର୍ସଙ୍କ ମନମାନୀ ଯୋଗୁଁ ଜୟପୁର ବ୍ଲକ ବାଲିଆ ଗ୍ରାମପଞ୍ଚାୟତର ପଲକାପୁଟ ମଣ୍ଡିରେ ସକାଳ ୮ଟାଠାରୁ ଟୋକେନଧାରୀ ଚାଷୀ ମାନେ ଧାନ ବିକ୍ରି ନେଇ ମଣ୍ଡିରେ ପହଞ୍ଚିଥିଲେ। ଅପରାହ୍ନ ୪ ସୁଦ୍ଧା କୌଣସି ଚାଷୀଙ୍କ ଧାନ କ୍ରୟ ହୋଇପାରି ନଥିଲା। ଏହିପରି ସମସ୍ୟାକୁ ନେଇ ଚାଷୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଜି ପଲକାପୁଟ ମଣ୍ଡିରେ ଉମୁରୀ ତଥା ଡଙ୍ଗରଛିଞ୍ଚି ଲ୍ୟାମ୍ପ ପକ୍ଷରୁ ଧାନ କ୍ରୟ କରାଯିବା ନେଇ କୋରାପୁଟ ଜିଲ୍ଲାର ମିଲର୍ସଙ୍କୁ ୧୨ କ୍ୱିଣ୍ଟାଲ ଏବଂ ବଲାଙ୍ଗିର ମିଲର୍ସଙ୍କୁ ଏକ ହଜାର କ୍ୱିଣ୍ଟାଲ ଧାନ ସମୁଦାୟ ୨୨୦୦ କ୍ୱିଣ୍ଟାଲ ଧାନ କ୍ରୟ ନେଇ ଧାର୍ଯ୍ୟ କରାଯାଇଥିଲା। ଅନ୍ୟପକ୍ଷରେ ସମୁଦାୟ ୪୦ ଜଣ ଚାଷୀଙ୍କୁ ଆଜି ବିକ୍ରି ପ୍ରାୟ ୪୮୦୦ କ୍ୱିଣ୍ଟାଲର ଧାନ ବିକ୍ରି ନିମନ୍ତେ ଟୋକେନ ପ୍ରଦାନ କରାଯାଇଛି। ପ୍ରାୟ ୩୫ଟି ବିଭିନ୍ନ ଗାଡିରେ ଚାଷୀମାନେ ଧାନ ବିକ୍ରିନେଇ ପଲକାପୁଟ ମଣ୍ଡିରେ ଧାନ ବିକ୍ରି ନେଇ ପହଞ୍ଚିଥିଲେ। ମାତ୍ର ୧୨ କ୍ୱିଣ୍ଟାଲ ଧାନ କ୍ରୟ କରାଗଲେ ବଳକା ଚାଷୀଙ୍କ ଧାନ କ୍ରୟ ନହେଲେ ସମସ୍ୟା ସୃଷ୍ଟି ହେବ ଏବଂ ବଲାଙ୍ଗିର ମିଲାର୍ସ ଧାନ ମଣ୍ଡିକୁ ସେମାନଙ୍କ ୧ ହଜାର କ୍ୱିଣ୍ଟାଲ ଧାନ କଷ୍ଟମ ମିଲିଂ ପାଇଁ ଉଠାଇବାକୁ ନ ଆସିବାରୁ ମାତ୍ର ୧୨ ଶହ କ୍ୱିଣ୍ଟାଲ ଧାନ କ୍ରୟ କରାଗଲେ ପରିସ୍ଥିତି ଅଣାୟତ ହେବା ଭୟରେ କ୍ରୟକାରୀ ସଂସ୍ଥା ଲ୍ୟାମ୍ପ ପକ୍ଷରୁ ଧାନ କ୍ରୟ କରାଯାଇ ନଥିବା ଯୋଗୁଁ ଚାଷ ଅସନ୍ତୋଷ ଦେଖାଦେଇଥିଲା। ଏଥିନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ରଙ୍କୁ ସୂଚନା ଦିଆଯାଇଥିଲା। ବଲାଙ୍ଗିର ମିଲର୍ସ ପଲକାପୁଟ ମଣ୍ଡିରୁ ଧାନ ନ ଉଠାଇଲା ସ୍ଥାନୀୟ ମଲିର୍ସଙ୍କୁ ଉଠାଇବାକୁ ନିର୍ଦ୍ଦେଶ ଦିଆଯିବ ଏବଂ ସମସ୍ତ ଟୋକନୀ ଧାରୀ ଚାଷୀଙ୍କ ଧାନ ଉଠାଯିବ ବୋଲି କହିଛନ୍ତି।

# ଅଧାରେ ଅଟକିଛି ଏମ୍‌ଭି-୭୯ ଅତ୍ୟାଧୁନିକ ଜିମ୍ ପ୍ରକଳ୍ପ

ଏମଭି-୭୯, (ସମିସ)୨୦।୬

ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୭୯ ଅଞ୍ଚଳରେ ନିର୍ମାଣାଧୀନ ଅତ୍ୟାଧୁନିକ ଜିମ୍ ପ୍ରକଳ୍ପକୁ ନେଇ ଯେଉଁ ଉତ୍ସାହ ଓ ଆଶା ସୃଷ୍ଟି ହୋଇଥିଲା, ତାହା ଏବେ କିଛିଟା ମନ୍ଥର ହୋଇପଡ଼ିଛି। ପ୍ରାୟ ଏକ ସପ୍ତାହ ଧରି ଜିମ୍ ନିର୍ମାଣ ଓ ସମ୍ପୂର୍ଣ୍ଣକରଣ କାମ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପଞ୍ଚାୟତ ଜେ.ଇ.ଙ୍କ ବଦଳି ପରେ କାମରେ ଅଗ୍ରଗତି ନ ହେବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ପୂର୍ବରୁ ଚାଉଳ ବଣ୍ଟନ କେନ୍ଦ୍ର ଭାବେ ବ୍ୟବହୃତ ହେଉଥିବା ଗୃହକୁ ମରାମତି କରି ଏକ ଆଧୁନିକ ଜିମ୍ ସେଣ୍ଟର୍‌ରେ ପରିଣତ କରିବାକୁ ଯୋଜନା ହୋଇଥିଲା। ନିର୍ମାଣ କାର୍ଯ୍ୟର ଅଧିକାଂଶ ଭାଗ ଶେଷ ହୋଇଥିବା ବେଳେ ବିଦ୍ୟୁତ୍ ସଂଯୋଗ, ଆଭ୍ୟନ୍ତରୀଣ ବ୍ୟବସ୍ଥା, ଜିମ୍ ଉପକରଣ ଆଣିବା ଓ ସ୍ଥାପନ ଭଳି ଗୁରୁତ୍ୱପୂର୍ଣ୍ଣ କାମ ଏପର୍ଯ୍ୟନ୍ତ ବାକି ରହିଛି। ଜିମ୍ ପ୍ରକଳ୍ପକୁ ନେଇ ଉତ୍ସାହିତ ଥିବା ଅଞ୍ଚଳର ଯୁବବର୍ଗ ପ୍ରତିଦିନ ସ୍ଥଳକୁ ଯାଇ କାମର ସ୍ଥିତି ପରଖୁଥିଲେ ମଧ୍ୟ ଗତ କିଛି ଦିନ ଧରି କୌଣସି ଅଗ୍ରଗତି ନ ହେବାରୁ ନିରାଶ ହୋଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଜିମ୍‌ଟି ଚାଲୁ ହେଲେ କେବଳ ଶାରୀରିକ



ସୁସ୍ଥତା ନୁହେଁ, ଯୁବପିଢ଼ୀଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ ଓ କ୍ରୀଡ଼ାମନୋଭାବର ମଧ୍ୟ ବିକାଶ ହେବ। ଏମଭି-୭୯ ଏବଂ ତାଣ୍ଡାବାଇ ପଞ୍ଚାୟତର ଜନସାଧାରଣ ବ୍ଲକ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି ଯେ ପ୍ରକଳ୍ପଟିକୁ ଆଉ ଶିଥିଳ ନ ରଖି ଶୀଘ୍ର ବାକି କାମ ସମାପ୍ତ କରାଯାଉ। ବିଦ୍ୟୁତ୍ ସଂଯୋଗ ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରି ଜିମ୍ ଉପକରଣ ସ୍ଥାପନ କରାଯାଇ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଗଲେ ଅଞ୍ଚଳର ଶହ ଶହ ଯୁବକ-ଯୁବତୀ ଉପକୃତ ହେବେ। ସ୍ଥାନୀୟ ଯୁବମାନଙ୍କ ମତରେ, 'ଦୀର୍ଘଦିନର ଦାବି ପରେ ଜିମ୍ ପ୍ରକଳ୍ପ ଆରମ୍ଭ ହୋଇଥିଲା। ବର୍ତ୍ତମାନ କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହାକୁ ଅଧାରେ ଛାଡ଼ି ଦିଆଯିବା ଠିକ୍ ନୁହେଁ। ପ୍ରଶାସନ

**ଶୀଘ୍ର କାର୍ଯ୍ୟକ୍ଷମ ପାଇଁ ଯୁବବର୍ଗଙ୍କ ଦାବି**

ଶୀଘ୍ର ପଦକ୍ଷେପ ନେଇ ଜିମ୍‌ଟିକୁ ଲୋକାର୍ପଣ କରନ୍ତୁ, ଯାହାଦ୍ୱାରା ଯୁବପିଢ଼ିଙ୍କ ଉତ୍ସାହ ବଜାୟ ରହିବ। ଅଞ୍ଚଳରେ ଏକାଧିକ ଶିକ୍ଷାନୁଷ୍ଠାନ ଥିବାରୁ ଏହି ଜିମ୍ କେନ୍ଦ୍ର ଏମଭି-୭୯ ସମେତ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁବିଧାରେ ପରିଣତ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବର୍ତ୍ତମାନ ସମସ୍ତଙ୍କ ନଜର ବ୍ଲକ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି।

**ମାଲକାନଗିରିରେ ନିଟ୍ ପରୀକ୍ଷା**

# ୩୦୦ ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ମାଲକାନଗିରି, ୨୦।୬(ସମିସ)

ରବିବାର ଦିନ ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ନିଟ୍ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏହି ପରୀକ୍ଷାରେ ପ୍ରାୟ ୩୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ପରୀକ୍ଷାକୁ ସୁରୁଖୁରୁ ଏବଂ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଏହାର ତଦାରଖ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ। ପରୀକ୍ଷାର୍ଥୀମାନଙ୍କୁ ସକାଳ ୧୧ଟାରୁ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ଅନୁମତି ମିଳିବ। ଅପରାହ୍ନ ୧ଟା ପରେ ପ୍ରବେଶ ଦ୍ୱାର ବନ୍ଦ କରାଯିବ ଏବଂ ଏହାପରେ କୌଣସି ପରୀକ୍ଷାର୍ଥୀଙ୍କୁ ପ୍ରବେଶ ଅନୁମତି ଦିଆଯିବ ନାହିଁ। ପରୀକ୍ଷା ଅପରାହ୍ନ ୨ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟା



୧୫ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ଦୂରଦୂରାନ୍ତରୁ ଆସୁଥିବା ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବସ୍ ଷ୍ଟାଣ୍ଡରୁ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ମାଗଣା ଯାନବାହନ ବ୍ୟବସ୍ଥା କରାଯାଇଛି।

ଏଥିସହ ଅଭିଭାବକ ମାନଙ୍କ ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ପାନୀୟଜଳ, ବିଶ୍ରାମ ସ୍ଥାନ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଉପଲବ୍ଧ କରାଯାଇଛି। କୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପରୀକ୍ଷା କେନ୍ଦ୍ରରେ ଆମ୍ବୁଲାନ୍ସ, ସ୍ୱାସ୍ଥ୍ୟକର୍ମୀ ଏବଂ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ପରୀକ୍ଷା ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ପରୀକ୍ଷାର୍ଥୀଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ପ୍ରଶାସନ ପକ୍ଷରୁ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପରୀକ୍ଷାର୍ଥୀଙ୍କୁ ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ପରାମର୍ଶ ଦିଆଯାଇଛି।

# ଦୁଗ୍ଧ ଆଧାରିତ ଗ୍ରାମୀଣ ପରିବର୍ତ୍ତନ ଦିଗରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପଦକ୍ଷେପ

ସୁନାବେଡ଼ା,୨୦।୬(ସମିସ)

କୋରାପୁଟ ସମେତ ଆଖପାଖ ଅଞ୍ଚଳରେ ଦୁଗ୍ଧ ସମବାୟ ଆନ୍ଦୋଳନକୁ ମଜବୁତ୍ କରିବା ସହ ସାମାଜିକ ଓ ଆର୍ଥିକ ବିକାଶକୁ ଆଗକୁ ବଢ଼ାଇବା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷା, ଦକ୍ଷତା ବିକାଶ ଓ ରୋଜଗାରର ନୂଆ ସୁଯୋଗ ସୃଷ୍ଟି ହୋଇପାରିବ। ଏହି ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟର ଡାଏରୀ ସାଇନ୍ସ ବିଭାଗର ମୁଖ୍ୟ ଡ଼. ସଞ୍ଜୟ କୁମାର ପ୍ରଧାନ ଓ କୃଷି ବିଭାଗର ମୁଖ୍ୟ ଡ଼. ମଞ୍ଜୁଶ୍ରୀ ସିଂହ ୧୬ରୁ ୧୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଗୁଜରାଟର ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନଡିଡିବି) ଏବଂ ଅମୂଲ ପରିଦର୍ଶନ କରିଥିଲେ। କୋରାପୁଟରେ ଏକ ସ୍ଥାୟୀ ଓ ସୁଦୃଢ଼ ଦୁଗ୍ଧ ସମବାୟ ବ୍ୟବସ୍ଥା ଗଠନ କରିବା ପାଇଁ ମିଳିତ ଭାବେ କାମ କରିବାର ସୁଯୋଗ ଅନ୍‌ୱେଷଣ କରିବା ଏହି ଗସ୍ତର ମୂଳ ଲକ୍ଷ୍ୟ ଥିଲା। ଏହି ଗସ୍ତ ସମୟରେ ପ୍ରତିନିଧି ଦଳ ବିଭିନ୍ନ ଦୁଗ୍ଧ ସମବାୟ ସମିତି, ଗ୍ରାମୀଣ ଦୁଗ୍ଧ ଉତ୍ପାଦକ ସଂଗଠନ, ଦୁଗ୍ଧ ସଂଗ୍ରହ କେନ୍ଦ୍ର ଏବଂ ଆଧୁନିକ ଦୁଗ୍ଧ ପ୍ରକ୍ରିୟାକରଣ ଓ ମୂଲ୍ୟ ସଂଯୋଜନ ୟୁନିଟ୍‌ଗୁଡ଼ିକ ବୁଲି ଦେଖିଥିଲେ। ଏହା ମାଧ୍ୟମରେ ସମବାୟ ପରିଚାଳନା, କ୍ଷୀର ସଂଗ୍ରହ, ପ୍ରକ୍ରିୟାକରଣ, ବିକ୍ରୟ ଏବଂ ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ସେମାନଙ୍କର ସଫଳ ମଡେଲ୍ ଓ ଭଲ ପଦକ୍ଷେପଗୁଡ଼ିକୁ ଅଧ୍ୟୟନ କରାଯାଇଥିଲା। ଏହି ଅବସରରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଓ ଅମୂଲର ବିଶେଷଜ୍ଞମାନଙ୍କ ସହ ବହୁ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଆଲୋଚନା ହୋଇଥିଲା। ଏହି ଆଲୋଚନା ପରେ କୋରାପୁଟରେ ଦୁଗ୍ଧ ସମବାୟ ବ୍ୟବସ୍ଥା ଗଠନ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ଏବଂ ପ୍ରାଥମିକ ସ୍ଥିତିର ସମୀକ୍ଷା ପାଇଁ ଖୁବଶୀଘ୍ର ଜାତୀୟ ଦୁଗ୍ଧ ବିକାଶ ବୋର୍ଡର ଏକ ହାଇଲେଭଲ ଟିମ କୋରାପୁଟ ଗସ୍ତ କରିବାର ସମ୍ଭାବନା ରହିଛି।

**ଜ୍ଞାନରୁ ଜୀବିକା ପର୍ଯ୍ୟନ୍ତ**

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦୀର୍ଘଦିନ ଧରି ପଶୁପାଳନ, କୃଷି ଏବଂ ଜଙ୍ଗଲ ଆଧାରିତ କାର୍ଯ୍ୟ ମାଧ୍ୟମରେ କୋରାପୁଟର ଆଦିବାସୀ ସମୁଦାୟର ଜୀବିକାର ଉନ୍ନତିକୁ ପ୍ରାଥମିକତା ଦେଇଆସୁଛି। ଏହି ପ୍ରସ୍ତାବିତ ଦୁଗ୍ଧ ସମବାୟ ଆନ୍ଦୋଳନ ମାଧ୍ୟମରେ ଲୋକଙ୍କ ଆୟ ବୃଦ୍ଧି, ବ୍ୟବସାୟର ବିକାଶ, ପୌଷ୍ଟିକ ସୁରକ୍ଷା ଏବଂ ଗ୍ରାମୀଣ ସମୃଦ୍ଧିର ଏକ ନୂଆ ବାଟ ଫିଟିବ ବୋଲି ଆଶା କରାଯାଉଛି। ଏହି ଉଦ୍ୟମ ମାଧ୍ୟମରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଜ୍ଞାନ, ଗବେଷଣା, ନୂତନ ଚିନ୍ତାଧାରା, କୌଶଳ ବିକାଶ ଓ ସେବାର ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ଛାତ୍ରଛାତ୍ରୀ, ଚାଷୀ ଏବଂ ଗ୍ରାମୀଣ ଯୁବକ-ଯୁବତୀଙ୍କୁ ସଶକ୍ତ କରିବା ଏବଂ 'ଆତ୍ମନିର୍ଭର ଭାରତ' ଗଠନରେ ସହଯୋଗ କରିବା ଏହାର ଉଦ୍ଦେଶ୍ୟ।

ଆଲୋଚନା ସମୟରେ ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟର୍ନସିପ୍, ଶିଳ୍ପ ପ୍ରଶିକ୍ଷଣ, ନିଯୁକ୍ତି ସୁଯୋଗ ଏବଂ ସିୟୁଓରେ ଏକ 'ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦ କୌଶଳ କେନ୍ଦ୍ର' ସ୍ଥାପନ କରିବା ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା ।ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ନୃସିଂହ ଚରଣ ପଣ୍ଡା ଏହି ପରିବର୍ତ୍ତନକାରୀ ପଦକ୍ଷେପକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଶିକ୍ଷା, ଗବେଷଣା ଓ ସମାଜ ସହ ଜଡ଼ିତ ରହି ଅଞ୍ଚଳର ଆଦିବାସୀ ସମୁଦାୟର ସେବା କରିବା ପାଇଁ ବିଶ୍ୱବିଦ୍ୟାଳୟ ସଦାବେଳେ ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି।

## ଚଳନ୍ତା ଅଟୋରେ ଜନ୍ମନେଲା ନବଜାତ ଶିଶୁ; ମା' ଓ ଶିଶୁ ସୁସ୍ଥ

ମାଲକାନଗିରି, ୨୦।୬(ସମିସ): ମାଲକାନଗିରି ଜିଲ୍ଲା ମାଦାପାଲି ପଞ୍ଚାୟତର ଡୁଡ଼ିମେଟଲା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବେଳେ ଚଳନ୍ତା ଅଟୋରେ ଜଣେ ଗର୍ଭବତୀ ମହିଳା ଏକ ଶିଶୁପୁତ୍ରଙ୍କୁ ଜନ୍ମ ଦେଇଛନ୍ତି। ସୂଚନା ଅନୁସାରେ, ଡୁଡ଼ିମେଟଲା ଗ୍ରାମର ଇର୍ମା ନାମକ ଜଣେ ବ୍ୟକ୍ତିଙ୍କ ସ୍ତ୍ରୀଙ୍କର ପ୍ରସବ ବେଦନା ଆରମ୍ଭ ହେବା ପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ସେବାକୁ ବାରମ୍ବାର ଯୋଗାଯୋଗ କରିଥିଲେ। ତେବେ କୌଣସି ସହାୟତା ନ ମିଳିବାରୁ ସେମାନେ ନିକଟସ୍ଥ ଗ୍ରାମର ସୁଜନ ବାରୋଇ ନାମକ ଜଣେ ଅଟୋ ଚାଳକଙ୍କ ସହ ଯୋଗାଯୋଗ କରି ଗର୍ଭବତୀ ମହିଳାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ବାହାରିଥିଲେ। ତେବେ ଅଟୋଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ପହଞ୍ଚୁଥିବା ବେଳେ ମହିଳାଙ୍କର ପ୍ରସବ ବେଦନା ଅଧିକ ବଢ଼ିଯାଇଥିଲା। ହଠାତ୍ ସେ ଚିତ୍କାର କରି ଉଠିଥିଲେ



ଏବଂ ଚଳନ୍ତା ଅଟୋ ଭିତରେ ଏକ ଶିଶୁପୁତ୍ରଙ୍କୁ ଜନ୍ମ ଦେଇଥିଲେ। ପରେ ମା' ଓ ନବଜାତଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନେ ପ୍ରାଥମିକ ଚିକିତ୍ସା ଓ ପରୀକ୍ଷା ପରେ ମା' ଓ ଶିଶୁ ଉଭୟ ସୁସ୍ଥ ଥିବା ସୂଚନା ଦେଇଛନ୍ତି।

## ପିଡିଏସ କେନ୍ଦ୍ର ଖୋଲିବା ପାଇଁ ବିଡିଓଙ୍କୁ ଦାବି



କୁନ୍ଦୁରା, ୨୦।୬(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଆସନା ପଞ୍ଚାୟତର ଆସନା ଗାଁରେ ପିଡିଏସ୍ ସମାଗ୍ରୀ ବଣ୍ଟନ ପାଇଁ ବିଡିଓ ପି. ମନସ୍ମିତାଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ। ଆସନା ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟ ଏକ ପଡ଼ାଗାଁ ଉଦଳଗୁଡ଼ାଠାରେ ରହିଛି। ଏହି ଗାଁ ପଞ୍ଚାୟତର ଅନ୍ୟ ୨୦ ଖଣ୍ଡ ଗାଁର ଶେଷ ମୁଣ୍ଡରେ ରହିଛି। ଏଣୁ କିଛି ଗାଁର ଦୂରତା ୮/୯ କି ମି ଦୂର ବାଟ ପଡୁଛି। ଏନେଇ ଆସନାଠାରେ ଏକ ପିଡିଏସ୍ ଉପକେନ୍ଦ୍ର ଖୋଲିବାକୁ ଗତ ଜାନୁୟାରୀ ୨ ତାରିଖରେ ବିଡିଓଙ୍କୁ ଲିଖିତ ନିବେଦନ କରିଥିଲେ। ଅଞ୍ଚଳବାସୀ ଓ ଏହାକୁ ବିଚାର କରି ବିଡିଓ ଏବଂ ଜିଲ୍ଲପାଳ ଉପକେନ୍ଦ୍ର ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାରୀ ସ୍ତରରେ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ଉପକେନ୍ଦ୍ର ଖୋଲିବାକୁ ପଞ୍ଚାୟତରୁ ଏକ ଲିଖିତ ବିବରଣୀର ନକଲ ବ୍ଲକକୁ ଦିଆଯିବାର ନିୟମ ରହିଛି। ସେଠାରେ ଉପକେନ୍ଦ୍ର ଖୋଲିଲେ ୧୩/୧୫ ଖଣ୍ଡ ଗାଁର ହିତାଧିକାରୀଙ୍କୁ ୨/୩ କି.ମି ଭିତରେ ରାସନ ସମାଗ୍ରୀ ମିଳି ପାରିବ ଓ ଏହାକୁ ଦୃଷ୍ଟିରେ ରଖି ପଞ୍ଚାୟତ ବୈଠକରେ ଏହା ଅନୁମୋଦନ ପାଇଛି। ସମସ୍ତ ୱାର୍ଡ ସଭ୍ଯ ସଭ୍ୟା,ନାଏବ ସରପଞ୍ଚ ଓ ପିଇଓ ଏଥିରେ ସହମତି ପ୍ରକାଶ କରିଛନ୍ତି। ସରପଞ୍ଚ ଜୟନ୍ତୀ କୁଷପାରିଆ କିନ୍ତୁ ଏଥିରେ ଦସ୍ତଖତ କରୁନାହାନ୍ତି। ଯାହାଦ୍ୱାରା ଉପକେନ୍ଦ୍ର ଖୋଲିବାରେ ବାଧକ ସାଜୁଛି। ଏବେ ପୁଣି ବିଡ଼ିଓଙ୍କ ଭେଟି ଅଭିଯୋଗ କରିଛନ୍ତି ଗାଁ ଲୋକେ। ସପ୍ତାହେ ଭିତରେ ଏହାର ସମାଧାନ କରା ନ ଗଲେ ଶତାଧିକ ହିତାଧିକାରୀ ଓ ସର୍ବସାଧାରଣ ବ୍ଲକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

ବିଡିଓ ସରପଞ୍ଚଙ୍କ ସହ ଆଲୋଚନା କରି ଆସନାଠାରେ ଉପକେନ୍ଦ୍ର ଖୋଲିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଅଭିଯୋଗପତ୍ରରେ ଏକ ନକଲ ଏସ୍ ଆଇ ସ୍ୱରୂପା ମଲ୍ଲିକଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦେଇଛନ୍ତି।

# କେନ୍ଦ୍ରାପଡ଼ାରେ ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର ଘଟଣା

## ଚାମେଲି ଓଝାଙ୍କ ସପକ୍ଷରେ ବାହାରିଲା କୋରାପୁଟ ସରପଞ୍ଚ ସଂଘ



କୋରାପୁଟ,୨୦।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ପ୍ରଦାନ ପାଇଁ କୋରାପୁଟ ଜିଲ୍ଲା ସରପଞ୍ଚ ଓ ସମିତି ସଭ୍ୟ ମହାସଂଘ ଅଣ୍ଟା ଭିଡ଼ିଛି। ଚାମେଲିଙ୍କୁ ନ୍ୟାୟ ଦାବି କରି ମହାସଂଘ ପକ୍ଷରୁ ଆଜି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲପାଳଙ୍କୁ ଦାବିପତ୍ର ପ୍ରଦାନ କରା ଯାଇଛି। ଜିଲ୍ଲା ସରପଞ୍ଚ ମହାସଂଘ ସଭାପତି ଲବ ମୁଦୁଲି ଏବଂ ସମିତି ମହାସଂଘ ସଭାପତି ଜଗନ୍ନାଥ ହନ୍ତାଳଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ଓ ସଭ୍ୟା ସ୍ଥାନୀୟ ନିଶାଣୀମୁଣ୍ଡାଠାରୁ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନରେଶଚନ୍ଦ୍ର ଶବର ଦାବିପତ୍ର ଗ୍ରହଣ କରିଥିଲେ। ଜଣେ କାର୍ଯ୍ୟରତ ସରପଞ୍ଚ ଚାମେଲି ଓଝାଙ୍କୁ ସଂପୃକ୍ତ ବିଡିଓ ଓ ପୁଲିସର ଅମାନୁଷିକ ଅତ୍ୟାଚାରକୁ ଉଭୟ ସଂଘ ଦୃଢ ନିନ୍ଦା କରିଛନ୍ତି। ଚାମେଲିଙ୍କ ଉପରେ ଦାଏର ହୋଇଥିବା ମିଥ୍ୟା ମାମଲାକୁ ତୁରନ୍ତ ପ୍ରତ୍ୟାହାର କରିବା ଏବଂ ନ୍ୟାୟିକ ତଦନ୍ତ କରିବାକୁ ଦାବି କରାଯାଇଛି। ଜିଲ୍ଲା ଉପସଭାନେତ୍ରୀ ପ୍ରିୟଙ୍କା ଜାନି, ସମ୍ପାଦକ ବଳଭଦ୍ର ଗାଦବା, ପଟାଙ୍ଗି ସରପଞ୍ଚ ଆଲମି ଫୁଲ, କେନ୍ଦାର ସରପଞ୍ଚ କୌଶଲ୍ୟା ଜାନି, ପଦ୍ମପୁର ସରପଞ୍ଚ ଚୈତନ୍ୟ ଜାନି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

## ମାଲକାନଗିରି ସରପଞ୍ଚ ସଂଘର ଦାବିପତ୍ର

ମାଲକାନଗିରି,୨୦।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଟିକିରି ପଞ୍ଚାୟତର ମହିଳା ସରପଞ୍ଚଙ୍କୁ ମାଡ଼ ମାରିବା ଓ ଦୁର୍ବ୍ୟବହାର କରାଯାଇଥିବା ଘଟଣାକୁ ନେଇ ରାଜ୍ୟବ୍ୟାପୀ ପ୍ରତିବାଦ ଦେଖାଦେଇଛି। ଏହି ଘଟଣାର ତୀବ୍ର ନିନ୍ଦା କରି ମାଲକାନଗିରି ଜିଲ୍ଲା ସରପଞ୍ଚ ସଂଘର ସଭାପତି ଶ୍ରୀନିବାସ ମୁଦୁଲିଙ୍କ ନେତୃତ୍ୱରେ ଅନେକ ସରପଞ୍ଚ ଆଜି ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସରପଞ୍ଚ ସଂଘର ସଦସ୍ୟମାନେ କହିଛନ୍ତି ଯେ ଜଣେ ନିର୍ବାଚିତ ମହିଳା ଜନପ୍ରତିନିଧିଙ୍କ ପ୍ରତି ଏଭଳି ଆଚରଣ ଅତ୍ୟନ୍ତ ନିନ୍ଦନୀୟ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଛି। ଘଟଣାରେ ଜଡ଼ିତ ଦୋଷୀଙ୍କ ବିରୋଧରେ ତୁରନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯାଉ। ଏହା ସହିତ ଭବିଷ୍ୟତରେ ଜନପ୍ରତିନିଧି, ବିଶେଷକରି ମହିଳା ସରପଞ୍ଚମାନଙ୍କ ସୁରକ୍ଷା ଓ ସମ୍ମାନ ସୁନିଶ୍ଚିତ କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ସରପଞ୍ଚ ସଂଘ ଦାବି କରିଛି।

## ରାଜ୍ୟପାଳଙ୍କ ହସ୍ତକ୍ଷେପ ଦାବିକଲା ରାୟଗଡ଼ ଜିଲ୍ଲା ସରପଞ୍ଚ ସଂଘ




ରାୟଗଡ, ୨୦।୬(ସମିସ): ବହୁଚର୍ଚ୍ଚିତ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି କଥିତ ଅମାନବିକ ବ୍ୟବହାର, ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଘଟଣାକୁ ନେଇ ରାୟଗଡ ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ସଂଘ ପକ୍ଷରୁ ରାୟଗଡ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ୪ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ଘଟଣାରେ ତୁରନ୍ତ ହସ୍ତକ୍ଷେପ ଓ ନ୍ୟାୟ ପ୍ରଦାନ ଦାବି କରାଯାଇଛି। ସଂଘ ସଭାପତି ତାମାରାଓ ବିଡ଼ିକା ଓ ସମ୍ପାଦକ ଅଶୋକ ପୁଆଲାଙ୍କ ନେତୃତ୍ୱରେ ଜିଲ୍ଲାର ୧୧ଟି ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟସଭ୍ୟା ଓ ଅନ୍ୟ ଜନପ୍ରତିନିଧି ସ୍ଥାନୀୟ ରାୟଗଡ ବ୍ଲକ କାର୍ଯାଳୟ ଛକଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକା ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ବିକ୍ଷୋଭ ପ୍ରଦର୍ଶନ ଓ ଧାରଣା ଦେଇଥିଲେ। ସଂଘର ଅଭିଯୋଗ ଅନୁଯାୟୀ, ଗତ ୧୧ ଜୁନ୍ ତାରିଖରେ ତିଖିରି ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ପାଇଁ ସରପଞ୍ଚ ଚାମେଲି ଓଝା ମହାକାଳପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ତାଙ୍କର. ନ୍ୟାର୍ଯ୍ୟ ଅଧିକାରକୁ ଚାପି ଦେବାକୁ ଉଦ୍ୟମ କରାଯାଇଥିଲା ଓ ପରେ ମିଥ୍ୟା ଅଭିଯୋଗ ଆଧାରରେ ପୋଲିସକୁ ଡକାଯାଇ ତାଙ୍କୁ ଜୋର ଜବରଦସ୍ତ ଥାନାକୁ ନିଆଯାଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛି।

- ଚାମେଲି ଓଝାଙ୍କ ପ୍ରତି ଅମାନବିକ ବ୍ୟବହାର ଅଭିଯୋଗ
- ୪ ଦଫା ଦାବି ନେଇ ବିକ୍ଷୋଭ ଓ ଧାରଣା

ସଂଘ ପକ୍ଷରୁ କୁହାଯାଇଛି ଯେ ଘଟଣା ସମୟରେ ସରପଞ୍ଚଙ୍କ ମୋବାଇଲ ଫୋନ୍ ଛଡାଇ ନିଆଯିବା ସହ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଗିରଫ କରାଯାଇ କାରାଗାରକୁ ପଠାଯାଇଥିବା ବେଳେ ଅସୁସ୍ଥ ହୋଇପଡିଥିବାରୁ ସେ ଚିକିତ୍ସାଧୀନ ଥିଲେ ଓ ଏହି ଘଟଣା ସମଗ୍ର ରାଜ୍ୟରେ ଜନପ୍ରତିନିଧିମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିବା ବେଳେ, ଆଇନ ବ୍ୟବସ୍ଥା ଓ ପ୍ରଶାସନିକ କାର୍ଯ୍ୟପ୍ରଣାଳୀ ଉପରେ ସାଧାରଣ ଲୋକଙ୍କ ବିଶ୍ୱାସ କମିବାର ଆଶଙ୍କା ସୃଷ୍ଟି ହୋଇଛି ବୋଲି ସଂଘ ମତ ପ୍ରକାଶ କରିଛି।

ସ୍ମାରକପତ୍ରରେ ଘଟଣାର ନ୍ୟାୟିକ ତଦନ୍ତ, ବିଡିଓ କାର୍ଯ୍ୟାଳୟ ଓ ଥାନାର ସିସିଟିଭି ଫୁଟେଜ ସାର୍ବଜନୀନ କରିବା, ସମ୍ପୃକ୍ତ ବିଡିଓ ଓ ପୁଲିସ ଅଧିକାରୀଙ୍କୁ ନିଲମ୍ବନ କରିବା ଏବଂ ଚାମେଲି ଓଝାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ସେହିପରି ଜନପ୍ରତିନିଧିମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ନିର୍ଯ୍ୟାତନା ରୋକିବା ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ମଧ୍ୟ ସଂଘ ଦାବି କରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ ବ୍ଲକ ଅଧକ୍ଷା ସୁଶ୍ରୀ ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା,ସନ୍ଧ୍ୟାରାଣୀ ପୁଲକା, ପଦ୍ମାବତୀ ମଣ୍ଡାଙ୍ଗି, ଭୂଷଣ ବିଡ଼ିକା ନୀଳାମ୍ବର ବିଡ଼ିକା, ଅଜିତ ସାରକା, ମାଧାରାଓ କୋଣ୍ଡାଗାରୀ, ଏସିଓ ଶବର,ନୀଳକଣ୍ଠ ଶବର, ରେଣୁକା ମଣ୍ଡାଙ୍ଗିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ଯୁଗାପଦର ଗ୍ରାମରେ ଚାଷୀଙ୍କ ପାଇଁ କୃଷି ଯାତ୍ରା



ଚନ୍ଦ୍ରପୁର, ୨୦।୬(ସମିସ): ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସରଡ଼ା ଗ୍ରାମ ପଞ୍ଚାୟତର ଯୁଗାପଦର ଗ୍ରାମଠାରେ ବ୍ଲକ କୃଷକ ମୋର୍ଚ୍ଚା ସଂଯୋଜକ ପ୍ରିୟରଞ୍ଜନ ସାହୁକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତସମିତି ଅଧ୍ୟକ୍ଷ କୋଇନ କିମ୍ବାକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବୋଙ୍ଗାଲ ଜିଲ୍ଲା କୃଷି ଅଧିକାରୀ ମୁନିଗୁଡା ପ୍ରକାଶଚନ୍ଦ୍ର ବେହେରା, ମଣ୍ଡଳ କୃଷି ଅଧିକାରୀ କାଳନ୍ଦୀ ପରିଡ଼ା, ଚନ୍ଦ୍ରପୁର କୃଷି ଅଧିକାରୀ ସୁଶ୍ରୀ ଅର୍ପିତା ବେହେରା ମାଝୀ, ସହକାରୀ କୃଷି ଅଧିକାରୀ ସୁଶ୍ରୀ ଗାୟତ୍ରୀ ମୁଣ୍ଡା, ଉଦ୍ୟାନ ସମ୍ପ୍ରସାରଣ ଅଧିକାରୀ ମନସ୍ୱିତା ଶବର, ପଶୁସମ୍ପଦ ଅଧିକାରୀ ଓପ୍ରକାସ ସାହୁ, ରାୟଗଡ଼ା ଜିଲ୍ଲା କୃଷି ବୈଜ୍ଞାନିକ ରାଜୀବ ଟୁଡୁ, ଶିବିରରେ ଶତାଧିକ ଚାଷୀ ଯୋଗ ଦେଇଛନ୍ତି। ରସାୟନିକ ସାର ବଦଳରେ ଜୈବିକ ଉପାୟରେ ମାଟିର ଉର୍ବରତା ବଢ଼ାଇ ଉତ୍ପାଦନ ବୃଦ୍ଧି କରିବା ଏହି 'ନୂତନ କୃଷି ଯାତ୍ରା'ର ମୁଖ୍ୟ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ଚାଷୀଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ନିମନ୍ତେ ମତ ବ୍ୟକ୍ତ କରିଥିଲେ। ମୁନିଗୁଡା କୃଷି ବୈଶିକ ସହାୟକ ଉତ୍ତମ କୁମାର ଦାସ, ମଞ୍ଚ ସଞ୍ଚାଳନା ଶ୍ରୀଧର ପଟ୍ଟନାୟକ କରିଥିଲେ ଆଜିର କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଫକିର ମୋହନ ଗୁମିଟାଙ୍ଗା, ମଣ୍ଡଳ ପ୍ରଭାରୀ ରୁଦ୍ର ମୃଗୁଲି, ସରପଞ୍ଚ ଅନିତା ଶବର, ଟୁରିଗୁଡା ସରପଞ୍ଚ ସୁନିତା ମୁଣ୍ଡିକା ଉପସ୍ଥିତ ଥିଲେ। କୃଷି ଅଧିଦର୍ଶକ ରଞ୍ଜିତ ଗୋମାଙ୍ଗ, ଜଗନ୍ନାଥ ମହାପାତ୍ର ସୁଧାକର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଆଦିବାସୀ ଅନୁସୂଚିତ ଜନଜାତି ସଭାପତି ପ୍ରଶାନ୍ତ ଗୋଗେରେଙ୍ଗା ଓ ପ୍ରସାଦ ଗୋଗେରେଙ୍ଗା ଉପସ୍ଥିତ ଥିଲେ।

# ଟାଉନଥାନା ପୁଲିସ ପଞ୍ଝାରେ ୩ ନାବାଳକ ସହ ୬ ଅଭିଯୁକ୍ତ

ଜୟପୁର, ୨୦।୬(ସମିସ)



## ୪ଟି ଚୋରି ମାମଲାରୁ ୩ ଲକ୍ଷ ଟଙ୍କା ଉଦ୍ଧାର

ଜୟପୁର ସହରର ଚୋର ମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଏଥିନେଇ ପୁଲିସ ଉପରେ ଚାପ ସୃଷ୍ଟି ହେଉଛି। ପୁଲିସ ଚୋର ମାନଙ୍କୁ ଧରୁଛି କିଛି ଚୋରି ସାମଗ୍ରୀ, ଟଙ୍କା ଉଦ୍ଧାର କରିବା ସହିତ ଜେଲ ହାଜତକୁ ପଠାଉଛି; କିନ୍ତୁ ଚୋରମାନଙ୍କ ପ୍ରାଦୁର୍ଭାବ କମ ହେଉନାହିଁ। ପୁଣି ଚୋରି ହେଉଛି। ଏହିପରି ଚୋର ଓ ପୁଲିସର ଖେଳ ଜୟପର ସହରରେ ଲାଗି ରହିଛି। ଏହିପରି ଆଜି ଟାଉନଥାନା ପୁଲିସ ଗତ ୨ ମାସରେ ସହରରେ ସମୁଦାୟ ୪ଟି ଚୋରି ମାମଲାରେ ୩ ଜଣ ନାବାଳକଙ୍କ ସମେତ ସମୁଦାୟ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରଛନ୍ତି। ଗିରଫ ୩ ଅଭିଯୁକ୍ତମାନେ ହେଲେ ଜୟପୁର ସହରର ଓଡିଆ ମେଦ୍ରୀ ସାହିର ରିଙ୍କୁ ବାଗ (୨୦), ଗୋପବନ୍ଧୁ ନଗରର ରବୀନ୍ଦ୍ର ବାଗ (୩୨) ଏବଂ ହାଟପଦାର ରାଖେଲ ଖରା (୧୯)। ଏହି ୪ଟି ଚୋରି ମାମଲାରେ ପୁଲିସ ପ୍ରାୟ ୩ ଲକ୍ଷ ଟଙ୍କା, ରୁପା ସାମଗ୍ରୀ, ଗୋଟିଏ ଅଟୋ (ଓଡି ୧୦ ଏଚ- ୨୮୪୫) ସମେତ ଚୋରିରେ ବ୍ୟବହୃତ ଲୁହା ଛଡ, ଶାବଳ ପ୍ରଭୃତି ଜବତ କରିଥିବା ନେଇ ଅପରାହ୍ନରେ ଜୟପୁର ଟାଉନଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ ଏବଂ ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

ଗତ ଜୁନ ୧୩ ତାରିଖରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସହରର ମୁଖ୍ୟରାସ୍ତାରେ ରହିଥିବା ବିକ୍ରମଦେବ ଛାତ୍ରାବାସ ଭିତରେ କୌଣସି ଅଜଣା ଯୁବକ ଝରକା ଭାଙ୍ଗି ପ୍ରବେଶ କରିବା ସହ କିଛି ଚେୟାର ଚୋରି କରିଥିବା ନେଇ ଟାଉନଥାନାରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ ରେଜିଷ୍ଟ୍ରାର ରଞ୍ଜନ କୁମାର ପ୍ରଧାନ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏନେଇ ତଦନ୍ତକାରୀ ଅଧିକାରୀ ଏଏସଆଇ କାର୍ତ୍ତିକ ମିଶ୍ର ତଦନ୍ତ କରିବା ସହିତ ଓଡିଆ ମେଦ୍ରୀ ସାହିର ଦୁର୍ଦ୍ଧାନ୍ତ ଚୋର ରିଙ୍କୁ ବାଗକୁ ଗିରଫ କରିଥିଲେ। ଅଭିଯୁକ୍ତ ନିକଟରୁ ଦୁଇଟି ପ୍ଲାଷ୍ଟିକ ଚେୟାର, ଗୋଟିଏ କାଠ ଚେୟାର, ଗୋଟିଏ ଲୁହା ଛଡ ଜବତ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ଟାଉନଥାନାରେ ୯ଟି ଚୋରି ଓ ଲୁଟ ମାମଲା ରହିଛି। ସେହିପରି ଗତ ୧୬ ତାରିଖରେ ଦେବତ୍ତୋର ବିଭାଗର ବାଙ୍କମଠ ପରିସରରେ ରହିଥିବା ଗୋପୀନାଥ ଏବଂ ବାଙ୍କେଶ୍ୱର ମହାଦେବ ମନ୍ଦିରର ହୁଣ୍ଡିରୁ ପ୍ରାୟ ୧୦ ହଜାର ଟଙ୍କା ଏବଂ ଭଗବାନଙ୍କ ଦୁଇଟି ରୁପା ଛୋଟ ମୁକୁଟ ଚୋରି ହୋଇଥିବା ନେଇ ଥାନାରେ ଦେବତ୍ତୋର ବିଭାଗର କନିଷ୍ଠ କିରାଣି ଶୁଭମ ମିଶ୍ର ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା ରୁଜୁ କରିବା ସହିତ ଏସ.ଆଇ ସିଦ୍ଧାନ୍ତ ବେହେରା ତଦନ୍ତକାରୀ ଅଧିକାରୀ ଭାବେ ତଦନ୍ତ ବେଳେ ସ୍ଥାନୀୟ ଗୋପବନ୍ଧୁ ନଗରର ଦୁର୍ଦ୍ଧାନ୍ତ ଅପରାଧୀ ରବୀନ୍ଦ୍ର ବାଗକୁ ଥାନାକୁ ଆଣି ପଚରାଉଚରା ବେଳେ ଚୋରି କରିଥିବା ନେଇ ସ୍ୱୀକାର କରିଥିଲା। ଅଭିଯୁକ୍ତଙ୍କ ନିକଟରୁ ୨୩୫୦ ଟଙ୍କାର କୋଏନ ଓ ଦୁଇଟି ଛୋଟ ରୁପା ମୁକୁଟ ଜବତ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ୭ଟି ମାମଲା ଟାଉନଥାନାରେ ରହିଛି। ତୃତୀୟ ଘଟଣାରେ ଗତ ମେ ୨୬ ତାରିଖରେ ଗାନ୍ଧିଛକ ନିକଟରେ ଏଲ.ଏନ .ଷ୍ଟୋର୍ସ ନାମକ ଏବଂ ମଟର ଯାନ ଯନ୍ତ୍ରାଂଶ ବିକ୍ରି ଦୋକାନରେ ଚୋରି ହୋଇଥିବା ନେଇ ମାଲିକ ଅନିଲ କୁମାର ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା ରୁଜୁ ହେବା ସହିତ ଏ.ଏସ.ଆଇ ଡି.ବି. ପ୍ରଭୁସହାୟ ତଦନ୍ତ କରିଥିଲେ ଏବଂ ଦୁଇଜଣ ନାବାଳକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ ଏବଂ ଅଭିଯୁକ୍ତଙ୍କ ନିକଟରୁ ୨୫୦୦ ଟଙ୍କା ଏବଂ ୨ହଜାର ୩ ଶହ ଟଙ୍କାର କମ୍ପାନୀ ଗୁଡିକର କ୍ୟାସ ଟୋକେନ ଏବଂ ତାଲା ଭାଙ୍ଗିବା ଲୁହାଛଡ ଜବତ କରିଥିଲେ। ସେହିପରି ୪ର୍ଥ ମାମଲାରେ ଗତ ଜୁନ ୬ ତାରିଖ ରାତିରେ ପୁରୁଣାଗଡ଼ଛକ ଠାରୁ ପାୱାର ହାଉସ ଛକକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏକ ସମେଣ୍ଟ ଓ ଲୁହାଛଡ ଦୋକାନର ପଛପଟେ ସିନ୍ଧି ଖୋଳାଯାଇ ଦୁର୍ବୃତ ଭାବେ ଭିତରେ ପ୍ରବେଶ କରିଥିବା ବେଳେ କାଉଣ୍ଟରେ ରହିଥିବା ବ୍ୟାଗରୁ ୬ ଲକ୍ଷ ୮୫ ହଜାର ଟଙ୍କା ଚୋରି ହୋଇଥିବା ନେଇ ଦୋକାନର ମାଲିକ ହିତେଶ ଜୈନ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମାମଲା ରୁଜୁ କରାଯିବା ସହିତ ତଦନ୍ତକାରୀ ଅଧିକାରୀ ଭାବେ ଏଏସଆଇ ଡି.ବି. ପ୍ରଭୁସହାୟତ ତଦନ୍ତ କରିଥିଲେ ଏବଂ ଏହି ମାମଲାରେ ପୂର୍ବରୁ ୩ଟି ଲୁଟ ଓ ଚୋରି ମାମଲାରେ ସାମିଲ ରହିଥିବା ହାଟପଦା ଅଞ୍ଚଳର ରାଖେଲ ଖରା ଏବଂ ଅନ୍ୟଜଣେ ନାବାଳାକକୁ ଆଣି ପଚରାଉଚରା ବେଳେ ଚୋରି କରିଥିବା ସ୍ୱିକାର କରିଥଲା ଏବଂ ଅଭିଯୁକ୍ତଙ୍କ ନିକଟରୁ ଚୋରି ଟଙ୍କା ମଧ୍ୟରୁ ମାତ୍ର ୨ଲକ୍ଷ ୭୫ହଜାର ୫ଶହ ଟଙ୍କା ସମେତ ସିନ୍ଧି ଖୋଳିବାରେ ବ୍ୟବହୃତ ଶାବଳକୁ ପୁଲିସ ଜବତ କରିଛି। ସମସ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରିଥିବା ନେଇ ଏସଡିପିଓ କୁମାରୀ ମିତ୍ତଲ ସୂଚନା ଦେଇଛନ୍ତି।

## ସାମାନ୍ୟ ବଚସାକୁ ନେଇ ପରିବାରକୁ ବାସନ୍ଦ

# ପୀଡ଼ିତ ପରିବାରକୁ ଭେଟିଲା ଜିଲ୍ଲା ପ୍ରଶାସନ



ବୈପାରୀଗୁଡ଼ା, ୨୦।୬(ସମିସ): ଗ୍ରାମ କମିଟି ନେଇଥିବା ନିଷ୍ପତ୍ତି ନମାନିବାରୁ ଗୋଟିଏ ପରିବାର ଗାଁରୁ ବାସନ୍ଦ ହୋଇଛନ୍ତି। ପରିବାର ଲୋକଙ୍କୁ ଗାଁ ପର୍ବପର୍ବାଣିରେ ସାମିଲ କରାଯାଇନାହିଁ କି ସୁଖ ଦୁଃଖରେ କେହି ଆସିଲେ ନାହିଁ। ଏମିତିକି ପାଣି ମଧ୍ୟ ଦିଆ ଯାଉନାହିଁ। ଏଭଳି ଅଭିଯୋଗ ନେଇ ପରିବାର ଲୋକେ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ପରେ ଗାଁରେ ଆଜି ପହଞ୍ଚିଛି ପ୍ରଶାସନ। ଏଭଳି ଘଟଣା କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଖିଲଗୁଡାରେ ଦେଖିବାକୁ ମିଳିଛି।

କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକ, ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ, ଏବଂ ବ୍ଲକ ପ୍ରଶାସନ ତରଫରୁ ବିଡ଼ିଓ ସୁବ୍ରତ ସାହୁ, ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା, ସରପଞ୍ଚ ସୂର୍ଯ୍ୟମଣି ନାୟକ, ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆ ପ୍ରମୁଖ ଖିଲଗୁଡାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ବୈପାରୀଗୁଡା ବ୍ଲକ ଖିଲଗୁଡା ଗାଁରେ ମୋଟ ୬୦ଟି ପରିବାର ବସବାସ କରନ୍ତି। ହେଲେ ସାମାନ୍ୟ ବଚସାକୁ ନେଇ ଗୋଟିଏ ପରିବାରକୁ ବାସନ୍ଦ କରାଯାଇଛି। ସାମାଜିକ ଓ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଆରମ୍ଭ ହେଲା ଝଗଡ଼ା। ପରେ ଗାଁ କମିଟି ବୈଠକ ଡକାଇଲା। ହେଲେ ଉକ୍ତ ପରିବାର ଲୋକେ ଗାଁ ଲୋକଙ୍କୁ ସହଯୋଗ କଲେ ନାହିଁ। ଶେଷରେ ଗ୍ରାମ କମିଟି ନେଇଥିବା ନିଷ୍ପତ୍ତି ନମାନିବାରୁ ପରିବାରକୁ ବାସନ୍ଦ କରାଯାଇଛି। ପୀଡିତ ପରିବାର ଲୋକଙ୍କ ସୁଖ ଦୁଃଖରେ ଗାଁ ଲୋକେ କେହି ଗଲେ ନାହିଁ। ଏପରିକି ଛୋଟ ଛୁଆଙ୍କ ସହ ମଧ୍ୟ କଥା ବାର୍ତ୍ତା ହେଉନାହାନ୍ତି। ଫଳରେ ସମ୍ପୃକ୍ତ ପରିବାର ଅନେକ ଅସୁବିଧାର ସମ୍ମୁଖୀନ ହେଲେ। ଦୀର୍ଘ ମାସ ଧରି ଏକଘରିଆ କରିଦିଆଯାଇଛି ବୋଲି ପୀଡିତ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ପରିବାର ସମସ୍ତ ସଦସ୍ୟ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଅଭିଯୋଗକୁ ଆଧାର କରି କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖିଲଗୁଡା ଗାଁରେ ପ୍ରଶାସନ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ସାମାଜିକ ଓ ପାରିବାରିକ ସମସ୍ୟାକୁ କେନ୍ଦ୍ର କରି ଗାଁ ଝଗଡ଼ା ହୋଇଥିବା ଜାଣିବାକୁ ପାଇଲେ। ଗ୍ରାମବାସୀ, ସମ୍ପୃକ୍ତ ପରିବାର ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଆଲୋଚନା ପରେ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ସୃଷ୍ଟି ହୋଇଥିଲା। ବାସନ୍ଦ କରାଯାଇଥିବା ପରିବାରକୁ ପୁଣିଥରେ ଗ୍ରାମ ସମାଜ ସହ ମିଶାଇ ଦିଆଯାଇଥିଲା। ପ୍ରଶାସନର ମଧ୍ୟସ୍ଥତା ଏବଂ ଉଭୟ ପକ୍ଷର ସହଯୋଗ ଫଳରେ ଖିଲଗୁଡା ଗ୍ରାମର ଏହି ବିବାଦର ସୁଖଦ ସମାପ୍ତି ଘଟିଛି। ଆଗାମୀ ଦିନରେ ଗ୍ରାମରେ ଶାନ୍ତି ଓ ସାମାଜିକ ସମ୍ପ୍ରୀତି ବଜାୟ ରହିବ ବୋଲି ଆଶା କରାଯାଉଛି। ଆଜିକା ଡିଜିଟାଲ ଯୁଗରେ ଏଭଳି ମାନସିକତାକୁ ନେଇ ବୁଦ୍ଧିଜୀବୀ ମହଲରେ ନ ପସନ୍ଦ କରାଯାଇଛି।

# ଭାଲୁ ମୃତ୍ୟୁ ଘଟଣାରେ ୫ କୋର୍ଟ ଚାଲାଣ



ମାଲକାନଗିରି, ୨୦।୬(ସମିସ): ମାଲକାନଗିରି ଜିଲ୍ଲାର ମାଥିଲି ବନାଞ୍ଚଳ ଅଧୀନ ଡାଇଗୁଡ଼ା ଗ୍ରାମରେ ଗତ ଜୁନ୍ ୧୭ ତାରିଖରେ ଏକ ଭାଲୁ ରାସ୍ତା ଉପରକୁ ଚାଲି ଆସିଥିଲା। ପରଦିନ ଅର୍ଥାତ୍ ଜୁନ୍ ୧୮ ତାରିଖରେ ଭାଲୁଟିର ମୃତ୍ୟୁ ଘଟିଥିଲା। ଘଟଣା ପରେ ବନ ବିଭାଗ ପକ୍ଷରୁ ମୃତ ଭାଲୁର ବ୍ୟବଚ୍ଛେଦ କରାଯିବା ସହ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା ଯେ, କିଛି ବ୍ୟକ୍ତି ଭାଲୁଟି ଉପରେ ପଥର ମାଡ଼ କରିଥିଲେ। ଏହି ଆକ୍ରମଣରେ ଭାଲୁଟି ଗୁରୁତର ଆହତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ତାହାର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରୁ ସଂଗୃହୀତ ଭିଡିଓ ଫୁଟେଜ ଓ ଅନ୍ୟାନ୍ୟ ପ୍ରମାଣକୁ ଆଧାର କରି ବନ ବିଭାଗ ଆଜି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସମସ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଖଣ୍ଡୀୟ ବନ ଅଧିକାରୀ ସାଇ କିରଣ ଡି.ଏନ୍. ସୂଚନା ଦେଇଛନ୍ତି।

# ଅଟୋ-ପିକଅପ୍ ଦୁର୍ଘଟଣାରେ ଚିକିତ୍ସାଧୀନ ବ୍ୟକ୍ତିଙ୍କ ମୃତ୍ୟୁ

ନନ୍ଦପୁର, ୨୦।୬(ସମିସ): ଗତ ୧୫ ତାରିଖରେ ନନ୍ଦପୁର ଅଗ୍ନିଶମ କେନ୍ଦ୍ର ନିକଟରେ ଏକ ଅଟୋ ଓ ପିକଅପ୍ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କାରେ ଗୁରୁତର ହୋଇ ଆନ୍ଧ୍ରପ୍ରଦେଶର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ଯୁବକଙ୍କ ଆଜି ସକାଳେ ମୃତ୍ୟୁ ହୋଇଯାଇଛି। ଶୋକାକୁଳ ପରିବେଶରେ ସନ୍ଧ୍ୟାରେ ଅନ୍ତିମ ସଂସ୍କାର କରାଯାଇଛି। ମୃତକ ହେଲେ ଡମ୍ବୁରୁ ହିଙ୍ଗୋଇ। ସୂଚିତ ଯେ ଗତ ୧୫ ତାରିଖ ବିଳମ୍ବିତ ରାତିରେ ଅଟୋ ସହ ପିକଅପ୍ ଦୁର୍ଘଟଣା ଘଟିଥିବା ୧୪ ଜଣଙ୍କ ମଧ୍ୟରୁ ୮ ଜଣ ଗୁରୁତର ଆହତଙ୍କୁ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ଆହତମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ସେଥିମଧ୍ୟରୁ ନନ୍ଦପୁର ଥାନା ଅନ୍ତର୍ଗତ ଗେରୁପୁଟ ଗ୍ରାମର ଡମ୍ବୁରୁ ହିଙ୍ଗୋଇଙ୍କୁ ବିଶାଖାପାଟନମସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଦୀର୍ଘ ଦିନ ଧରି ଚିକିତ୍ସା ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ନ ହେବାରୁ ଡାକ୍ତରମାନେ ପରିବାର ଲୋକଙ୍କୁ ତାଙ୍କୁ ଘରକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ପରେ ତାଙ୍କୁ ଲମତାପୁଟସ୍ଥିତ ଆଶାକିରଣ ନିଦାନ କେନ୍ଦ୍ରକୁ ଆଣି ଚିକିତ୍ସାଧୀନ ଅବସ୍ଥାରେ ରଖାଯାଇଥିଲା। କିନ୍ତୁ ଶନିବାର ସକାଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ଜଣାପଡ଼ିଛି। ଡମ୍ବୁରୁ ହିଙ୍ଗୋଇଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗେରୁପୁଟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ରାୟଗଡ଼ ପୌର ପରିଷଦ ପକ୍ଷରୁ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗୀଦାରୀ କାର୍ଯ୍ୟକ୍ରମ



ରାୟଗଡ଼, ୨୦।୬(ସମିସ): ରାୟଗଡ଼ ପୌର ପରିଷଦ ଦ୍ୱାରା ଅଡିଟୋରିୟମ୍‌ରେ ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ଭାଗୀଦାରୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ନାଗରିକମାନଙ୍କୁ ପୌରପରିଷଦ ଦ୍ୱାରା ପରିଚାଳିତ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନ କରିବା, ସେମାନଙ୍କର ଅଭିଯୋଗ ଓ ସମସ୍ୟାର ସମାଧାନ କରିବା। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)-୨.୦, ଗୃହ କର, ବାଣିଜ୍ୟିକ ଲାଇସେନ୍ସ, ବିଲ୍ଡିଂ ପ୍ଲାନ୍ ଅନୁମୋଦନ, ସହଯୋଗ ଯୋଜନା ଆଦି ସମ୍ପର୍କରେ ନାଗରିକମାନଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାୟଗଡ଼ ପୌରପରିଷଦ ଅଧୀନରେ କାର୍ଯ୍ୟରତ ସଫେଇ ମିତ୍ରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ସଫେଇ ମିତ୍ରମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା ଏଥିସହିତ ବିଭିନ୍ନ ଯୋଜନାରେ ଯୋଗ୍ୟ ଥିବା ନାଗରିକମାନଙ୍କୁ ସ୍ଥଳ ବିଶେଷରେ ଆବେଦନ କରିବା ପାଇଁ ସହାୟତା ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମଟି ରାୟଗଡ଼ ପୌର ପରିଷଦର ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୌରପରିଷଦର ସମସ୍ତ କାଉନସିଲରମାନେ ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ରାୟଗଡ଼ ପୌରପରିଷଦର ନିର୍ବାହୀ ଅଧିକାରୀ କୁଳଦୀପ କୁମାର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ଟିମ ଲିଡ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଜିଲ୍ଲା ମିଶନ ମ୍ୟାନେଜର, ସ୍ୱଚ୍ଛତା ବିଶେଷଜ୍ଞ, କମ୍ୟୁନିଟି ଅର୍ଗାନାଇଜର ଏବଂ ପୌରପରିଷଦର ବିଭିନ୍ନ ଶାଖାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନାଗରିକମାନଙ୍କ ସନ୍ଦେହ ଦୂର କରିବା ସହ ବିଭିନ୍ନ ଯୋଜନାର ସୁବିଧା ପ୍ରାପ୍ତି ନିମନ୍ତେ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲେ।

# ବାଲିମେଲା ଏନ୍‌ଏସିରେ ଶୋଚନୀୟ ସ୍ଥିତି

## ସହକାରୀ ଯନ୍ତ୍ରୀଙ୍କୁ ଧମକ ପରେ କାର୍ଯ୍ୟାଳୟ ଖାଁ ଖାଁ

ମାଲକାନଗିରି/କୋରୁକୋଣ୍ଡା, ୨୦।୬ (ସମିସ)



ମାଲକାନଗିରି ଜିଲ୍ଲାର ବାଲିମେଲା ଏନଏସିରେ ଠିକା କାର୍ଯ୍ୟକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ବିବାଦ ପରେ ସହକାରୀ ଯନ୍ତ୍ରୀଙ୍କୁ ଧମକ ଦିଆଯାଇଥିବା ଅଭିଯୋଗ ଉଠିଛି। ଏହାର ପ୍ରତିବାଦରେ ଶନିବାର ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ, ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟାଳୟରେ ଯୋଗ ନ ଦେଇଥିବା ଜଣାପଡ଼ିଛି। କାର୍ଯ୍ୟାଳୟଟି ଖାଁ ଖାଁ ଲାଗୁଛି। ସୂଚନାନୁସାରେ, ବାଲିମେଲା ଏନଏସି ପକ୍ଷରୁ ପତ୍ର ସଂଖ୍ୟା-୪୭୪ ଅନୁଯାୟୀ ଗତ ୨୬ ମାର୍ଚ୍ଚ ୨୦୨୬ ତାରିଖରେ ଏନଏସିର ବିକାଶମୂଳକ କାର୍ଯ୍ୟ ପାଇଁ ୧୬ଟି ପ୍ରକଳ୍ପର ଲକ୍ଷାଧିକ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ଅନେକ ଠିକାଦାର ଶିଡ୍ୟୁଲ ରେଟରେ ଦରପତ୍ର ଦାଖଲ କରିଥିବାବେଳେ ଲମତାପୁଟ ଅଞ୍ଚଳର ଠିକାଦାର ପ୍ରଶାନ୍ତ କୁମାର ବଡନାୟକ କିଛି ଶତକଡ଼ା କମ୍ ଦର ଦେଇ ଉକ୍ତ କାର୍ଯ୍ୟଗୁଡ଼ିକ ହାସଲ କରିଥିଲେ। ଗତ ଶୁକ୍ରବାର ଉକ୍ତ କାର୍ଯ୍ୟଗୁଡ଼ିକର ଚୁକ୍ତିନାମା ସମ୍ପାଦନ ପାଇଁ ଶ୍ରୀ ବଡନାୟକ ବାଲିମେଲା ଏନଏସି କାର୍ଯ୍ୟାଳୟକୁ ଆସିଥିବା ବେଳେ କିଛି ବ୍ୟକ୍ତି ଏହାକୁ ବିରୋଧ କରି କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ। ସେମାନେ ଯନ୍ତ୍ରୀ କୁମୁଦିନୀ ସେଠୀ ଓ ସହକାରୀ ଯନ୍ତ୍ରୀ ପଦ୍ମନାଭ ବେଟିଙ୍କ କକ୍ଷକୁ ଯାଇ ସହକାରୀ ଯନ୍ତ୍ରୀ ଶ୍ରୀ ବେଟିଙ୍କ ସହ ଅସଭ୍ୟ ବ୍ୟବହାର କରିବା ସହ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ଶ୍ରୀ ବେଟି ଓ ଅନ୍ୟ କର୍ମଚାରୀମାନେ ନିଜକୁ ଅସୁରକ୍ଷିତ ମନେ କରି ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରାଙ୍କୁ ଅବଗତ କରାଇଥିଲେ। ଏହାର ପ୍ରତିବାଦରେ ଶନିବାର କୌଣସି ଅଧିକାରୀ କିମ୍ବା କର୍ମଚାରୀ କାର୍ଯ୍ୟାଳୟରେ ଯୋଗ ଦେଇନଥିବା ଜଣାପଡ଼ିଛି। ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି ଯେ, ଯେଉଁ ବ୍ୟକ୍ତିମାନେ ନ ଲାଇସେନ୍ସପ୍ରାପ୍ତ ଠିକାଦାର, ନ ସ୍ଥାନୀୟ ଜନପ୍ରତିନିଧି, ସେମାନେ କିପରି ଏବଂ କାହାର ଇଙ୍ଗିତରେ ସରକାରୀ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରି ସହକାରୀ ଯନ୍ତ୍ରୀଙ୍କୁ ଧମକ ଦେଲେ। ଏନଏସି କର୍ମଚାରୀମାନେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହିତ ଟେଣ୍ଡର ପ୍ରକ୍ରିୟାରେ କାର୍ଯ୍ୟ ପାଇଥିବା ଠିକାଦାର ପ୍ରଶାନ୍ତ କୁମାର ବଡନାୟକଙ୍କ ସହ ତୁରନ୍ତ ଚୁକ୍ତିନାମା ସମ୍ପାଦନ ଏବଂ ସହକାରୀ ଯନ୍ତ୍ରୀଙ୍କୁ ଧମକ ଦେଇଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରା କହିଛନ୍ତି ଯେ, କିଛି ବ୍ୟକ୍ତିଙ୍କ ଅସଭ୍ୟ ବ୍ୟବହାର ଓ ଧମକ ଯୋଗୁଁ କର୍ମଚାରୀମାନେ ମାନସିକ ଭାବେ ଆଘାତପ୍ରାପ୍ତ ହୋଇ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ସେହି କାରଣରୁ ସେମାନେ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଘଟଣା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ସହ ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯାଉଥିବା ସେ ପ୍ରକାଶ କରିଛନ୍ତି।

## ମଦ ଦୋକାନ ସ୍ଥାନାନ୍ତର ଦାବି

# ଜିଲ୍ଲାପାଳଙ୍କୁ ଭେଟିଲା ଜିଲ୍ଲା କଂଗ୍ରେସ କମିଟି




ମାଲକାନଗିରି, ୨୦।୬(ସମିସ): ମାଲକାନଗିରି ଜିଲ୍ଲା ସଦରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟବର୍ତ୍ତୀ ଏବଂ ସୁକୁମାକୁ ସଂଯୋଗ କରୁଥିବା ବାଇପାସ୍ ରାସ୍ତା ପାର୍ଶ୍ୱସ୍ଥିତ ମଦ ଦୋକାନଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦାବିରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଂଗ୍ରେସ ନେତୃବୃନ୍ଦଙ୍କ କହିବାନୁସାରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ମଦ ଦୋକାନ ଯୋଗୁଁ ରୋଗୀ, ସେମାନଙ୍କ ସମ୍ପର୍କୀୟ ଏବଂ ସାଧାରଣ ଲୋକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମଦ୍ୟପାନ କରି ଅନେକ ସମୟରେ ମଦ୍ୟପ ବ୍ୟକ୍ତି ଚିକିତ୍ସାଳୟ ପରିସରକୁ ଯାଇ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଅସଦାଚରଣ କରୁଥିବା ଅଭିଯୋଗ ମଧ୍ୟ ରହିଛି। ଏହାଫଳରେ ଚିକିତ୍ସା ସେବା ବାଧାପ୍ରାପ୍ତ ହେବା ସହ ହସ୍ପିଟାଲ ପରିବେଶ ମଧ୍ୟ ପ୍ରଭାବିତ ହେଉଛି। ଏହା ସେହି ମଦ ଦୋକାନଟି ଜାତୀୟ ରାଜପଥ କଡରେ ଥିବା ବେଳେ ଅନେକ ଦୁର୍ଘଟଣା ମଧ୍ୟ ଏହି ମଦ ଦୋକାନ ପାଇଁ ହେଉଛି।

ସେହିପରି ସୁକୁମାକୁ ସଂଯୋଗକାରୀ ବାଇପାସ୍ ରାସ୍ତା ନିକଟରେ ଥିବା ମଦ ଦୋକାନ ଯୋଗୁଁ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଦୁର୍ଘଟଣା ଆଶଙ୍କା ବଢୁଥିବା ଦାବି କରିଛି କଂଗ୍ରେସ। ଏହା ସହ ସେହି ଅଞ୍ଚଳରେ ଅନେକ ବସ୍ତି ଓ ସାହି ରହିଥିବା ବେଳେ ଏକ କେନାଲ ମଧ୍ୟ ରହିଛି। କେନାଲ ମଧ୍ୟରେ ମଦ୍ୟପ ମାନେ ବୋତଲ ପକାଇବା ଫଳରେ ଲୋକେ ଆହତ ହେଉଛନ୍ତି। ନିକଟରେ ନୂତନ ଟେଣ୍ଡର ପ୍ରକ୍ରିୟା ପରେ ପୁନର୍ବାର ଏହି ସ୍ଥାନଗୁଡ଼ିକରେ ମଦ ଦୋକାନ ଖୋଲିବାର ଯୋଜନା ଥିବାରୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଦାବିପତ୍ର ମାଧ୍ୟମରେ କଂଗ୍ରେସ ପକ୍ଷରୁ ମଦ ଦୋକାନଗୁଡ଼ିକୁ ଜନବସତି, ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟ ପରିସରଠାରୁ ଦୂରରେ ଅନ୍ୟ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ଚେତାବନୀ ଦେଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଜି ଶ୍ରୀନିବାସ ରାଓ, କେଶୁ ରାଓ, କୃଷ୍ଣଚନ୍ଦ୍ର ଅନୁଗୁ, ପ୍ରାଣକୃଷ୍ଣ ମଣ୍ଡଳ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ସୃଜନିକା

ସକାଳ
THE SAKALA
www.sakalaepaper.com



# ଅଧଘଣ୍ଟାର କଟକ



କୃଷ୍ଣ କୁମାର ମହାନ୍ତି

କୀର୍ତ୍ତି ପାଇଁ କଟକ କେବଳ ଗୋଟେ ସହର ନଥିଲା। ଥିଲା ତା'ର ଅଧଘଣ୍ଟିଆ ଦୁନିଆର ଗୋଟେ ନନ୍ଦନକାନନ।

ପ୍ରତି ଶନିବାର ବାଲେଶ୍ୱରରୁ ସକାଳ ୯ଟା ବସ୍ ଧରି ସେ ଧାଇଁ ଆସେ କଟକ। ତିନି ଘଣ୍ଟାର ରାସ୍ତା। କେତେବେଳେ ସରିଯାଏ ଜାଣି ପାରେନା। ବସ୍‌ରେ ବସିଲେ ହିଁ ମନ ତା'ର ଭାସେ କଳ୍ପନାରେ। କେମିତି ପହଞ୍ଚିବ ଆଉ ଦେଖିବ ତାକୁ। ହେଉ ପଛକେ ଅଧଘଣ୍ଟା ପାଇଁ।

ବସ୍ ଲିଙ୍କ୍ ରୋଡ୍ ଟପି ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ପହଞ୍ଚେ। ସୌରଭ ବାଇକ୍ ନେଇ ଛିଡ଼ା ହୋଇଥାଏ। କଳା ଶାର୍ଟ ତାକୁ ମାନେ। ସେ ପିନ୍ଧିଥାଏ କଳା ଶାର୍ଟ। ମୁହଁରେ ଉଛୁଳୁଥାଏ ସେଇ ତାରକସି ହସ, ଆଉ ଆଖିରେ ଦୁଷ୍ଟାମୀ। ସେ ହସ ଦେଖି କୀର୍ତ୍ତିର ତିନି ଘଣ୍ଟାର କ୍ଳାନ୍ତି ନିମିଷକରେ ଉଭାନ୍ ହେଇଯାଏ।

ବାଇକ୍ ଗଡ଼େ ରିଂରୋଡ୍ ଦେଇ ଆଗକୁ। ପବନରେ କୀର୍ତ୍ତିର ଓଢ଼ଣୀ ଉଡ଼େ, ଆଉ ତା' ସହିତ ତା'ର ହୃଦୟ ବି।

ସିଧା କାଠଯୋଡ଼ି ପଠାରେ ବାଇକ୍ ରଖି ଦୁହେଁ ନଈ କୂଳର ସେଇ ପୁରୁଣା ପଥର ଉପରେ ବସନ୍ତି। ଦହିବରା ଅର୍ଡର୍ କରେ ସୌରଭ। କୀର୍ତ୍ତି ଦହିବରା ଖାଇବାକୁ ଭଲପାଏ। ସୌରଭ ଜାଣେ। ଗୋଟେ ପ୍ଲେଟ୍‌ରେ ଦୁଇଟା ଚାମଚ।

ସୌରଭ କହେ, "ତୁମେ ଆସିଲେ କଟକ ସୁନା ପରି ଝଟକେ। ତୁମେ ନଥିବା ବେଳେ କଟକ ଖାଲି ଗୋଟେ ଭିଡ଼ର ସହର।" କୀର୍ତ୍ତି ହସେ, ନିରବରେ। କିନ୍ତୁ ଘଣ୍ଟା କଣ୍ଟାକୁ ଚାହେଁ ଓ ଡରେ। ସମୟ ସରି ଆସିବ ଓ ସେ ଫେରିବ ବାଲେଶ୍ୱର।

ଠିକ୍ ଅଧଘଣ୍ଟା ହେଇନଥାଏ ସେ ଉଠିପଡ଼େ। କହେ: "ଯିବା, ବସ୍ ଛାଡ଼ିଦେବ।" ସୌରଭ ଜିଦ୍ କରେନା। ସୁଧାର ପିଲା ପରି। ପୁଣି ବାଇକ୍ ଗଡ଼େ, ବାଦାମବାଡ଼ି ଆଡ଼କୁ।

ବାଲେଶ୍ୱର ଗାମୀ ବସ୍‌ରେ ଉଠିବା ବେଳେ ସୌରଭ ଚୁପ୍‌ଚାପ୍ କୀର୍ତ୍ତି ହାତରେ ଗୁଞ୍ଜିଦିଏ ଲଜେନ୍ସ ପୁଡ଼ିଆଟେ। ସୌରଭ ଜାଣେ କୀର୍ତ୍ତି ଏଇ ଛୋଟ ଛୋଟ ଲଜେନ୍ସକୁ ଅନେଇଥାଏ। କୀର୍ତ୍ତି ପ୍ରଶ୍ନିଳ ଆଖିରେ ଅନାଏ।

: "ବାଟରେ ମୁଁ ମନେ ପଡ଼ିବି ଯେତେଥର ତମକୁ ଏଇ ଲଜେନ୍ସ ଦେବ ମିଠାପଣ।" କହେ ସୌରଭ। ବସ୍ ଛାଡ଼େ। ପଛକୁ ରହିଯାଏ ସୌରଭ।

ପୁଣି ଗୋଟେ ସପ୍ତାହର ଅପେକ୍ଷା। ତିନି ଘଣ୍ଟା ଯିବା, ଅଧଘଣ୍ଟା ରହିବା, ତିନି ଘଣ୍ଟା ଫେରିବା। ଏଇ ଗଣିତ ଭିତରେ କୀର୍ତ୍ତିର ପ୍ରେମ ସଳଖୁଥିଲା।

ତା'ପରେ ସେଇ ଶନିବାର ଆସିଲା। ଆକାଶରେ ମେଘର ତାଣ୍ଡବ। ଜୋର୍‌ରେ ବର୍ଷା ହେଉଥାଏ। କୀର୍ତ୍ତି ଓଦା ହୋଇ ବସ୍‌ଷ୍ଟାଣ୍ଡରେ ଓହ୍ଲାଇଲା ବେଳକୁ ସେଦିନ କେହି ନଥିଲା ସେଠି। ନା ବାଇକ୍, ନା କଳା ଶାର୍ଟ ପିନ୍ଧା ସୌରଭ, ନା ତା' ମୁହଁର ସେଇ ନିରୀହ ହସ।

ମୋବାଇଲ୍ ସୁଇଚ୍ ଅଫ୍। ଘଣ୍ଟାଏ, ଦୁଇ ଘଣ୍ଟା ବିତିଗଲା ସତ କିନ୍ତୁ ସୌରଭ ଆସିଲା ନାହିଁ।

ଶେଷରେ ବର୍ଷା ଛାଡ଼ିଲା। କାନ୍ଦ କାନ୍ଦ କୀର୍ତ୍ତି। ଯେମିତି ଏଇମାତ୍ର ଭୋଃ କରି କାନ୍ଦି ଦେବ। ଏଥର ଏକା ଆସିଲା ବସ୍‌ଷ୍ଟାଣ୍ଡ ବାହାରକୁ। ଗୋଟିଏ ଅଟୋ ରିକ୍ସାରେ ବସିଲା। କହିଲା, "କାଠଯୋଡ଼ି ପଠାକୁ ଚାଲ।"

ନଈ ସେଦିନ ବି ବହୁଥିଲା। ଯେମିତି ସବୁଦିନ ବହେ। ଦହିବରା ବାଲା ବି ଥିଲା ଯେମିତି ସବୁଦିନ ଥାଏ। ପଚାରିଲା, "ଆଜି ଦିଦି ଏକା?" କୀର୍ତ୍ତି ଉତ୍ତର ଦେଇପାରିଲାନି। ସେଇ ପଥର ଉପରେ ବସି ପଡ଼ି ସେ ଅନାଇଲା ନଈ ଆଡ଼କୁ - ପାଣି ଥିଲା ସତ, ହେଲେ ତା' ଭିତରୁ କିଛି ତ ଶୁଖି ଯାଇଥିଲା, ତାକୁ ମନେ ହେଲା।

ସପ୍ତାହେ ପରେ ଖବର ଆସିଲା। ଗୋଟେ ସାଙ୍ଗ ମାଧ୍ୟମରେ। ଚାକିରି ପାଇ ସୌରଭ ବାଙ୍ଗାଲୋର ଚାଲିଯାଇଛି। ତରତରରେ। ନା ଗୋଟେ ଚିଠି, ନା ଶେଷ ଦେଖା, ନା ଗୋଟେ 'ଯାଉଛି' ବୋଲି ହ୍ୱାଟ୍‌ସଆପ୍ ମେସେଜ୍। କଟକରୁ ସେ ଯେମିତି ଉଭାନ୍ ହୋଇଗଲା। ଏମିତି କ'ଣ କେହି ଯାଏ?

କୀର୍ତ୍ତିର ଫୋନ୍‌ରୁ ତା' ନମ୍ବର ଆଉ ଲାଗୁନଥିଲା।

ବର୍ଷେ ପରେ କୀର୍ତ୍ତି ଶେଷ ଥର ପାଇଁ କଟକ ଗଲା। ବାଦାମବାଡ଼ିରେ ଓହ୍ଲାଇ ଆଉ କାହାକୁ ଖୋଜିଲାନି। ସିଧା ଅଟୋ ନେଇ ଗଲା କାଠଯୋଡ଼ି ପଠା। ସେଇ ଜାଗା, ସେଇ ପଥର। ଦହିବରା ବାଲା ଚିହ୍ନି ପକାଇଲା, "ଦିଦି, ଆଜି ବି ଦୁଇ ପ୍ଲେଟ୍?"

କୀର୍ତ୍ତି ମୁଣ୍ଡ ହଲାଇଲା। "ହଁ, ଦୁଇଟା।"

ଗୋଟେ ପ୍ଲେଟ୍ ନିଜେ ଖାଇଲା। ଖାଇବା ବେଳେ କିଏ ଯେମିତି କଣ୍ଟା ହୋଇ ତା' ଗଳାରେ ଲାଗୁଥିଲା। କହୁଥିଲା: "ମୋତେ ନଦେଇ ତମେ ଖାଇ ଦେଉଛ?" କୀର୍ତ୍ତି ଉଠିଲା। ଥୁଆ ହେଇଥିବା ଆର ପ୍ଲେଟ୍‌କୁ ସେ ଚୁପ୍‌ଚାପ୍ ହାତରେ ଧରି କାଠଯୋଡ଼ିର ପାଣି ଆଡ଼କୁ ଚାଲିଲା। ଭସାଇଦେଲା ପାଣିରେ। ପ୍ଲେଟ୍‌ଟା ଧୀରେ ଧୀରେ ଦୂରକୁ ଦୂରକୁ ଭାସି ଯାଉଥିଲା। ଯେମିତି ମୃତକଙ୍କୁ ଖାଦ୍ୟ ଅର୍ପଣ କରାଯାଏ।

ନଈକୁ ଚାହିଁ ଏଥର କୀର୍ତ୍ତି କହିଲା, "ତମ ଭାଗର ଅଧଘଣ୍ଟା ନେଇଯାଅ, ସୌରଭ। ମୋ ଭାଗରେ ତ ଖାଲି ତିନି ଘଣ୍ଟାର ରାସ୍ତା ଆଉ ସାତ ଦିନର ଶୂନ୍ୟତା।"

ସେଦିନ ପରେ କୀର୍ତ୍ତି ଆଉ କଟକ ଯାଇନି। କିନ୍ତୁ କାଠଯୋଡ଼ି ଆଜି ବି ବହୁଛି।

କିଛି ନଈ ଶୁଖନ୍ତିନି, ସୁନାବ୍ୟା। କିଛି ମଣିଷ କିନ୍ତୁ ମରୁଭୂମି ପାଲଟି ଯାଆନ୍ତି। ଶୁଷ୍କ ଓ ନିଷ୍ପନ୍ଦ। ଯେମିତି ମରୁଭୂମିରେ ଗୋଟେ କାକଟସ୍। ■

କଳିଙ୍ଗ ନଗର, ବାଲେଶ୍ୱର
ମୋ: ୭୦୦୮୮୪୫୯୨୯

# ଯିବା ଲୋକ



ମାଧୁରୀ ପଣ୍ଡା

ଯିବା ଲୋକ
ବାହାରିଯାଏ ଚୁପ୍‌ଚାପ୍ ମହାଯାତ୍ରାରେ।

ଜାଣିବି ପାରେନି
ତା' ପଛରେ
ହଠାତ ମୁଠାଏ କୋଳାହଳ
ରହିରହି ମୁଣ୍ଡ ଟେକୁଥାଏ।

କାହା ଲୁହ ଡବଡବ ଆଖି,
କିଏ ନିଜ ଲୁଗାପଟାକୁ ନିଘା ନ କରି
ତା' ଯାତ୍ରା ପଛେ ପଛେ ଧାଏଁ,
କାହା ଚାପା ଚିତ୍କାର
କାହା ପଥୁରି ଯାଇଥିବା ଆଖି
ଧୀରେ ଧୀରେ ଦୂର ଖୁବ୍ ଦୂର ହେଇଯାଏ।

ସେ ଯାଏ ସବୁ ଛାଡ଼ିଛୁଡ଼ି
ଦେହ ଭିତରୁ ଦେହକୁ ଥୋଇ ଦେଇ
ଖୁବ୍ ଗୋଟେ ଡେଙ୍ଗାଗଛର
ଆହୁରି ଉପରକୁ,
ଶୂନ୍ୟ ଶୂନ୍ୟ ମହାଶୂନ୍ୟରେ
ମିଳେଇ ଯାଉଥାଏ।

ତାକୁ ନେଇ ସାରା ସହରରେ
ଚାପା ଗୁଞ୍ଜରଣ,
ସବୁଠି ତା କଥା,
ମାଟିବି ଶୁଖେଇ ପାରେନି
କାହା ଆଖିର ଲୁହ,
ଯିବା ଲୋକ ଜମା ଜାଣେନି
କିଏ ସେ ନିରବରେ ଝୁରେ,
କେବଳ ଝୁରେ ତାକୁ
ଆଉ ଝରି ଝରି ଯାଏ। ■

ମୋ: ୯୯୩୭୨୨୬୮୨୫



# ଘରକରଣା



ରଂଜିତା ପଣ୍ଡା

ସକାଳର ଗହନ ଅଳସୁଆମିରେ ଫୁଲ୍‌ଷ୍ଟପ୍ ଦେଇ
ଫୁଲ୍‌ସ୍ପିଡ୍‌ରେ ଘୂରୁଥିବା ଫ୍ୟାନକୁ ଅଫ୍ କରିଦିଏ
ଓ ବାହାରିଯାଏ ମୁଁ ଗୋଟେ ପ୍ରଚଣ୍ଡ ଖରାବେଳ ଆଡ଼କୁ।

ବାସି ପାଇଟିର ଥାକ ଥାକ ଦୀର୍ଘଶ୍ୱାସମାନଙ୍କୁ
ଛାତିଯାଏ ଟାଣିନେଲା ପରେ,
ଦୁଇ ଟୋପା ଉଦାସୀନତାକୁ ଢୋକି ନିଏ କପେ ଚା' ସହିତ
ଖଣ୍ଡେ ଅଦା ରଚ୍ କରି ବାଜେ ଅନ୍ୟମନସ୍କତାରେ।


ଚୁଲିରେ ଫୁଟୁଥାଏ ଭାତ,
ଫାଟୁଥାଏ ଚଟ୍ ଚଟ୍ ଜଙ୍ଗଲି କାଠର ଗଣ୍ଠି,
ମୋ ବାରିପଟେ ଅପରାଜିତାର ଲହ ଛାଉଣି
ଚଢୁଥାଏ ନିଜ ବାଗରେ...
ଜଞ୍ଜାଳମାନେ ଠୁଳ ହେଇ ଗାଉଥାନ୍ତି ସମବେତ ଗୀତ
ଗୋଟେ ନିରୀହ ରାଗରେ।

ଦରସିଝା କାନ୍ଦୁଳ ଡାଲି ଉତୁରିଗଲା ପରେ
ମୁଁ ଫେରିଆସେ ଚାରୋଟି କାନ୍ଥର ବନ୍ଧନ ଭିତରକୁ,
ସେତେବେଳେ ଘରସାରା
ଶହ ଶହ ଭୋକରେ ଆଉଟୁ ପାଉଟୁ ପ୍ରଜାପତି...

ସେମାନଙ୍କ ସହିତ ପ୍ରତିଯୋଗିତାରେ ମଗ୍ନ
ଶହ ଶହ ଯାବତୀୟ କୋଳାହଳ
ଶହ ଶହ ଲକ୍ଷ୍ୟଶୂନ୍ୟ ଅବସୋସ।

ସଂସାରର ଚିଟଲଗା ଡାଙ୍କୁଣିମାନଙ୍କୁ ସାବୁନ ପାଣିରେ
ସଫା କରୁ କରୁ
କେବେ ଯେ ପାପୁଲି କଟି ରକ୍ତଧାର ବହିଯାଏ,
ଆଫା କରିବାକୁ ବି ନ ଥାଏ ସମୟ କ୍ଷତମାନଙ୍କ ଉପରେ...
ଗୋଟେ ବହଳ ନିଦରାତି ଖୋଜୁ ଖୋଜୁ
ପଲକତଳେ ଗହଳରଙ୍ଗର କଳାଦାଗ ପଡ଼ିସାରିଥାଏ ବୋଲି
ନିଜଛଡ଼ା କିଏ ଜାଣିପାରେ ?? ■

ଆନନ୍ଦ ନଗର
ସୋନପୁର



ଡ. ପ୍ରଫୁଲ୍ଲ କୁମାର ସାହୁ

# ସୁରେନ୍ଦ୍ରୀୟ ଶୈଳୀ-ସ୍ୱରୂପ ଓ ନୀଳଶୈଳ

ଓଡ଼ିଆ କଥା-ସାହିତ୍ୟର ପ୍ରବାଦ ପୁରୁଷ ସୁରେନ୍ଦ୍ର ମହାନ୍ତି। ସାହିତ୍ୟର ବିଭିନ୍ନ କ୍ଷେତ୍ର ସଞ୍ଚାରୀ ଏହି ବିସ୍ମୟ ବିଶ୍ୱକର୍ମାଙ୍କ ଉପନ୍ୟାସ ସକଳ ଓଡ଼ିଆ ସମାଜ-ଦର୍ଶନ ଓ ଇତିହାସ ସହିତ ରାଜନୀତିର ଏକ ବିଶ୍ୱସ୍ତ ପ୍ରତିଲିପି। ତାଙ୍କ ଦୃଷ୍ଟିରେ ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ଆରାଧ୍ୟ ଦେବତା ନୁହଁନ୍ତି, ସେ ଅପରାଜେୟ ଓଡ଼ିଆ ଜାତିର ପ୍ରକୃତ ଆତ୍ମା। ଜଣେ ସ୍ୱାଭିମାନୀ ଓଡ଼ିଆ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଭାବରେ ସେ ଏହି ସତ୍ୟକୁ ପ୍ରତିପାଦନ କରିବାକୁ ଚାହିଁଛନ୍ତି ତାଙ୍କର ପ୍ରତିଟି ଐତିହାସିକ ଉପନ୍ୟାସରେ। ଜୀବନ ସ୍ମୃତି (ପଥ ଓ ପୃଥିବୀ) ରେ ସେ କହିଛନ୍ତି – "ମୋର ସବୁ ଐତିହାସିକ ଉପନ୍ୟାସ ମୁଁ ଜଗନ୍ନାଥଙ୍କ ଭକ୍ତ ହିସାବରେ ଲେଖିବି। କାରଣ ଓଡ଼ିଶା ଐତିହାସିକ ଗୌରବକୁ ସାଧାରଣରେ ପରିଚିତ କରେଇବା ମୋର ଲକ୍ଷ୍ୟ।"

ଅଷ୍ଟାଦଶ ଶତାବ୍ଦୀ ଥିଲା ଓଡ଼ିଶା ଇତିହାସର ଏକ ବେଦନା ଜର୍ଜରିତ ସଂଗ୍ରାମର ସମୟ। ମୈତ୍ରୀଦେବ ଜଗନ୍ନାଥଙ୍କ ମାନ ରକ୍ଷା କରିବା ଥିଲା ଖୋର୍ଦ୍ଧା ଗଜପତି ତଥା ଓଡ଼ିଆ ଜାତି ପାଇଁ ଏକ ଆହ୍ୱାନ। ଏହି ରାଜନୈତିକ ଓ ସାଂସ୍କୃତିକ ପରିମଣ୍ଡଳ ଉପରେ ରଚିତ ହୋଇଛି ଐତିହାସିକ ଉପନ୍ୟାସ 'ନୀଳଶୈଳ'ର ପୃଷ୍ଠ ପିଞ୍ଜରା।

ମହାକାବ୍ୟିକ ଉପନ୍ୟାସ 'ନୀଳଶୈଳ' ସୁରେନ୍ଦ୍ର ମହାନ୍ତିଙ୍କ ଶିଳ୍ପକଳାର ଚୂଡ଼ାନ୍ତ ଅଭିବ୍ୟକ୍ତି। ଏହା କିଛି ସାଧାରଣ ଉପନ୍ୟାସ ନୁହେଁ, ଉତ୍କଳୀୟ ଜନପ୍ରାଣର ପ୍ରେମ, ଭକ୍ତି, ସମର୍ପଣ ତଥା ନିଛକ ଆନ୍ତରିକତାର ଆଖ୍ୟାନ। ଗୋଟିଏ ଐତିହ୍ୟ ସଂପନ୍ନ ଜାତିର ଜୀବନ ବେଦ ବା ଆତ୍ମାର କଥା। ଐତିହାସିକ ଉପନ୍ୟାସ ହେଲେ ବି ଇତିହାସ ଏହାର କଙ୍କାଳ। ଆତ୍ମା ହେଉଛି ଭାବାବେଗ। ଜଗନ୍ନାଥ କେବଳ ପ୍ରତୀକ। ଉପନ୍ୟାସର ମୁଖବନ୍ଧରେ ଲେଖକ କହିଛନ୍ତି- "ପ୍ରମତ୍ତ ବଳଦେବଙ୍କ ଦର୍ପିତ ପହଣ୍ଡି, କେତକୀ ଟାହିଆର ଠାଣି, ବିଜେ କାହାଳି ଓ ଘଣ୍ଟାନାଦ ମଧ୍ୟରେ ତାଙ୍କର ଦୃଷ୍ଟି ପଥାରୂଢ଼ ହୋଇଛି ଇତିହାସର ବହୁ କ୍ଷତବିକ୍ଷତ ଓଡ଼ିଆ ଆତ୍ମାର ଅଭ୍ୟୁଦୟ।"

ଖୋର୍ଦ୍ଧା ଭୋଇ ରାଜବଂଶର ପରାଜିତ ଗଜପତି ରାମଚନ୍ଦ୍ର ଦେବ, ଇତିହାସର ଜଣେ ନିନ୍ଦିତ ନାୟକ। କଟକର ନାଏବ ନାଜିମ୍ ମହମ୍ମଦ ତକୀ ଖାଁଠାରୁ ପରାସ୍ତ ହୋଇ ବାରବାଟୀ ଦୁର୍ଗରେ ବନ୍ଦୀ ହୋଇ ରହିଲେ ପୂରା ଅଠର ମାସ। ଏତିକିବେଳେ ତକୀ ଖାଁ'ର ଭଉଣୀ ରୂପବତୀ ରିଜିଆର ପ୍ରେମରେ ପଡ଼ି ତାକୁ ବିବାହ କଲେ, ଯା' ଫଳରେ ଜାତି ଗଲା, ଧର୍ମ ଗଲା ଓ ରାମଚନ୍ଦ୍ରଦେବ ପରିବର୍ତ୍ତେ ନାମ ହେଲା ହାଫିଜ କାଦିର ବେଗ୍। ଶ୍ରୀଜିଉଙ୍କ ଚଳନ୍ତି ପ୍ରତିମା ହୋଇ ସୁଦ୍ଧା ହରେଇ ବସିଲେ ମହାପ୍ରଭୁଙ୍କ ଦର୍ଶନ ତଥା ଅଙ୍ଗ କୈବଲ୍ୟ ସେବା ପୂଜାର ଅଧିକାର। ରାମଚନ୍ଦ୍ର ଦେବ ହିଁ ଏକମାତ୍ର ଗଜପତି, ଯିଏ ଧର୍ମଭ୍ରଷ୍ଟ ହେବା କାରଣରୁ ମହାପ୍ରଭୁଙ୍କୁ ଆସନ ଗ୍ରହଣ କରିବାକୁ ପଡ଼ିଲା ସିଂହଦ୍ୱାର- ଗୁମୁଟରେ। ତେଣୁ ତାଙ୍କ ପ୍ରେମ କାହାଣୀ ଓ ଧର୍ମ ପରିବର୍ତ୍ତନକୁ କେନ୍ଦ୍ରକରି ଇତିହାସରେ ଅନେକ ଝଡ଼ ଉଠିଛି ଏବଂ ଶେଷରେ ଜଣେ ଇନ୍ଦ୍ରିୟାସକ୍ତ, କାମୁକ ବ୍ୟକ୍ତି ଭାବରେ ଚିହ୍ନଟ କରି ଇତିହାସ ତାଙ୍କ ଦେହରେ ଲଗେଇ ଦେଇଛି କଳଙ୍କିତ ନାୟକର ମୋହର। ମାତ୍ର ଇତିହାସକୁ ତର୍ଜମା କରି କେହି କେବେ ରାମଚନ୍ଦ୍ରଦେବଙ୍କ ତାତ୍କାଳିକ ଅସହାୟତା ବୁଝିବାକୁ ଚେଷ୍ଟା କରିନାହାନ୍ତି କି କାହାରି ଚେତନାକୁ ଆନ୍ଦୋଳିତ କରିନାହିଁ ଦୁଷ୍କାଳର ପରିହାସ ମଧ୍ୟରେ ମହାରାଣୀ ଲଳିତା ପାଟଦେଇ ଓ ପୁତ୍ର ଭାଗୀରଥି କୁମରଙ୍କ ବିଦ୍ରୋହ ତଥା ବଡ଼ପଣ୍ଡାଙ୍କ ଚକ୍ରାନ୍ତର ଚକ୍ରବ୍ୟୂହରେ ଜର୍ଜରିତ ଗଜପତିଙ୍କ ଅନ୍ତର୍ବେଦନା। ଇତିହାସର ଏହି ପକ୍ଷପାତିତା ବିରୁଦ୍ଧରେ ଏକ ପ୍ରତିବାଦ ହୋଇ ଆତ୍ମପ୍ରକାଶ କରିଛି ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳଶୈଳ'।

ଇତିହାସ କେବେ ଦ୍ରାକ୍ଷାକୋମଳ ଦୃଷ୍ଟିଭଙ୍ଗୀ ନେଇ ନେତାର ବିଶ୍ଳେଷଣ କରେ ନାହିଁ କି ବୁଝେ ନାହିଁ ନେତା ଅନ୍ତର ତଳର ବେଦନା। ଅନ୍ୟପକ୍ଷରେ ଇତିହାସର ବିଶେଷ ସତ୍ୟକୁ ଆଧାର କରି ସାହିତ୍ୟ ଖୋଜେ କାଳାତୀତ ସତ୍ୟ, ଯାହାକୁ କୁହାଯାଏ ଶୀତଳ ଶିଳୀଭୂତ ଇତିହାସର ମାନବୀକରଣ। ଘଟଣା ପରେ ଘଟଣା ସଜେଇ ତାକୁ ଭାବ ବ୍ୟଞ୍ଜିତ କରିବାରେ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା। ବିଶେଷକରି ଇତିହାସର ନିନ୍ଦିତ, ଭର୍ତ୍ସିତ ଓ ଲାଞ୍ଛିତଙ୍କ ପ୍ରତି ସତ୍ୟସନ୍ଧାନୀ ଶିଳ୍ପୀ ସୁରେନ୍ଦ୍ରଙ୍କର ଥାଏ ସ୍ୱତନ୍ତ୍ର ଶ୍ରଦ୍ଧା ଓ ସମ୍ବେଦନା। ଏଥିସହିତ ଜଣେ ମନସ୍ତତ୍ତ୍ୱବିତର ଦକ୍ଷତା ନେଇ ସେ ଗଜପତିଙ୍କ ଭାବାବେଗକୁ ପଢ଼ିଛନ୍ତି, ଯିଏ ସବୁ କିଛି ହରାଇଲା ପରେ ମହାପ୍ରଭୁଙ୍କୁ ସେବକ ଭାବରେ ଭୁଲି ନାହାନ୍ତି ନିଜର ସର୍ବଶ୍ରେଷ୍ଠ ଦାୟିତ୍ୱ। କୌଣସି ପରିସ୍ଥିତିରେ ବି ମନରୁ ସାମାନ୍ୟତମ ଊଣା ପଡ଼ିନାହିଁ ଶ୍ରୀଜିଉଙ୍କ ପ୍ରତି ଭକ୍ତି ଓ ଆନୁଗତ୍ୟ। ଗୋଟିଏ ପଟରେ ତକୀ ଖାଁ'ର ମନ୍ଦିର ଆକ୍ରମଣ ମସୁଧା ଅନ୍ୟପଟରେ ସେବାୟତଙ୍କ ବିଶ୍ୱାସ ଘାତକତା- ତାଙ୍କ ଆଖି ଆଗରେ ନାଚିଉଠିଛି ଦୁଇଶହ ବର୍ଷ ତଳର କଳଙ୍କିତ ଇତିହାସ। କଳାପାହାଡ଼ର ବଡ଼ ଦେଉଳ ଲୁଣ୍ଠନ ଓ ମହାପ୍ରଭୁଙ୍କୁ ଚମ ଦଉଡ଼ିରେ ବାନ୍ଧି ବଡ଼ଦାଣ୍ଡରେ ଘୋଷାରି ଘୋଷାରି ନେବାର ଦୃଶ୍ୟ। ସେହି ମର୍ମଦାହୀ ଘଟଣାର ଆଉ ପୁନରାବୃତ୍ତି ନ ହେଉ-ଏହା ହିଁ ଥିଲା ତାଙ୍କ ଉତ୍କଳୀୟ ଆତ୍ମାର ଆହ୍ୱାନ।

ଉପରୋକ୍ତ ପ୍ରେକ୍ଷାପଟରେ ଶିଳ୍ପୀ ଅନୁଭବ କରିଛନ୍ତି ପ୍ରେମ ପାଇଁ ନୁହେଁ, ଜାତିର ସ୍ୱାର୍ଥ ପାଇଁ ତାଙ୍କର ଧର୍ମ ପରିବର୍ତ୍ତନ। ଜାତିର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ତାଙ୍କର ଶେଷହୀନ ସଂଗ୍ରାମ। ପୁରୀରୁ ଗୁରୁବାରୀ ଦ୍ୱୀପ ଯାଏ ତାଙ୍କର ଏହି ସଂଘର୍ଷମୟ ଯାତ୍ରା ପଥରେ ସେ ନିଜକୁ ବାରମ୍ବାର ପଚାରିଛନ୍ତି- ଠାକୁର ଓ ପ୍ରଜାଙ୍କ ପାଇଁ ବିଧର୍ମୀ ହେବା କ'ଣ ପାପ ? ପ୍ରତିକୂଳ ପରିସ୍ଥିତିରେ ସଂଗ୍ରାମ କରି ପରାଜିତ ହେବା କଣ ଭୀରୁତା? ନିଜ ଭିତରୁ ଉତ୍ତର ପାଇଛନ୍ତି-ଓଡ଼ିଆ ଜାତି ଓ ଜାତିର ଆରାଧ୍ୟ ଠାକୁରଙ୍କ ପାଇଁ ଯେତେ ଯାହା ନିନ୍ଦା ଅପବାଦ ଆସୁନା କାହିଁକି, ତାକୁ ପୁଣ୍ୟ ଭାବି ଦେହରେ ବୋଳି ହୋଇଯିବା ଉଚିତ୍। ନିଜ ଅନ୍ତରାତ୍ମାର ବାଣୀ ଶୁଣି ସେ ଗ୍ରହଣ କରି ନେଇଛନ୍ତି ରିଜିଆର ପ୍ରେମ। ରିଜିଆ ଗଜପତିଙ୍କ ଜୀବନର ଏକ ଅଶ୍ରୁସିକ୍ତ କବିତା। ଜଣେ ହିନ୍ଦୁ ମାତାର କନ୍ୟା ଭାବରେ ଜଗନ୍ନାଥଙ୍କ ପ୍ରତି ମନରେ ଅଚଳା ଭକ୍ତି। ଗଜପତିଙ୍କୁ ପ୍ରେମ କରିବା ପଛରେ ରହିଛି ମହାପ୍ରଭୁଙ୍କ ଦର୍ଶନ ଲଭିବାର ଅଦମ୍ୟ ଇଚ୍ଛା। ଜଗନ୍ନାଥପ୍ରାଣତା ହିଁ ରିଜିଆକୁ ଆଣି ଦେଇଛି ଗଜପତିଙ୍କ ବିବି ହେବାର ସୌଭାଗ୍ୟ। ଗଜପତି ଉତ୍କଳ ଇତିହାସର ପ୍ରାଣ ନୁହଁନ୍ତି, ଏକ ସଙ୍କେତ ମାତ୍ର। ଉତ୍କଳର ଯଥାର୍ଥ ପ୍ରାଣ ତା'ର ପାଇକକୁଳ। ସରଦେଈ ସେହି ପାଇକ ଘରର ବୋହୂ। ପାଇକାଳି ରକ୍ତରେ ଗଢ଼ା ତା'ର ଦେହ ଓ ମନ। ସ୍ୱାମୀ ନବଘନକୁ ବନ୍ଦାପନା କରି ଯୁଦ୍ଧକୁ ପଠାଇ ଦେଲାବେଳେ ଜଗନ୍ନାଥଙ୍କ ସୁରକ୍ଷା ଆଗରେ ନିଜର ସୁଖ ସୌଭାଗ୍ୟକୁ ତୁଚ୍ଛ ମଣି ସରଦେଈ ଭଳି ନବବିବାହିତା କେବଳ କହିପାରେ- "ଏ ଲଢ଼େଇ ରାଜ୍ୟ ପାଇଁ ନୁହେଁ, ହିନ୍ଦୁର ଆତ୍ମା ଜଗନ୍ନାଥଙ୍କ ମାନ ରକ୍ଷା ପାଇଁ। ଜଗନ୍ନାଥ ଥିଲେ ସବୁ ଅଛି, ସେ ନ ଥିଲେ କିଛି ନାହିଁ।"

ଜଗନ୍ନାଥଙ୍କୁ କେବେ ଦେଖି ନଥିବା ଜଗନ୍ନାଥପ୍ରାଣା ସରଦେଈ ମହାପ୍ରଭୁଙ୍କୁ ଦେଖିଛି ଠାକୁର ରାଜାଙ୍କ ଭିତରେ। ତାଙ୍କରି ଚରଣ ତଳେ ଅଜାଡ଼ି ଦେଇଛି ଅନାବିଳ ଶ୍ରଦ୍ଧା ଭକ୍ତି। ଯେଉଁ ଜାତିର ରାଜା ରାଜପଣର ଗର୍ବ ଅପେକ୍ଷା ଦେବତାର ସେବକ ହେବାରେ ଅଧିକ ଗୌରବ ଅନୁଭବ କରନ୍ତି, ସେ ହିଁ ଓଡ଼ିଆ ଅସ୍ମିତା ଲଢ଼େଇର ମହାନାୟକ। ଯେଉଁ ଜାତିର ଦେବତା ମନ୍ଦିର ତ୍ୟାଗ କରି ବରଣ କରି ନିଅନ୍ତି ମାନବୀୟ ଦୁର୍ଭାଗ୍ୟ, ସେହି ଜାତିର ପ୍ରେମଭକ୍ତିର ସମର୍ପଣ ତଥା ନିଛକ ଆନ୍ତରିକତାର ଆଖ୍ୟାନ ହେଉଛି 'ନୀଳଶୈଳ'। ସମଗ୍ର ଭାରତୀୟ ସାହିତ୍ୟର ଏକ ମହାର୍ଘ ସୃଷ୍ଟି। ■

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

## ପୁସ୍ତକ ପରିଚୟ

### ଅନ୍ତରଙ୍ଗ ଆକାଶ

ସୁରେଶ ସାଗର




ପଶ୍ଚିମା ପବ୍ଲିକେଶନ୍
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର-୧୨
ପ୍ରଥମ ପ୍ରକାଶ : ୨୦୧୮
ମୂଲ୍ୟ: ୯୦ ଟଙ୍କା

ଜୀବନରେ ଦୁଃଖ ଅଛି, ବେଦନା ଅଛି। ତଥାପି ଜୀବନର ସ୍ୱାଦ ନିଆରା। କାରଣ ଜୀବନରେ ରହିଛି ଅନେକ ସମ୍ଭାବନା। ତେଣୁ କବି ସ୍ୱପ୍ନ ଦେଖେ ଜୀବନକୁ ନେଇ। ନୂତନ ସୂର୍ଯ୍ୟୋଦର ସମ୍ଭାବନାକୁ ନେଇ। ଜୀବନର ଏମିତି କିଛି ବାସ୍ତବତା ଓ ସୂକ୍ଷ୍ମ ଅନୁଭବ ବେଶ୍ ମାର୍ମିକ ଭାବେ ଫୁଟି ଉଠିଛି ସୁରେଶ ସାଗରଙ୍କ 'ଅନ୍ତରଙ୍ଗ ଆକାଶ' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ମୋଟ ୩୨ଟି କବିତା ସଂକଳିତ ହୋଇଛି। ଭିକ୍ଷୁକ, ମୁକୁଳେଇ ନିଅ, ଅନ୍ତରଙ୍ଗ ସ୍ୱର, ମାଇଲ ଖୁଣ୍ଟ, ବର୍ଷା: ବସୁମତୀ, ହାଟ ବିଚାର, ଲାଜ, ସମୁଦ୍ର, ଭୋକ, କଳାହାଣ୍ଡି, ନିଖୋଜ ଲୁହ, ବଙ୍କୁଲି ବାଡ଼ି, ଖଣ୍ଡ ପ୍ରଳୟ, ବାଟୋଇ, ମଲାଜହ୍ନ ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ପ୍ରତିଟି କବିତାରେ ରହିଛି ଜୀବନମୟତା। ଜୀବନକୁ ଭୋଗ କରିବାର ପ୍ରବଣତା। ଜୀବନରେ ସୁଖ, ଦୁଃଖ, ଯନ୍ତ୍ରଣା, ଅଶ୍ରୁ, ଆନନ୍ଦର ଗଭୀର ଅନୁଭବକୁ ଉପଲବ୍ଧି କରିହୁଏ ଏହି ପୁସ୍ତକର କବିତାଗୁଡ଼ିକରେ। ସେହିପରି ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ଅତି ଜୀବନ୍ତ ଭାବେ ପ୍ରସ୍ଫୁଟିତ ହୋଇ ଉଠିଛି। 'ଅନ୍ତରଙ୍ଗ ଆକାଶ'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ସ୍ଥିତପ୍ରଜ୍ଞ

ଦିଲ୍ଲୀପ ଦାଶଶର୍ମା





ଉତ୍କଳ ସମ୍ମିଳନୀ, ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା
ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର-୧୦
ମୂଲ୍ୟ: ୧୦୦ ଟଙ୍କା

ଦିଲ୍ଲୀପ ଦାଶଶର୍ମା ଏକାଧାରରେ ଜଣେ ଲେଖକ, ସଂପାଦକ, ସମାଜସେବୀ ଓ ସଂଗଠକ ଭାବେ ପରିଚିତ। ବିଭିନ୍ନ ଅନୁଷ୍ଠାନ ସହିତ ସେ ଜଡ଼ିତ। ବିଶେଷ କରି ଭୁବନେଶ୍ୱରସ୍ଥିତ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖାର ପ୍ରଥମ ସଭାପତି ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଛନ୍ତି। ବିଭିନ୍ନ ଅନୁଷ୍ଠାନ ସହିତ କାମ କରିବା ବେଳେ ନିଜର ବ୍ୟକ୍ତିଗତ ଅନୁଭୂତି ଓ ଅନୁଭବକୁ ନେଇ ସେ ରଚନା କରିଛନ୍ତି 'ସ୍ଥିତପ୍ରଜ୍ଞ' ପୁସ୍ତକ। ଆନୁଷ୍ଠାନିକ, ସାମାଜିକ ଓ ବ୍ୟକ୍ତିଗତ ଜୀବନର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଏହି ପୁସ୍ତକରେ ଲେଖକ ଶ୍ରୀଯୁକ୍ତ ଦାଶଶର୍ମା ଲିପିବଦ୍ଧ କରିଛନ୍ତି। ଏହି ଆତ୍ମଜୀବନୀ ମୂଳକ ପୁସ୍ତକରେ 'ଗାଁରେ ଯୁବକ ସଂଘ ଗଠନ', 'ରାଜ୍ୟ ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ ଗଠନ', 'ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ଗଠନ', 'ଉତ୍କଳ ପ୍ରଭାତ ପୁସ୍ତକର ପ୍ରଥମ ପ୍ରକାଶନ', 'ରେଡକ୍ରସ୍‌ର ନାମ ହିଁ ଯଥେଷ୍ଟ' ଆଦି ପ୍ରସଙ୍ଗରେ ନିଜର ବ୍ୟକ୍ତିଗତ ଜୀବନ ଓ ସାଂଗଠନିକ କାର୍ଯ୍ୟ ସଂପର୍କରେ ଲେଖକ ବର୍ଣ୍ଣନା କରିଛନ୍ତି। ଆତ୍ମଜୀବନୀ ମୂଳକ ଏହି ପୁସ୍ତକଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ତୁମେ ହିଁ ନୀଳମଣି

ସଂପାଦନା: ପୀତାମ୍ବର ମହାପାତ୍ର




ଆଷାଢ଼
ଆନନ୍ଦ ବଜାର, ହନୁମନ୍ତ ବ୍ରହ୍ମପୁର
ଜଗତସିଂହପୁର
ପ୍ରଥମ ସଂସ୍କରଣ: ୨୦୨୬

ବିଶିଷ୍ଟ ସାମ୍ବାଦିକ ତଥା ଲେଖକ ନୀଳମଣି ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ 'ବହୁମୁଖୀ ପ୍ରତିଭାର ଉଜ୍ଜ୍ୱଳମଣି: ତୁମେ ହିଁ ନୀଳମଣି' ସ୍ମରଣିକା ପ୍ରକାଶ ପାଇଛି। ପୀତାମ୍ବର ମହାପାତ୍ରଙ୍କ ସଂପାଦନାରେ ପ୍ରକାଶିତ ଏହି ସ୍ମରଣିକାରେ ସ୍ୱର୍ଗତ ନୀଳମଣିଙ୍କ ଜୀବନ, ବୃତ୍ତି, କୃତି, ବ୍ୟକ୍ତିତ୍ୱ ଆଦି ସଂପର୍କରେ ଆଲୋଚନା କରାଯାଇଛି। ସ୍ୱର୍ଗତ ସାହୁ ଏକାଧାରରେ ଥିଲେ ଜଣେ ନିର୍ଭିକ ଓ ସତ୍ୟନିଷ୍ଠ ସାମ୍ବାଦିକ, କବି, ଲେଖକ, ସ୍ତମ୍ଭକାର। ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ ରଚିତ କବିତା, ପ୍ରବନ୍ଧ, ଫିଚର୍ ଆଦି ପ୍ରକାଶିତ ହୋଇ ବେଶ୍ ପାଠକୀୟ ଆଦୃତି ଲାଭ କରିଛି। ବାବା ଅରକ୍ଷିତ ଦାସ, ଡକ୍ଟର ଅଜୟ କୁମାର ମିଶ୍ର, ପ୍ରାଧ୍ୟାପକ ଦୁର୍ଗାଚରଣ ଆଚାର୍ଯ୍ୟ, ଡକ୍ଟର ଶ୍ରୀଚରଣ ଦାସ, ପ୍ରଶାନ୍ତ ମୁଦୁଲି, ରବି ନାରାୟଣ ଜେନା, ଡକ୍ଟର ଅରବିନ୍ଦ ରାୟ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ସ୍ମୃତିଚାରଣ କରିଛନ୍ତି। ଜଣେ ସରଳ, ନମ୍ର ଓ ବନ୍ଧୁ ବତ୍ସଳ ବ୍ୟକ୍ତି ଭାବେ ସେ ଜଣାଶୁଣା ଥିଲେ। ଏଥିରେ ପ୍ରକାଶିତ ଲେଖାଗୁଡ଼ିକରେ ଲେଖକମାନେ ସ୍ୱର୍ଗତ ସାହୁଙ୍କ ବ୍ୟକ୍ତିତ୍ୱ ଓ ପ୍ରତିଭାର ବିଭିନ୍ନ ଉପରେ ଆଲୋକପାତ କରିଛନ୍ତି। ■

## ୧୦ ଦଫା ଦାବିରେ ଆନ୍ଦୋଳନ ଚେତାବନୀ ଦେଲା ଓମସା

# ୩୦ ସୁଦ୍ଧା ଦାବି ପୂରଣ ନହେଲେ ୧ରେ କାର୍ଯ୍ୟବନ୍ଦ

## ମାଲକାନଗିରିରେ ଡାକ୍ତରଙ୍କୁ ଆକ୍ରମଣ ପ୍ରତିବାଦ, ବୁଧବାର ଘଣ୍ଟାକ ପାଇଁ ବନ୍ଦ ରହିବ ଓପିଡି ସେବା

ଭୁବନେଶ୍ୱର,୨୦।୬(ସମିସ): ଆସନ୍ତା ଜୁଲାଇ ୧ ତାରିଖରେ ରାଜ୍ୟବ୍ୟାପୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) । ଆସନ୍ତା ଜୁନ୍ ୩୦ ତାରିଖ ମଧ୍ୟରେ ଦାବି ପୂରଣ ନହେଲେ ଜୁଲାଇ ୧ରେ ୧୦ ଦଫା ଦାବିରେ ଓମସା ପକ୍ଷରୁ ଦିନକ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ । ଏହାର ମାସକ ମଧ୍ୟରେ ଯଦି ସରକାର ସମସ୍ତ ଦାବି ପୂରଣ ନକରନ୍ତି, ତାହେଲେ ରାଜ୍ୟର ସମସ୍ତ ଡାକ୍ତର ସମୂହ ଇସ୍ତଫା ପ୍ରଦାନ ପରି ଚରମ ନିଷ୍ପତ୍ତି ନେବେ ବୋଲି ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

ଶନିବାର ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଡାକ୍ତର ମିଶ୍ର କହିଛନ୍ତି ଯେ ଗତ ଜାନୁଆରୀରେ ୯ ତାରିଖରେ ସରକାରଙ୍କ ସହ ଓମସା ଶେଷଥର ପାଇଁ ଆଲୋଚନା କରିଥିଲା । ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ୩ ମାସ ମଧ୍ୟରେ ଓମସାର ସମସ୍ତ ଦାବି ପୂରଣ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତିମଧ୍ୟରେ ୫ ମାସ ପୂରଣ ହୋଇ ୬ ମାସ ଚାଲିବାକୁ ଆରମ୍ଭ ହୋଇଥିଲେ ହେଁ ସରକାର ଦାବି ପୂରଣ କଲେନାହିଁ। ଏହାର ପ୍ରତିବାଦରେ ଆସନ୍ତା ଜୁଲାଇ ପହିଲାରେ ଦିନକ ପାଇଁ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ରଖାଯିବ। ଏହାସହ ସରକାରଙ୍କୁ ଆଉ ଏକ ମାସ ମହଲତ ଦିଆଯିବ। ଏହାସତ୍ତ୍ୱେ ସରକାର ଯଦି ଦାବି ପୂରଣ ନକରନ୍ତି, ତାହେଲେ ସମସ୍ତ ଡାକ୍ତର ସମୂହ ଇସ୍ତଫା ଦେବେ ବୋଲି ଡାକ୍ତର ମିଶ୍ର ଚେତାବନୀ ଦେଇଛନ୍ତି। ସେହିପରି ମାଲକାନଗିରି ଜିଲ୍ଲା କାର୍ଯ୍ୟାଳୟରେ ଜଣେ ଡାକ୍ତରଙ୍କୁ ଆକ୍ରମଣ ପ୍ରତିବାଦରେ ସାରା ରାଜ୍ୟରେ ଘଣ୍ଟିକିଆ ଓପିଡି ବନ୍ଦ କରାଯିବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ଜାନୁଆରୀ ମାସ ପ୍ରାରମ୍ଭରେ ଓମସା ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ଆରମ୍ଭ ହୋଇଥିଲା। ଏପରିକି ରାଜ୍ୟ ସରକାର ଜାନୁଆରୀ ୬ ତାରିଖରେ ଡାକ୍ତରଙ୍କ ଆନ୍ଦୋଳନ ବିରୋଧରେ ଏସ୍ମା ଲଗାଇଥିଲେ। ପରେ ଜାନୁଆରୀ ୮ ତାରିଖରେ ଏନେଇ ଏକ ବୈଠକ ହୋଇଥିବା ବେଳେ ଏଥିରେ ସମାଧାନର ରାସ୍ତା ବାହାରିଥିଲା। ଡାକ୍ତରଙ୍କ ଦାବି ପୂରଣ ପାଇଁ ସରକାର ଏକ କମିଟି ଗଠନ କରିଥିବା ବେଳେ ଦାବି ପୂରଣ ନେଇ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ମାତ୍ର ଏହା ଏଯାବତ୍ ପୂରଣ ହୋଇନଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସଂଘର ୧୦ ଦଫା ଦାବି ମଧ୍ୟରେ ଡାକ୍ତରଙ୍କୁ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳ, ସରକାରୀ କ୍ୱାର୍ଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ଅନ୍ତର୍ଭୁକ୍ତ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ପୂର୍ବୋଦୟର...

ଏଥିସହ ରାଜ୍ୟର ୭୩୨ କୋଟି ଟଙ୍କାର ଦୁଇଟି ପ୍ରମୁଖ ରେଳ ଭିତ୍ତିଭୂମି ପ୍ରକଳ୍ପ ଯଖପୁର-ଯାଜପୁର କେନ୍ଦୁଝର ରୋଡ୍‌ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ଓ ହିଣ୍ଡୋଳ ରୋଡ୍‌ମେରାମଣ୍ଡଳି ମଲ୍ଟି-ଟ୍ରାକିଂ ପ୍ରକଳ୍ପକୁ ଉଦଘାଟନ କରିଛନ୍ତି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

ତାଙ୍କ ଅଭିଭାଷଣରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜ ଜନ୍ମମାଟି ଓଡ଼ିଶା ଓ ମୟୂରଭଞ୍ଜର ବିକାଶ ପାଇଁ ଆନନ୍ଦ ବ୍ୟକ୍ତ କରିଥିଲେ। ନିଜ ଗ୍ରାମ ପାହାଡ଼ପୁରର ଏସଏଲସି ଟ୍ରଷ୍ଟ ବିଦ୍ୟାଳୟ ପରିଦର୍ଶନର ସ୍ମୃତିଚାରଣ କରି ଶିକ୍ଷା ଓ ପ୍ରଶିକ୍ଷଣ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ମୟୂରଭଞ୍ଜ ପାଇଁ ନୂତନ ଉପହାର ସ୍ୱରୂପ ରାଇରଙ୍ଗପୁରରେ ଏକ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଜନଜାତୀୟ ଗବେଷଣା ଓ ବିକାଶ କେନ୍ଦ୍ର, ଇଗ୍ନୋର ଆଞ୍ଚଳିକ କେନ୍ଦ୍ର, ଇଣ୍ଡୋର ବ୍ୟାଡମିଣ୍ଟନ ଷ୍ଟାଡିୟମ, ଆୟୁର୍ବେଦ ହସ୍ପିଟାଲ ଓ କଲେଜ ସହିତ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାର ଶିଳାନ୍ୟାସ ଓ କାର୍ଯ୍ୟ ଚାଲିଥିବା ସେ ପ୍ରକାଶ କରିଥିଲେ। ଏଥିସହିତ ମୟୂରଭଞ୍ଜ ଜିଲ୍ଲାର ବୃହତ ଆକାରକୁ ଦୃଷ୍ଟିରେ ରଖି ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ପାଇଁ ଏକ ସ୍ୱତନ୍ତ୍ର ରାଇରଙ୍ଗପୁର ପୁଲିସ ଜିଲ୍ଲାର ଶୁଭାରମ୍ଭ କରାଯାଇଥିବା ସେ ଘୋଷଣା କରିଥିଲେ। ଆଦିବାସୀ ସମାଜକୁ ଜଳ, ଜଙ୍ଗଲ, ଜମି ଓ ପ୍ରକୃତିର ପ୍ରକୃତ ପୂଜାରୀ ବୋଲି ବର୍ଣ୍ଣନା କରି ସେ ଆଗାମୀ ପିଢ଼ି ପାଇଁ ଏକ ସୁନ୍ଦର ପୃଥିବୀ ଛାଡ଼ିଯିବାକୁ ଓ ପ୍ରକୃତିର ସୁରକ୍ଷା କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ପୂର୍ବ ଭାରତର ବିକାଶ ବିନା ଦେଶର ସାମଗ୍ରିକ ବିକାଶ ଅସମ୍ଭବ। ଓଡ଼ିଶା ଏହି ପ୍ରଗତିର ମୁଖ୍ୟ ପ୍ରବେଶ ଦ୍ୱାର। ଆଦିବାସୀ ସଂସ୍କୃତି ପ୍ରତି ସମ୍ମାନ ଜଣାଇ ସେ ସାନ୍ତାଳୀ ଭାଷା ଓ ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁ, ଡକ୍ଟର ଦମୟନ୍ତୀ ବେସ୍ରା, ଶ୍ରୀଚରଣ ହେମ୍ବ୍ରମଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କୁ ପ୍ରଣାମ ଜଣାଇବା ସହ କେନ୍ଦ୍ର ସରକାର ସାନ୍ତାଳୀ ଭାଷାରେ ସମ୍ବିଧାନ ପ୍ରସ୍ତୁତ କରିଥିବା କଥା ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଗରିବ କଲ୍ୟାଣ ଯୋଜନାରେ ସାମାନ୍ୟ ଭାବେ ମଣିଷର ଜୀବନଜୀବିକା ବଦଳୁଛି। ଓଡ଼ିଶାର ଆର୍ଥିକ ଗତିବିଧି, ନିବେଶ ଓ ଉଦ୍ୟୋଗକୁ ଆକର୍ଷିତ କରିବାର ନଜର ହେଉଛି। ପୂର୍ବ ଭାରତର ବିକାଶରେ ଭାରତର ବିକାଶ ଲକ୍ଷ୍ୟ ରଖି କେନ୍ଦ୍ର ସରକାର ପୂର୍ବ ଭାରତର ବିକାଶ କରୁଛନ୍ତି। ଯେଉଁ ପୂର୍ବ ଭାରତକୁ କଂଗ୍ରେସ ସମୟରେ ପଛୁଆ ବର୍ଗ ଭାବେ ପରିଣତ କରାଯାଇଥିଲା; ଏବେ ତାହା ପ୍ରଗତୀର ପ୍ରବେଶ ଦ୍ୱାର ହୋଇଛି। ଏହି ପରିବର୍ତ୍ତନରେ ଓଡ଼ିଶା ସାକ୍ଷୀ ହୋଇଛି। ଓଡ଼ିଶାରେ ସମୁଦ୍ର, ଖଣିଜ ସମ୍ପଦ, କୃଷି ଓ ଯୁବ ପ୍ରତିଭାର ପୂର୍ଣ୍ଣ ବିକାଶ ପାଇଁ ମିଳିମିଶି କାର୍ଯ୍ୟ କରାଯାଉଛି। ବିଜୁଳି, ରେଳ ପ୍ରକଳ୍ପ, ନୂଆ ସଡ଼କ, ଆର୍ଥିକ କରିଡର ତିଆରି ହେବା ସହ ବିସ୍ତାର ହେଉଛି। ଓଡ଼ିଶାର ପର୍ଯ୍ୟାପ୍ତ ସମ୍ବଳକୁ ସମ୍ଭାବନାରେ ପରିଣତ କରାଯାଉଛି। ଓଡ଼ିଶାକୁ ବଡ଼ ନିବେଶ ଆସିବା ଓ ଉଦ୍ୟୋଗ ସୃଷ୍ଟି ପାଇଁ ଉତ୍ତର ଓଡ଼ିଶାରୁ ବଡ଼ ଅଭିଯାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୨୦ ଲକ୍ଷ କୋଟି ନିବେଶ ପ୍ରସ୍ତାବ ମିଳିସାରିଛି। ସାଢେ ୩ ଲକ୍ଷ କୋଟି ଟଙ୍କାର ଅନେକ ମେଗା ଯୋଜନାର କାର୍ଯ୍ୟ ଜାରି ରହିଛି। ଉଦ୍ୟୋଗ ପାଇଁ ଅନୁକୂଳ ବାତାବରଣ ପାଇଁ ଓଡ଼ିଶାର ସାମଗ୍ରିକ ବିକାଶ ପ୍ରତି ଧ୍ୟାନ ଦିଆଯାଉଛି। ପାୱାର ସେକ୍ଟର ପାଇଁ ୬ ହଜାର କୋଟି ଟଙ୍କା ନିବେଶ କରାଯାଉଛି। ସହରୀ ଯୋଜନାରେ ସହରୀବିକାଶ କରାଯାଉଛି। ଡବଲଇଞ୍ଜିନ ସରକାରରେ ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ଗୁରୁତ୍ୱ ଦିଆଯାଉଛି। ଏହି ଅବସରରେ ମଞ୍ଚରୁ ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ଆନ୍ତରିକ ଶୁଭକାମନା ଜଣାଇ କହିଥିଲେ, ଆଜି ରାଷ୍ଟ୍ରପତିଙ୍କ ସଫଳ ସଂଘର୍ଷ ଓ ଶୀର୍ଷ ସ୍ଥାନକୁ ଦେଖି ଦେଶର ପ୍ରତିଟି ଶିଶୁ ଓ ବଞ୍ଚିତ ଶ୍ରେଣୀର ଲୋକେ ବଡ଼ ହେବାର ସ୍ୱପ୍ନ ଦେଖୁଛନ୍ତି। ଏଥିସହ ଜନଜାତି ଗୌରବକୁ ସମ୍ମାନ ଜଣାଇ ଆମ ସରକାର ସାନ୍ତାଳୀ ଭାଷାରେ ଭାରତୀୟ ସମ୍ବିଧାନର ଏକ ସ୍ୱତନ୍ତ୍ର ସଂସ୍କରଣ ପ୍ରସ୍ତୁତ କରିଛନ୍ତି, ଯାହା ଆଦିବାସୀ ସମାଜ ପାଇଁ ଏକ ବଡ଼ ସମ୍ମାନ କହିଥିଲେ। ପ୍ରଧାନମନ୍ତ୍ରୀ ଓଡ଼ିଶାରେ ଚାଲିଥିବା 'ସ୍ୱଚ୍ଛତା ଅଭିଯାନ'କୁ ମଧ୍ୟ ଉଚ୍ଚ ପ୍ରଶଂସା କରିବା ସହ ସ୍ୱଚ୍ଛତା ଅଭିଯାନରେ ଯୋଡ଼ି ହୋଇଥିବା ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ ଅଭିଭାଷଣରେ ରାଷ୍ଟ୍ରପତିଙ୍କ ୬୮ତମ ଜନ୍ମଦିନ ପଡୁଥିବାରୁ ମଞ୍ଚରେ ତାଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ସମ୍ମାନ ଜ୍ଞାପନ କରିଥିଲେ। ଶ୍ରୀ ମାଝୀ ଓଡ଼ିଶାର ଦୁଇବର୍ଷର ସଫଳତା ଓ କେନ୍ଦ୍ର ସରକାରଙ୍କ ଅକୁଣ୍ଠ ସହଯୋଗର ଏକ ବିସ୍ତୃତ ଚିତ୍ର ଉପସ୍ଥାପନ କରିଥିଲେ। ଭିତ୍ତିଭୂମି ବିକାଶରେ ରାଜ୍ୟରେ ଏକ ଦ୍ୱିତୀୟ ଶିଳ୍ପ ବିପ୍ଳବ ଚାଲିଛି। ଯେଉଁଥିରେ କେନ୍ଦ୍ର ପକ୍ଷରୁ ୯୦,୦୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ ଓ ୪୦,୦୦୦ କୋଟି ଟଙ୍କାର ସଡ଼କ ପ୍ରକଳ୍ପ ମିଳିଛି। ଏଥିସହ ଭଦ୍ରକ, ଗଞ୍ଜାମ ଅଞ୍ଚଳରେ ବାହୁଦା ବନ୍ଦର ପାଇଁ ୨୫,୦୦୦ କୋଟି, ଆଇଓସିଏଲ ପକ୍ଷରୁ ପେଟ୍ରୋକେମିକାଲ୍ସ ପ୍ରକଳ୍ପ ପାଇଁ ୮୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ହେଉଛି, ଯାହା ମୋଟ ୩.୧୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୨.୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହାବ୍ୟତୀତ ପିଏମ ଜନମନ ଯୋଜନା ଜରିଆରେ ପଛୁଆ ଜନଜାତି ଗ୍ରାମର ବିକାଶ, ଦେଶରେ ୫୦୦ରୁ ଅଧିକ ଏକଲବ୍ୟ ମଡେଲ ବିଦ୍ୟାଳୟ ପ୍ରତିଷ୍ଠା, ସିକଲ୍ ସେଲ୍ ଏନିମିଆ ରୋଗର ନିରାକରଣ ପାଇଁ ୪ କୋଟିରୁ ଅଧିକ ହେଲଥ୍ କାର୍ଡ ବଣ୍ଟନ କରାଯାଇଥିବା ସେ ସୂଚନା ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା, ରାଜ୍ୟସଭା ସାଂସଦ ମନମୋହନ ସାମଲ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ପାତ୍ର, ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଉପସ୍ଥିତ ଥିବାବେଳେ ସଭାରେ ବାଚସ୍ପତି, ରାଜ୍ୟର ବହୁ ମନ୍ତ୍ରୀ ଓ ବିଧାୟକ ଯୋଗଦେଇଥିଲେ।

### ଟିଏମ୍‌ସିର ୪୪୦ କୋଟିର...

ହେବା ପର୍ଯ୍ୟନ୍ତ ଦଳର ଜମା ପରିଚାଳନା ବନ୍ଦ ରହିବା ଉଚିତ। ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିବାକୁ ସେ ଅନୁରୋଧ କରିଥିଲେ। କିନ୍ତୁ ବିଦ୍ରୋହୀ ବିଧାୟକମାନେ ଏବେ ପାଣ୍ଠିର ଉତ୍ସର ଏକ ଅପରାଧିକ ତଦନ୍ତ ପାଇଁ ଅନୁରୋଧ କରିଛନ୍ତି।

ଟିଏମ୍‌ସି ବିଧାୟକ ତଥା ମମତାଙ୍କ ସହଯୋଗୀ କୁନାଲ ଘୋଷ କହିଛନ୍ତି ଯେ ଅରୂପ ବିଶ୍ୱାସ ଆଉ ପାର୍ଟିର କୋଷାଧ୍ୟକ୍ଷ ନୁହନ୍ତି। ତାଙ୍କୁ ଜୁନ ୫ ତାରିଖରୁ ହଟାଯାଇ ତାଙ୍କ ସ୍ଥାନରେ ଶୁଭାଶିଷ ଚକ୍ରବର୍ତ୍ତୀଙ୍କୁ କୋଷାଧ୍ୟକ୍ଷ କରାଯାଇଛି। ବର୍ତ୍ତମାନ ଚକ୍ରବର୍ତ୍ତୀ ହିଁ ପାଣ୍ଠି ପରିଚାଳନା ଦାୟିତ୍ୱରେ ଅଛନ୍ତି।

### ଓଡ଼ିଶା ବିଚଳିତ...

ଚିନ୍ତିତ କରିଛି। ଏପରି ଦୁଃସ୍ଥିତିର ସାମ୍ନା କରିଥିବା ଛାତ୍ରୀଙ୍କୁ ମୋର ଗଭୀର ସମବେଦନା ଜଣାଉଛି। ସର୍ବସମ୍ମୁଖରେ ଛାତ୍ରୀଙ୍କ ସହ ସଂଘବଦ୍ଧ ଭାବେ ଘଟିଥିବା ବିଭତ୍ସ, ନାରକୀୟ କାଣ୍ଡ ମାନବିକତା ଏବଂ ଆମ ଅସ୍ମିତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ସରକାର ତୁରନ୍ତ ତତ୍ପରତାର ସହ କାର୍ଯ୍ୟାନୁଷ୍ଠାନ ନେବା ଦରକାର। କାହିଁକି ଓଡ଼ିଶାର ଛବି କଳୁଷିତ ହେବାକୁ ଛାଡ଼ି ଦିଆଯାଇଛି? ଏ ସରକାର, ଏ ପୁଲିସ ପ୍ରଶାସନ ଏତେ ଅସହାୟ କ'ଣ ପାଇଁ? ସମସ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରିବା କ'ଣ ଏ ସରକାରଙ୍କ ଉତ୍ତରଦାୟିତ୍ୱ ନୁହେଁ କି? ସମ୍ବେଦନଶୀଳ ଘଟଣାରେ ସରକାରଙ୍କ ସ୍ଥାଣୁତା ଓ ଅସମ୍ଭବ ନୀରବତା ଏପରି ବିଭତ୍ସ କାଣ୍ଡ ଘଟିବାକୁ ପ୍ରଶ୍ରୟ ଦେଉନାହିଁ କି ବୋଲି ନବୀନ ପ୍ରଶ୍ନ କରିଛନ୍ତି। ନାରୀ ନିର୍ଯାତନା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହେଉଥିବା ବେଳେ ସରକାର କେଉଁ ମୁହଁରେ 'ବିକାଶର ଧାରା ଓଡ଼ିଶା ସାରା' କହି ଉତ୍ସବରେ ମାତିଛନ୍ତି? ସରକାର ତୁରନ୍ତ କଠୋରରୁ କଠୋର ପଦକ୍ଷେପ ଗ୍ରହଣ କରି ରାଜ୍ୟରେ ମା' ଭଉଣୀଙ୍କ ସୁରକ୍ଷା ଓ ଆଇନଶୃଙ୍ଖଳା ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

### ରେଡ୍ ଫ୍ଲାଗ୍...

ଗିରଫ କରି କୋର୍ଟ ଚାଲାଣ କରିଛି। ବର୍ତ୍ତମାନ ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଉଥିବା ବେଳେ ଭିଡ଼ ହିଂସାରେ ସମ୍ପୃକ୍ତ ଥିବା ଅନେକ ଗାଁର ପୁରୁଷମାନେ ଏବେ ଗିରଫ ଭୟରେ ଗାଁରେ ରହୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ସମସ୍ତ ଦୋଷୀଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାୟଗଡ଼ ଏସଡିପିଓ ଗୌରହରୀ ସାହୁ ସୂଚନା ଦେଇଛନ୍ତି। ଏସ୍‌ପି ରାଜପ୍ରସାଦ ମଧ୍ୟ କହିଛନ୍ତି ଯେ ଘଟଣାର ସମସ୍ତ ଦିଗକୁ ଗୁରୁତ୍ୱର ସହ ତଦନ୍ତ କରାଯାଉଛି। କୌଣସି ଅଭିଯୁକ୍ତଙ୍କୁ ଛଡ଼ାଯିବ ନାହିଁ ଏବଂ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରାଯିବ। ଏଭଳି ନିନ୍ଦନୀୟ ଘଟଣାକୁ ରେଡ୍ ଫ୍ଲାଗ୍ ଶ୍ରେଣୀଭୁକ୍ତ କରିବା ପାଇଁ ଉଚ୍ଚ ଅଧିକାରୀଙ୍କୁ ନିବେଦନ କରାଯାଇଛି। କ୍ରାଇମ୍ ବ୍ରାଞ୍ଚର ତତ୍ତ୍ୱାବଧାନରେ ସେ ନିଜେ ଘଟଣାର ତଦନ୍ତ ତଦାରଖ କରୁଛନ୍ତି ବୋଲି ଏସ୍‌ପି କହିଛନ୍ତି।

### ଚାଲିଗଲା ଶିଶୁ...

ପରିବାରକୁ କୌଣସି କ୍ଷତିପୂରଣ ଦାବି ନ କରି ଧର୍ମଗଡ଼ସ୍ଥିତ ରକ୍ତଭଣ୍ଡାର ଶୀଘ୍ର କାର୍ଯ୍ୟକ୍ଷମ କରିବା ଦାବିରେ ଅଡ଼ି ବସିଛନ୍ତି। ଘଟଣାସ୍ଥଳରେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭର୍ସିଥା ଆଡେପୁ, ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନ ପହଞ୍ଚି ପରିବାର ଓ ଲୋକଙ୍କୁ ବୁଝାସୁଝା କରିବା ସହ ଆଲୋଚନା କରିଛନ୍ତି। ୨ଦିନ ମଧ୍ୟରେ ରକ୍ତ ଭଣ୍ଡାର କାର୍ଯ୍ୟକ୍ଷମ ହେବା ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ପ୍ରତ୍ୟାହାର ହୋଇଥିଲା।

### ପାଗ ଭିଡୁଛି...

ହେବା ପାଇଁ ପାଗ ଅନୁକୂଳ ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ମୌସୁମୀ ଓଡ଼ିଶା ଛୁଇଁଥିଲେ ମଧ୍ୟ ଏହାର ପ୍ରଭାବ ପୂର୍ଣ୍ଣ ଭାବେ ଦେଖାଯାଉନାହିଁ। ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରୁଥିବା ବେଳେ ଗରମ ଓ ଆର୍ଦ୍ରତା ଜନିତ ସ୍ଥିତି ଲାଗି ରହୁଛି। ତେବେ ୨୩ ତାରିଖ ପରେ ମୌସୁମୀ ସକ୍ରିୟ ହେବା ପରେ ଆକାଶରେ ମେଘ ବଢ଼ିବ ଏବଂ ବିଜୁଳି, ଘଡ଼ଘଡ଼ି ସହ ଭାରି ବର୍ଷା ଆରମ୍ଭ ହେବାର ସମ୍ଭାବନା ରହ÷ଛି । ଗତ ଦୁଇ ଦିନ ଧରି ରାଜ୍ୟ ଉପରେ ଟ୍ରଫଲାଇନ ସକ୍ରିୟ ରହିବା କାରଣରୁ ଏହା ମୌସୁମୀକୁ ପ୍ରଭାବିତ କରୁଛି। ତେବେ ମୌସୁମୀ ନିମ୍ନ ଚାପରେଖା ସ୍ୱାଭାବିକ ଅବସ୍ଥାରେ ନ ଥିବା ହେତୁ ସମଗ୍ର ଓଡ଼ିଶାରେ ଏହି ବର୍ଷାର ପରିମାଣ ଦେଖିବାକୁ ମିଳୁନାହିଁ। ୨୪ ବେଳକୁ ମୌସୁମୀ ନିମ୍ନ ଚାପରେଖା ସ୍ୱାଭାବିକ ସ୍ଥିତିକୁ ଫେରିବା ପରେ ବର୍ଷା ବଢ଼ିବ ବୋଲି ଆକଳନ କରାଯାଉଛି। ଅନ୍ୟପଟେ ଆସନ୍ତା ଜୁଲାଇ ପ୍ରଥମ ସପ୍ତାହ ଅର୍ଥାତ ୧ କିମ୍ବା ୨ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାଦ୍ୱାରା ମୌସୁମୀ ବାୟୁ ଅତ୍ୟନ୍ତ ଶକ୍ତିଶାଳୀ ହେବା ସହ ମୌସୁମୀ ବାୟୁ ଏହି ସମୟରେ ସାରା ଦେଶକୁ ଆଚ୍ଛାଦିତ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଉଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୨-୩ ଦିନ ମଧ୍ୟରେ ରାଜ୍ୟରେ ମୌସୁମୀ ବାୟୁ ପ୍ରବାହ ସାମାନ୍ୟ ଶକ୍ତିଶାଳୀ ହେବ। ଜୁନ୍ ଶେଷ ଆଡ଼କୁ ରାଜ୍ୟରେ ବ୍ୟାପକ ବର୍ଷା ସହ କେତେକ ସ୍ଥାନରେ ଭାରୀ ବର୍ଷାର ସମ୍ଭାବନା ରହିଛି। ରବିବାର ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଗଜପତି ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି। ଗତ ୩୬ ଘଣ୍ଟାରେ କଟକରେ ସର୍ବାଧିକ ୯୧ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ପୁରୀ ୪୨, ଅନୁଗୋଳ ୪୧, ଚାନ୍ଦବାଲି ୩୩, ବାରିପଦା ୨୯, ତାଳଚେର ୨୩, ଛତ୍ରପୁର ୨୨ ଓ ଭଦ୍ରକରେ ୩୫ ମିମି ବର୍ଷା ରେକର୍ଡ କରାଯାଇଛି।


**KASTURBA GANDHI BALIKA VIDYALAYA MANDOSIL**

BLOCK-PAIKMAL, DIST-BARGARH PIN 768050

Letter No- 184 Date-22.06.2026

**SHORT TENDER CALL NOTICE**

Sealed Tender are invited from the registered/reputed firms and manufacturer having valid Pan, valid Goods and service Tax (GST) registration certificate for supply of following items like Grocery, Cosmetics , Dress material ,Course Book,, Medicine, Non-Veg items, Milk Product, Toilet items, Vegetable, Fruits to the Kasturba Gandhi Balika Vidyalaya ,Mandosil Block- Paikmal, Dist –Bargarh Pin-768050 for the year 2026-27.

Last date of receipt of tender form is 07.07.2026 at 4.00 PM . For details contact the undersigned with in office hours.

Sd/- Headmaster Cum convenor
KGBV, Mandosil, Paikmal,Bargarh

**KASTURBA GANDHI BALIKA VIDYALAYA GAISILAT**

AT/PO/BLOCK- GAISILAT,DIST- BARGARH,PIN-768037

Notice No- 01/2026-27 Dated- 21.06.2026

**SHORT TENDER CALL NOTICE**

Sealed tenders are invited from the registered/reputed firms and manufacturer having valid PAN, valid GST registration certificate for supply of following items like Grocery, Cosmetics, Dress materials, Course books, Medicines, Vegetables, Non Veg items, Bread bakery & milk items,Toilet items,Fruits,sweets & snacks items to the Kasturba Gandhi Balika Vidyalaya, Gaisilat,Block-Gaisilat,Dist- Bargarh for the year **2026-27**.

Last date of receipt of duly filled in tender form is **01.07.2026 upto 4PM**.
For details contact the undersigned within the office hours and to download the tender forms and relevant documents go to google drive link https://surl.li/mxmlbp

Sd/-
Secretary cum Headmaster
**KGBV GAISILAT,Dist-Bargarh**
**Mob- 9777733411**

**KORAPUT CENTRAL CO-OPERATIVE BANK LTD.**

HEAD OFFICE: N.K.T. ROAD, JEYPORE – 764003, DIST: KORAPUT (ODISHA)
Phone No.: (06854) 241159 / 232714
Email: ceo@koraputccb.com
Letter No.: 1028 / P&S / 2026-27, Date: 17.06.2026

**QUOTATION CALL NOTICE**

Sealed quotations are invited from the intending registered firms for procurement of various Insurance Policies for Koraput Central Co-operative Bank Ltd., Jeypore for the period from **01.07.2026 to 30.06.2027.**

Interested vendors/agencies are requested to submit their sealed quotations to the undersigned on or before **24.06.2026 (3.00 PM)**. The quotations will be opened on the same date at **4.00 PM** in the presence of authorized representatives.

| Sl. No. | Particulars | Description | Amount to be Insured (In Rs.) |
|---|---|---|---|
| 1 | Bankers Indemnity | Basic Sum Insured | 5,00,000 |
| | | Additional Sum Insured | 6,00,00,000 |
| | | Money in Transit | 2,30,00,000 |
| | | ATM (7 Nos.) | 35,00,000 |
| 2 | Standard Fire Policy | Furniture | 30,76,000 |
| | | Computer & Peripherals | 55,00,000 |
| | | Electrical Installation | 37,00,000 |
| 3 | Burglary | Furniture | 30,76,000 |
| | | Computer & Peripherals | 55,00,000 |
| | | Electrical Installation | 37,00,000 |
| 4 | Electrical Equipment | Computer & Peripherals | 55,00,000 |
| | | Electrical Installation | 37,00,000 |
| 5 | Fidelity Guarantee | 93 Staffs | 5,00,000 |
| | | 23 Branches & Head Office | |
| 6 | Building | Jeypore HO (Old) | 50,00,000 |
| | | Jeypore HO (New) | 1,50,00,000 |
| | | Koraput | 15,00,000 |
| | | Rayagada | 15,00,000 |
| | | Nabarangpur | 20,00,000 |
| | | Main Branch (ATM Counter) | 5,00,000 |
| | | Mahila Branch | 10,00,000 |
| 7 | Mobile ATM | ATM (4 Nos.) | 8,00,000 |
| 8 | Customer Locker | Locker (6 Nos.) | 30,00,000 |

**Terms & Conditions**

1. Standard Bankers Indemnity Policy with add-on coverage for Earthquake, Storm, Tempest, Flood, Inundation and Terrorism. ATM extension to cover Machine: ₹20 lakh and Cash: ₹35 lakh.
2. Standard Fire Special Perils Policy with add-on coverage for Earthquake, Storm, Tempest, Flood, Inundation and Terrorism.
3. Burglary, Housebreaking and Robbery coverage required.
4. Standard Electrical Equipment Policy with Mechanical & Electrical Breakdown coverage.
5. Standard Fidelity Guarantee Policy covering Forgery, Fraud and Dishonesty with Floater Cover.
6. Standard Fire Special Perils Policy with add-on coverage for Earthquake, Storm, Tempest, Flood, Inundation and Terrorism.
7. Four Mobile ATMs (Machine & Cash) mounted on moving vehicles to be covered under risk cash for ₹8 lakh.
8. Six customer locker units of branch banks to be covered for cash, gold and other valuable items/documents up to ₹30 lakh.

The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.

Taxes will be deducted as applicable at the time of payment of Bill amount.

For any queries, please contact **Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.**

Secretary
K.C.C. Bank Ltd., Jeypore

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

13001/933/2627

ପତ୍ର ସଂଖ୍ୟା ୧୨୮୫୬/ ଭୁ.ଉ.କ., ଭୁବନେଶ୍ୱର **ସୂଚନା** ତା. ୧୭.୦୬.୨୦୨୬ରିଖ
CPM-II-1408/81

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-MIG-II-F-10/7 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୪୮୨୭ ତା-୧୯.୦୬.୨୦୧୯ ରିଖ ଅନୁଯାୟୀ ଶ୍ରୀମତୀ ସସ୍ମିରାଣି ଜେନା, ସ୍ୱାମୀ - ସୁଜିତ କୁମାର ବୋନିକ, ବାସସ୍ଥାନ – କ୍ୱାଟର ନଂ –ଏଲ/୫୯, ଛେଣ୍ଡ କଲୋନୀ, ପୋଷ୍ଟ - ଛେଣ୍ଡ କଲୋନୀ, ଥାନା - ରାଉରକେଲା, ଜିଲ୍ଲା - ସୁନ୍ଦରଗଡ, ଓଡିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଅଛି ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ସସ୍ମିରାଣି ଜେନା ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସୁଷମା ଶତପଥି, ସ୍ୱାମୀ-ରଣଜିତ ଶତପଥି, କ୍ୱାଟର ନଂ-ଏଫ୍/ଇଇ-୧୮୨, ବାସନ୍ତି କଲୋନୀ, ଆଇସ ଫ୍ୟାକ୍ଟ୍ରି ନିକଟସ୍ଥ, ପୋଷ୍ଟ/ଥାନା-ରାଉରକେଲା, ଜିଲ୍ଲା-ସୁନ୍ଦରଗଡ, ଓଡିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନ ର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ, ଅନୁଯାୟୀ ସମ୍ପାଦନ କରାଯିବ ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13001/13033/1/26-27/0065

**S.V. GOVT. SCHOOL OF ART & CRAFTS** 3001/36/2627

*(+2 Vocational Junior College)*
Main Road, PO: Jeypore, Ph: (06854) 230041, PIN No: 764001, Odisha
(Affiliated to Council of Higher Secondary Education, Odisha, Bhubaneswar)

**Advertisement**

Applications are invited from eligible candidates with self-attested photocopy of the certificates and marksheet of all examinations starting from HSC onwards along with latest Character Certificate from any Gazetted Officer for the post of Guest faculties in S.V. Govt. School of Art & Crafts, Jeypore for the session 2026-27 as following subjects.

1. Guest Instructor, Graphic Art – (01)
2. Guest Instructor, Painting – (01)
3. Guest Instructor in Applied Art/Commercial Art – (01)
4. Guest Craft Teacher in Traditional Art and Crafts – (01)

**Qualification: A candidate must have Bachelor's Degree in Fine Art - Graphic Art, Painting, Applied Art/Commercial Art, Traditional Art & Crafts in the concerned subject from any recognised Govt. Art Colleges.**

Applications in the following proforma complete in all respect documents should reach the office of the **Instructor, S.V. Govt. School of Art & Crafts, Main Road, Jeypore, Koraput-764001** by **Registered Post / Speed Post within 20 days of publishing of this advertisement.**

The applicant will have superscribe **"Application for the post of Instructor in Graphic Art/Painting/Applied Art/Crafts Teacher"** on the top of the envelope. No application will be received after the last date as mentioned.

**Terms & Conditions: The engagement of the Guest faculties is purely temporary and may be terminated at any time without giving any notice or assigning any reason thereof. Selection of the candidate by the selection committee is final and binding. The engagement will not confirm any right for regular appointment in future.**

The date and time of interview will be notified later in the Notice Board of Art School, Jeypore and communicated in their mobile numbers/e-mail IDs. Accordingly, the applicants will have to attend the interview in the scheduled venue with their original certificates. No TA/DA will be paid to the candidate for attending the interview.

For further details, the candidates may contact the **Instructor, S.V. Govt. School of Art & Crafts, Jeypore, Koraput, Mobile No.: 9078994830 / 9438221159**

Instructor
S.V. Govt. School of Art & Crafts, Jeypore

OIPR-3001/3032/1/26-27/0001

**ଘୋଷଣା ନାମା**

ମୁଁ ସସ୍ମିତା ମହାପାତ୍ର, ସ୍ୱାମୀ- ମନୋଜ କୁମାର ମହାପାତ୍ର, ବାସସ୍ଥାନ- ଗୋପାଳପୁର, ପୋ- ଲାଲବାଗ, ଥାନା- ଯାଜପୁର, ଜିଲ୍ଲା- ଯାଜପୁର, ଓଡ଼ିଶା ଏହିଠାରେ ଘୋଷଣା କରୁଛି କି ମୁଁ ଗତ ୧୮/୦୧/୨୦୨୬ ଦିନ ୧.୩୦ ସମୟରେ ବାଇକ ଯୋଗେ ଯାଜପୁର ରୁ ଭୁବନେଶ୍ୱର ଯାଉଥିବାବେଳେ ବାଟରେ ମୋ ପାଖରେ ଥିବା ଅସଲ ପଞ୍ଜିକୃତ ଦଲିଲ ନଂ ୧୦୫୮୨୧୦୦୦୭୫ ତା ୧୧/୦୧/୨୦୨୧, ମଉଜା ଅକୁଲା, ଖାତା ନଂ ୧୧୫, ପ୍ଲଟ ନଂ ୨୮୮୫ କାଗଜ ଗୁଡ଼ିକ ଜିବା ସମୟରେ କେଉଁଠାରେ ହଜିଯାଇ ଅଛି। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ସସ୍ମିତା ମହାପାତ୍ର ମୋବାଇଲ ନଂ - ୯୪୩୭୫୩୮୬୭୨, କିମ୍ବା ଆଡ୍ ଭୋକେଟ୍ ଦିପ୍ତି ରଞ୍ଜନ ଦଲାଇ ମୋବାଇଲ ନଂ ୭୦୦୮୪୨୪୮୬୧ ରେ ଜଣାଇବାକୁ ଅନୁରୋଧ।

**AFFIDAVIT**

By virtue of an affidavit (CF No. 04, date: 17/06/2026) sworn before The Executive Magistrate, Padampur. I, Khageswar Suna(new name), S/o - Sadhu Suna, Permanent & current resident of AT: Sargipali, PO: Dahita, PS: Buden, Dist: Bargarh, PIN: 768036, State: Odisha declare that I have changed my name from Khage Suna to Khageswar Suna. Henceforth, I shall be known as **Khageswar Suna** (new name) for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 968, dated 18-06-2026, I, JAGESWAR BHATRA, S/o - Budu Bhatra, Permanent Resident of Village - Bhandri, PO - Kukudisemla, PS - Kodinga, Dist - Nabarangpur, Odisha, Pin - 764061, declare that I have changed the name of my SON from MONAHARA BHATRA to LAKUNATH BHATRA. Henceforth, he shall be known as **LAKUNATH BHATRA** for all purposes.

**Sd/- Jageswar Bhatra**

**AFFIDAVIT**

By virtue of an affidavit sworn before the Executive Magistrate, Anandapur, dtd- 01/06/2026. I, **Nirakar Mohapatra,** aged about 46 years, S/o Kartik Chandra Mohapatra, resident of At/Po-Rambhila, Ps- Bhadrak Rural, Dist- Bhadrak, Odisha, PIN-756111 do hereby solemnly affirm & state that my son's name is incorrect in Aadhaar Card vide No. 586350272181, **Arnav Mohapatra**. But in birth certificate name is mentioned as **Ankit Mohapatra**. Henceforth, correction in my son Aadhaar Name.

**Nirakar Mohapatra**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 966, dated 18-06-2026, I, RINA HARIJAN, W/o - Kamalu Harijan, Permanent Resident of Village - Pilibasini, PO - Patraput, PS - Tentulikhunti, Dist - Nabarangpur, Odisha, Pin - 764049, declare that I have changed the name of my Daughter from MANI HARIJAN to RUKMANI HARIJAN. Henceforth, she shall be known as **RUKMANI HARIJAN** for all purposes.

**Sd/- Rina Harijan**

**AFFIDAVIT**

I, Hemanta Dash, aged about 57 years, S/o- Jaya Krushna Dash, resident of At- Surya Nagar, Po- Gurujanga, Ps- Khurda, Dist - Khurda, Pin- 752057, Odisha declared by this affidavit No. 1286, dtd- 20/06/2026 that now onwards I shall be known as **HEMANTA KUMAR DASH** for all future purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 20/06/2026. I, **Doleswari Deep** (new name), D/o Utar Deep, permanent & current resident of AT: Belpadar, PO: Sirol, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Archana Bishi** (old name) to **Doleswari Deep** (new name). Henceforth, I shall be known as **Doleswari Deep** (new name) for all future purposes.

**Doleswari Deep**

**DOCUMENT LOST**

I, **Ajit Kumar Dash,** S/o-Minaketan Dash, aged 43 years, R/O At/PO- Talpali, P.S/Tah- Gaisilat, Bargarh, Pin- 768037, Odisha declare that I have purchased lands of Mutation Khata No. 133/143 of Mouza Khuntpali, P.S. No. 2, PS Gaisilat from Rajkumar Sahu which has been mutated and recorded in my name in Mutation Khata No. 133/155 of Mouza Khuntpali.

That its previous original link Registered Sale Deed No. 11932200043, dated- 28.1.2022 executed by Lobhabati Meher in favour of Rajkumar Sahu, its original Mutation Khata No. 133/143 of Mouza Khuntpali recorded in the name of Rajkumar Sahu and original Mutation Khata No. 133/140 of Mouza Khuntpali recorded in the name of Lobhabati Meher were lost some where on dt. 15.5.2026 when I was going from Talapali to Gaisilat by Motorcycle. Further I declare that I have never mortgaged the above noted link RSD and RORs in any Bank, F.I.. Now I am applying for a loan from State Bank of India, Talpali branch At Talpali, P.O. Talpali, P.S./Tahasil Gaisilat, Dist. Bargarh by mortgaging the property. If anybody has any objection may kindly draw notice before above mentioned Bank within 7 days of publication of this notice. Later on no objection or claim will be acceptable in any circumstances.

# ଆକାଶରେ ନାହିଁ ମେଘ; ଚାଷଜମି ପଡ଼ିଆ: ଚିନ୍ତାରେ ଚାଷୀ

ଉମରକୋଟ, ୨୦।୬ (ସମିସ)



ଆକାଶରେ ମେଘ ନାହିଁ କି ବର୍ଷା ବି ନାହିଁ। ପାଣି ମଡାଇବାକୁ ମିଳୁନି ଡିଜେଲ୍। ସାର ଯୋଗାଣ ମଧ୍ୟ ବନ୍ଦ। ଚିନ୍ତାରେ ଚାଷୀକୁଳ। ଜୁନମାସ ଅଧା ହେଲାଣି କିନ୍ତୁ ଯେଉଁ ସମୟରେ ସୁନାର ଫସଲ ହସିବା କଥା ସେଠି ଶୁଖିଲା କ୍ଷେତ ପଡ଼ିଛି। ମୌସୁମୀ ଆସିବା ପରେ ମଧ୍ୟ ଆକାଶରୁ ଗାଏବ ହୋଇଯାଇଛି ବର୍ଷା; ଯାହା ଚାଷୀଙ୍କ ମନରେ ଛନକା ପଶିଯାଇଛି। ଏପରି ସ୍ଥିତିରେ ବିହନ ଫେରେଇବାକୁ ଦୋକାନ ମୁହାଁ ହୋଇଛନ୍ତି ନବରଙ୍ଗପୁର ଜିଲ୍ଲା ଉମରକୋଟର ଚାଷୀ। ଋତୁଭିତ୍ତିକ ଚାଷ ଆଖୁ ମକା ଧାନ ଚାଷ ମଧ୍ୟ ବାଧାପ୍ରାପ୍ତ ହୋଇଛି। ବର୍ଷା ଅଭାବରୁ ଚାଷ ପାଇଁ କେନାଲ କିମ୍ବା ନଦୀ ପାଣି ଉପରେ ନିର୍ଭରଶୀଳ ଚାଷୀ। ମଟର ଚଳାଇବାକୁ ଡ଼ିଜେଲ ନାହିଁ। ଟାଙ୍କିକୁ ଗଲେ ଡିଜେଲ୍ ନଥିବା କହି ଫେରେଇ ଦିଆଯାଉଥିବା ଅଭିଯୋଗ ଆସିଛି। ପ୍ରଶାସନିକ ଅବହେଳା ଯୋଗୁଁ ସାର ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। କେବଳ ଚାଷୀ ନୁହେଁ ବିହନ ବିକ୍ରି ନ ହେବାରୁ ମୁଣ୍ଡରେ ହାତ ଦେଇ ବସିଛି ଦୋକାନୀ। ଆଗକୁ ପରିସ୍ଥିତି ଜଟିଳ ହେବା ପୂର୍ବରୁ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳର ଚାଷୀମାନଙ୍କର ଏହି ସମସ୍ୟା ଅତ୍ୟନ୍ତ ଚିନ୍ତାଜନକ ଏବଂ ଦୁଃଖଦାୟକ।

ଜୁନ୍ ମାସ ଅଧା ହେବା ପରେ ବି ଯେଉଁ ସମୟରେ କ୍ଷେତ ସବୁଜିମାରେ ହସିବା କଥା, ସେଠି ଏଲ୍‌ନିନୋ ପ୍ରଭାବ ଯୋଗୁଁ ବର୍ଷା ନହେବା ଏବଂ କ୍ଷେତ ଶୁଖିଲା ପଡ଼ିବା ଚାଷୀକୁଳ ପାଇଁ ଚଡ଼କ ସଦୃଶ। ଏଭଳି ଏକ ଜଟିଳ ପରିସ୍ଥିତିରେ, ଯେଉଁଠି ପ୍ରକୃତି ସାଥ୍ ଦେଉନି ଏବଂ ପ୍ରଶାସନିକ ସ୍ତରରେ ମଧ୍ୟ ଅବହେଳା (ସାର ଓ ଡିଜେଲ୍‌ର ଅଭାବ) ଦେଖାଦେଇଛି, ସେଠାରେ ତୁରନ୍ତ କିଛି ପଦକ୍ଷେପ ନେବା ଜରୁରୀ ରହିଛି। ଏହି ସଙ୍କଟର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ ତୁରନ୍ତ କଳାବଜାର ରୋକିବା ସହ ପେଟ୍ରୋଲ ପମ୍ପ ଏବଂ ସମବାୟ ସମିତିଗୁଡ଼ିକରେ ଡିଜେଲ୍ ଓ ସାରର ପର୍ଯ୍ୟାପ୍ତ ସେବା ସୁନିଶ୍ଚିତ କରିବା ଉଚିତ। କେନାଲ୍ ଏବଂ ନଦୀଭିତ୍ତିକ ଜଳସେଚନ ପ୍ରକଳ୍ପଗୁଡ଼ିକୁ ସକ୍ରିୟ କରି ଜଳ ଶେଷ ମୁଣ୍ଡରେ ଥିବା କ୍ଷେତ ପର୍ଯ୍ୟନ୍ତ କେମିତି ପହଞ୍ଚିବ, ତାର ବ୍ୟବସ୍ଥା କରାଯାଉ, ଯେଉଁଠାରେ ଡିଜେଲ୍ ସମସ୍ୟା ଅଛି, ସେଠାରେ ଚାଷୀଙ୍କୁ ମଟର ଚଳାଇବା ପାଇଁ ଅସ୍ଥାୟୀ ଭାବେ ଅଗ୍ରାଧିକାର ଭିତ୍ତିରେ କୃଷି ବିଦ୍ୟୁତ ସଂଯୋଗ ଯୋଗାଇ ଦିଆଯାଉ ବୋଲି ଦାବି ହୋଇଛି।

# ଗୋରୁ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ?

ରାମନାଗୁଡା, ୨୦।୬ (ସମିସ)



ଦିନକୁ ଦିନ ବଢ଼ି ଚାଲିଛି ଗୋ-ଚାଲାଣ। ଗୋରୁ ମାଫିଆମାନେ ପୁଲିସ ଆଖିରେ ଧୂଳି ଦେଇ ଦିନ ଦ୍ୱିପହରରେ କରୁଛନ୍ତି ଗୋ ଚାଲାଣ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ରାମନାଗୁଡା ଅଞ୍ଚଳରେ। ସପ୍ତାହରେ ପ୍ରତ୍ୟେକ ଶନିବାର ବହୁଳ ମାତ୍ରାରେ ଦେଖିବାକୁ ମିଳିଥାଏ। ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବଲାଙ୍ଗିର, ଟିଟିଲାଗଡ଼ ଅଞ୍ଚଳରୁ ହଜାର ହଜାର ଗୋରୁ ନେଇ ମୁନିଗୁଡା, ବିଷମକଟକ ରାମନାଗୁଡ଼ା ଅଞ୍ଚଳ ଦେଇ ଗଜପତି ଜିଲ୍ଲା ବଲଦା ହାଟକୁ ଯାଏ। ସେଠାରୁ ସେମାନେ ସେଠାରୁ ଆନ୍ଧ୍ରପ୍ରଦେଶ ସମେତ ତାମିଲନାଡୁ, କେରଳ ରାଜ୍ୟକୁ ଚାଲାଣ କରିଥାନ୍ତି। ସେହିପରି ରାମନାଗୁଡା ବ୍ଲକ ସୀମାନ୍ତ କାଟିକି ଗ୍ରାମ ଦେଇ କେଦାରପୁର, ଲକ୍ଷ୍ମୀପୁରଠାରୁ ଟ୍ରକ ଯୋଗେ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନକୁ ଗୋ ଚାଲାଣ କରିଥାନ୍ତି। ଆଗାମୀ ଦିନରେ ଏଥିପ୍ରତି ରୋକ୍ ନ ଲାଗିଲେ ଗାଈଗୋରୁଙ୍କୁ ଦେଖିବା ସ୍ୱପ୍ନ ହେବା ସହ ପୂଜାରେ ବ୍ୟବହାର କରିବା ପାଇଁ ଗୋବର ଏବଂ ଗୋ-ମୂତ୍ର ଆଉ ମିଳିବ କି ନାହିଁ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହି ଗୋ-ମାତାକୁ ଏହି କିଛି ଗୋରୁ ଚାଲାଣ ମାଫିଆ ଦିନଦ୍ୱିପହରରେ ମ୍ୟାକ୍ସ ପିକଅପ ଯୋଗେ ଲୋଡ଼ କରି ନେଉଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ପୁଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି କ'ଣ ପାଇଁ ତାହା ଏବେ ସାଧାରଣରେ ବଡ଼ ପ୍ରଶ୍ନ ହୋଇଛି। ପ୍ରଶାସନ ପକ୍ଷରୁ ଗୋ ଚାଲାଣକାରୀ ପ୍ରତି କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗୋ ଚାଲାଣ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି। ଏହି ଘଟଣା ସମ୍ପର୍କରେ ରାମନାଗୁଡା ଥାନାଧିକାରୀ କିରଣବାଳା ସାମଲ କହିଥିଲେ, ଗୋରୁ ଚାଲାଣ ଉପରେ ରୋକ ଲାଗିବ ଏବଂ ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାଫିଆଙ୍କ ପ୍ରତି କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଏବେ ଅପେକ୍ଷାରେ ରହିଛି।

### ଦୁରୁକୁଲିମାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଆର୍‌ବିକେ କଲୋନୀ ଲାଞ୍ଜିଗଡ଼ ଚାମ୍ପିଅନ

ମୁନିଗୁଡ଼ା, ୨୦।୬ (ସମିସ)

ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଶିବପଦର ପଞ୍ଚାୟତର ଦୁରୁକୁଲିମା ଗ୍ରାମରେ ଦୁରୁକୁଲିମା ଯୁବ ଶକ୍ତି କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଧୁମଧାମରେ ଉଦଯାପିତ ହୋଇଯାଇଛି। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁନିଗୁଡ଼ା ବ୍ଲକ ଆଦିବାସୀ ସଂଘର ସଭାପତି ତଥା ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁରୁକା, ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେପି ଓବିସି ମୋର୍ଚ୍ଚାର ଉପସଭାପତି ରାମଚନ୍ଦ୍ର ବେହେରା, ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ, ପଞ୍ଚାୟତ ସମିତି ସଭ୍ୟ ସାମନ୍ତ ଆମ୍ବାଡ଼ି, ଚୈତନ୍ୟ ହାତୀ ଓ ଜଳନ୍ଧର ନୁଣ୍ଡୁରୁକା ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଫାଇନାଲ ମୁକାବିଲାରେ ଆୟୋଜକ ଦୁରୁକୁଲିମା ଯୁବ ଶକ୍ତି କ୍ରିକେଟ କ୍ଲବ ଓ ଲାଞ୍ଜିଗଡ଼ର ଆରବିକେ କଲୋନୀ ଦଳ ମଧ୍ୟରେ ରୋମାଞ୍ଚକର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଦୁରୁକୁଲିମା ଦଳ ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ୧୨୪ ରନ ସଂଗ୍ରହ କରିଥିଲା।




ଜବାବରେ ଲାଞ୍ଜିଗଡ଼ ଆରବିକେ କଲୋନୀ ଦଳ ମାତ୍ର ୧୧ ଓଭରରେ ୪ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରି ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ଟୁର୍ଣ୍ଣାମେଣ୍ଟରେ ସୁଶୀଲ ଓ ଆକାମ ଆମ୍ପାୟାର ଦାୟିତ୍ୱ ତୁଲାଇଥିବା ବେଳେ ଈଶାନ୍ତ ସ୍କୋରର ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଆୟୋଜନକୁ ସଫଳ କରିବାରେ କ୍ଲବର ସଦସ୍ୟ ସମୀର, ଅନନ୍ତ, ରିଙ୍କୁ, ପ୍ରଶାନ୍ତ, ଶ୍ରୀକାନ୍ତ, ପିଣ୍ଟୁ, କୈଳାସ ଓ ବାବୁଲା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ସୁବାସ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ୍ବଦଳାରେ ଦଧିବାମନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

ମୁନିଗୁଡ଼ା, ୨୦।୬ (ସମିସ)



ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଆମ୍ବଦଳା ଅଞ୍ଚଳରେ ବହୁ ପ୍ରତୀକ୍ଷିତ ଦଧିବାମନ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଗଙ୍ଗା ଆବାହନ ସହ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇଉଠିଥିଲା। ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନରେ ଆୟୋଜିତ କଳସ ଯାତ୍ରାରେ ବହୁ ସଂଖ୍ୟକ ମହିଳା ନିକଟସ୍ଥ ନଦୀରୁ ପବିତ୍ର ଜଳ ସଂଗ୍ରହ କରି କଳସ ମୁଣ୍ଡରେ ଧାରଣ କରି ଭଜନ, କୀର୍ତ୍ତନ ଓ ହରିନାମ ସଙ୍କୀର୍ତ୍ତନ ମଧ୍ୟରେ ଶୋଭାଯାତ୍ରାରେ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ମାରଫଦାର ପରିବାରର ଶ୍ରୀକାନ୍ତ ସାହୁ ଓ ତାଙ୍କ ସହଧର୍ମିଣୀ, ରଜନୀ କାନ୍ତ ପୋଡାଲ ଓ ତାଙ୍କ ସହଧର୍ମିଣୀ ରୋଜି ପଟନାୟକ, ଭିକାରି ନାହାକ ଓ ସହଧର୍ମିଣୀ ଲିଲି ନାହାକ, ସନ୍ତୋଷ ପାତ୍ର ଓ ତାଙ୍କ ସହଧର୍ମିଣୀ ରୀନା ପାତ୍ର, ବିୱାରା ପ୍ରସାଦ ରାଓ ଓ ତାଙ୍କ ସହଧର୍ମିଣୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ମନ୍ଦିର ପ୍ରାଙ୍ଗଣରେ ବୈଦିକ ରୀତିନୀତି ଅନୁଯାୟୀ ହୋମଯଜ୍ଞ, ପୂର୍ଣ୍ଣାହୁତି ଓ ବିଭିନ୍ନ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପ୍ରତିଷ୍ଠା ମହୋତ୍ସବ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବହୁ ସାଧୁସନ୍ଥ, ପୁରୋହିତ, ଧର୍ମପ୍ରାଣ ବ୍ୟକ୍ତି ଓ ଶ୍ରଦ୍ଧାଳୁ ଯୋଗଦେଇଛନ୍ତି। ଆସନ୍ତା କିଛି ଦିନ ଧରି ବିଭିନ୍ନ ଧାର୍ମିକ ଅନୁଷ୍ଠାନ, ପ୍ରବଚନ, ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ଥିବା ଜଣାପଡ଼ିଛି। ଏହି ଅବସରରେ ଶାନ୍ତି, ସଦ୍ଭାବ ଓ ଆଇନ-ଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ଅମ୍ବାଦଳା ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ଧାର୍ମିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ଜନସାଧାରଣଙ୍କୁ ଶାନ୍ତି ଓ ସମ୍ପ୍ରୀତି ବଜାୟ ରଖିବା ସହ ଆଇନ-ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ ରଖିବା ପାଇଁ ଅମ୍ବାଦଳା ପୁଲିସ ସଦା ତତ୍ପର ଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଦଧିବାମନ କମିଟି ସଦସ୍ୟ ସହଯୋଗ କରିଥିଲେ।

**ଭବ୍ୟ କଳସ ଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ**

# ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ





**ଲକ୍ଷ୍ମୀପୁର, ୨୦।୬ (ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଚଳିତ ସରକାରଙ୍କ ଦୁଇ ବର୍ଷପୂର୍ତ୍ତି ଅବସରରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ଉପରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସୁୱାଇ କୁଲେସିକା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୈଳାସ କୁଲେସିକା ଯୋଗଦେଇଥିଲେ। ମଣ୍ଡଳ ସଭାପତି ଅଜୟ ଖରା, କୋରାପୁଟ ଜିଲ୍ଲା ସାଧାରଣ ସମ୍ପାଦକ ଉଦୟ ହିକକା, ଯୁବ ନେତା ଦେବ୍ ଖରା ଏବଂ ଉପାଦକ୍ଷା ଆରତି କୁଲଦୀପ ଯୋଗ ଦେଇଥିଲେ। ବିଡିଓ ସବ୍ୟସାଚୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ଷ୍ଟଲଗୁଡିକୁ ଉଦଘାଟନ କରାଯାଇଥିଲା। ୧୫ ଜଣ ଅଙ୍ଗନବାଡି ଦିଦିଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରାଯାଇଥିଲା। ଅନ୍ତ୍ୟୋଦୟ ଯୋଜନାରେ ୧୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

**ନନ୍ଦପୁର:** ନନ୍ଦପୁର ବ୍ଲକ କାର୍ଯ୍ୟାଳୟରେ ପର୍ଯ୍ୟାୟକ୍ରମେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ରାଜ୍ୟ ସରକାରଙ୍କ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଦେବବ୍ରତ ମହାରଣାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଏସଡିସି ସଭାପତି ଭଗବାନ ମୁଦୁଲି ମୁଖ୍ୟଅତିଥି, ସମ୍ମାନିତ ଅତିଥି ବାଭେ ବିଜେପି ରାଜ୍ୟ କାଉସିଲାର ଜୟରାମ ଭୋଇ, ବରିଷ୍ଠ ବିଜେପି ନେତା ସରୋଜ କୁମାର ମିଶ୍ର, ସେକ ଗଫୁର, ସାଂସଦ ପ୍ରତିନିଧି ଗୋପାଲ ମାଟାମ, ଜିଲ୍ଲା ଏସସି ସେଲ ସାଧାରଣ ସମ୍ପାଦକ ମୋହନ ବୈରାଗୀ, ବିଜେପି ନେତା ଦୁର୍ଗା ପଟ୍ଟନାୟକ, ବ୍ଲକ ମଣ୍ଡଳ ସଭାପତି ହରି ହର ବେହେରା, ପାଡୁଆ ମଣ୍ଡଳ ସଭାପତି ରବିରାମ ସିଂ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାର ଦୁଇ ବର୍ଷ ପୂର୍ତ୍ତି ରେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଅତିଥିମାନେ ଆଲୋକପାତ କରିବା ସହ ବିଭିନ୍ନ ବିଭାଗ ଯଥା ମିଶନ ଶକ୍ତି, ଅଙ୍ଗନ ୱାଡ଼ି, ସ୍ୱାସ୍ଥ୍ୟ ବିଭାଗ ଇତ୍ୟାଦି ଦ୍ୱାରା ଆୟୋଜିତ ପ୍ରଦର୍ଶନୀ ଷ୍ଟଲଗୁଡ଼ିକ ବୁଲି ଦେଖିଥିଲେ। ନନ୍ଦପୁର ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମିନତି ବାଲା ପଟ୍ଟନାୟକଙ୍କ ଉପସ୍ଥିତିରେ ବ୍ଲକ ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ସ୍ମାର୍ଟ ଫୋନ୍ ବଣ୍ଟନ କରାଯାଇଥିଲା। ଓଡ଼ିଶା ଜୀବିକା ମିଶନ ବିପିଏମ ବିଚିତ୍ର କୁମାର ରାଉତ ପରିଚାଳନା କରିଥିବା ବେଳେ ନିର୍ବାହୀ ଅଧିକାରୀମାନେ ସହଯୋଗ କରିଥିଲେ।

# ଯୁବପିଢ଼ିକୁ ସ୍ୱାବଲମ୍ବୀ ଓ ଉଦ୍ୟୋଗୀ ହେବାକୁ ଆହ୍ୱାନ

**ମୁନିଗୁଡ଼ା, ୨୦।୬ (ସମିସ):** ରାଜ୍ୟ ସରକାରଙ୍କ ଶାସନର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆଜି ମୁନିଗୁଡ଼ା ପଞ୍ଚାୟତ ସମିତି ତରଫରୁ କମ୍ୟୁନିଟି ହଲ୍‌ରେ ବ୍ଲକସ୍ତରୀୟ ସ୍ୱାବଲମ୍ବୀ ଯୁବ-ସମୃଦ୍ଧ ଓଡିଶା ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡ଼ା ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲ୍ଲା ସହକାରୀ ଶିଳ୍ପ ଅଧିକାରୀ ସୁରଜ କୁମାର କୁନ୍ଦଲ, ଜିଲ୍ଲା ଶ୍ରମ ନିୟୋଜନ ଅଧିକାରୀ ସୁଶ୍ରୀ ସ୍ୱର୍ଣ୍ଣଲତା ରାଉତ, ଜିଲ୍ଲା ଶ୍ରମ ନିୟୋଜନ ସଂଯୋଜକ ଦୀପକ କୁମାର ସାହୁ, ବିଷମକଟକ ଆଇଟିଆଇ ତାଲିମ କେନ୍ଦ୍ର ଅଧକ୍ଷ ଭୁଦେବ ସାହୁ, ଜିଲ୍ଲା ବିଜେପି ଉପ ସଭାପତି ସୁଶୀଳା ସରାଫ, ସିଡିପିଓ ଲକ୍ଷ୍ମୀ ପୂଜାରୀ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାସ ସିଂ, ମୁନିଗୁଡ଼ା ମଣ୍ଡଳ ବିଜେପି ସଭାପତି ସୁବାସ ଗୌଡ଼, ଆମ୍ବଦୋଳା ମଣ୍ଡଳ ସଭାପତି ଅନନ୍ତ ମାଳଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କିପରି ଉଚିତ୍ ମାର୍ଗରେ ଗଲେ ଯୁବ ସମାଜ ସ୍ୱାବଲମ୍ବୀ, ସମୃଦ୍ଧ ଓ ଆତ୍ମନିର୍ଭର ହୋଇ ପାରିବ ଏବଂ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଯୁବ ପିଢ଼ି କିପରି କୁଶଳୀ ଓ ଉଦ୍ୟୋଗୀ ହୋଇ ପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ମୁନିଗୁଡାର ଯୁବ ଉଦ୍ୟୋଗୀ ଆଶୁତୋଷ ପାଣିଗ୍ରାହୀ ଓ ମହିଳା ଉଦ୍ୟୋଗୀ ନିଶା ପାଲକାଙ୍କୁ ସମ୍ମାନିତ କରାଯାଇଥିଲା। ନିମନ୍ତ୍ରିତ ଅତିଥିଭାବେ ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସଦସ୍ୟ ସୁବାସ ପ୍ରାସ୍କା, ତେଲେଙ୍ଗା ପଦର ସମିତି ସଭ୍ୟ ଅନଙ୍ଗ ନାଗଙ୍କୁ ସମ୍ମାନିତ କରାଯାଇଥିଲା। ଜିଆରଏସ ଅଜିତ ନାଗଙ୍କ ତତ୍ତ୍ୱାବଧାନରେ ବଡ଼ବାବୁ ଜିତେନ୍ଦ୍ର ଧର, ମଙ୍ଗଳ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ବିପିଏମ୍ ମମତା ରାଉଳ, ସହକାରୀ ଯନ୍ତ୍ରୀ ସନ୍ଧ୍ୟାରାନି ମଲ୍ଲିକ, ମାନସ ନାୟକ, କଳ୍ପନା ସାହୁ, ଇତିଶ୍ରୀ ମହାପାତ୍ର, ସୋନାଲି ବ୍ରହ୍ମା, ସସ୍ମିତା ତୁଳ, ଅମ୍ବିକା ନାୟକ, ପୁଷ୍ପଲତା ପାଣିଗ୍ରାହୀ, ରୂପବତୀ ନାଲାଙ୍କ ସହ ମିଶନ ଶକ୍ତିର ଏମ୍ବିକେ, ସିଆରପି, ଯୁବନେତା ଜଗା ଶବର, ଭୀମ ବେହେରା ଏବଂ ମୁନିଗୁଡ଼ା ମହାବିଦ୍ୟାଳୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ଜେକେ କାଗଜକଳରେ ରକ୍ତଦାନ ଶିବିର: ୧୬୬ ୟୁନିଟ୍ ସଂଗ୍ରହ




**ରାୟଗଡ, ୨୦।୬ (ସମିସ):** ଜେକେ କାଗଜ କଳର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ହରିଶଙ୍କର ସିଂଘାନିଆଙ୍କ ୯୩ତମ ଜନ୍ମଦିନ ପାଳନ ଅବସରରେ ରାୟଗଡା ରକ୍ତଭଣ୍ଡାର ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟନିର୍ବାହୀ ଉପସଭାପତି (କାର୍ମିକ) ବିନୟ ଦ୍ୱିବେଦୀ ଉଦଘାଟନ କରିଥିଲେ। ଏହି ଶିବିରରେ କାଗଜ କଳର କର୍ମଚାରୀ ଓ ତାଙ୍କ ପରିବାର ବର୍ଗ ରକ୍ତଦାନ କରିଥିବା ବେଳେ ମୋଟ ୧୬୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଉଦଘାଟନ ସମାରୋହରେ ବିଶ୍ୱଜିତ ଦ୍ୱିବେଦୀ, ଉପସଭାପତି (ବାଣିଜ୍ୟ), ସନ୍ଦୀପ ପାଣ୍ଡେ, ମହାପ୍ରବନ୍ଧକ ମାନବ ସମ୍ବଳ ବିକାଶ ଜେକେ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଡା କେଭିଆର୍ ରାଓ ଓ ଡଃ କେ ଶ୍ରୀକାନ୍ତ ଉପସ୍ଥିତ ଥିଲେ। ରାୟଗଡା ରକ୍ତଭଣ୍ଡାରର ଡା ସୁଦୀପ୍ତ କୁମାର ରାମ, ଡା କେ ନବୀନ, ସହାୟକ ଉମାକାନ୍ତ ମିଶ୍ର, ଜଗନ୍‌ରାଜ୍ ପଟ୍ଟନାୟକ, ଉଷାରାଣୀ ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଜେକେ କାଗଜ କଳର ଜନକଲ୍ୟାଣ ବିଭାଗର ଉପମହାପ୍ରବନ୍ଧକ ରଞ୍ଜିତ କୁମାର ଦାସ, ଶିବପ୍ରସାଦ ରଥ, ସହପ୍ରବନ୍ଧକ, ଶିବଙ୍କର ପଣ୍ଡା, ସିନିୟର ଅଫିସର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପରମ୍ପରା ଓ ବିଶ୍ୱାସର କୃଷିଭିତ୍ତିକ ପର୍ବ ବିରିପାଣି ଯାତ୍ରା

ଜୟପୁର, ୨୦।୬ (ସମିସ)



କୋରାପୁଟ ଜିଲ୍ଲା ଆଦିବାସୀଙ୍କ ବିଭିନ୍ନ ପର୍ବପର୍ବାଣି ଉପରେ ବିଶ୍ୱାସ ରଖିଥାଆନ୍ତି। ଜୟପୁର ବ୍ଲକ ଗଡପଦର ଗ୍ରାମପଞ୍ଚାୟତର ସଦର ଗ୍ରାମଠାରେ ନିଆରା ପରମ୍ପରା ଓ ବିଶ୍ୱାସର କୃଷିଭିତ୍ତିକ ଏବଂ ଆସନ୍ତା ବର୍ଷ ବର୍ଷା ପରିମାଣର ଅକଳନର ପର୍ବ ବିରିପାଣି ଯାତ୍ରା ଆଜି ପାଳନ କରାଯାଇଛି। ପରମ୍ପରା ଅନୁଯାୟୀ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଜ୍ୟୋଷ୍ଠ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟ ଶନିବାରରେ ଗଡପଦର ଗ୍ରାମଠାରେ ଦେବୀଙ୍କ ପୀଠରେ ବିରିପାଣିଙ୍କୁ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥାଏ। ମଧ୍ୟାହ୍ନରେ ବିରିପାଣି ଦେବୀଙ୍କ ସହିତ ଗ୍ରାମଦେବୀ ଏବଂ ଅନ୍ୟାନ୍ୟ ପ୍ରତୀକ ଭାବେ ଲାଠି ଗୁଡିକ ଗ୍ରାମରେ ଶୋଭାଯାତ୍ରା ମାଧ୍ୟମରେ ବାଜାବାଜଣାରେ ଗ୍ରାମ ନିକଟସ୍ଥ ପର୍ବତ ଚଢି ଉପରକୁ ନିଆଯାଇଥାଏ। ସେଠାରେ ଏକପଥର ଗର୍ତ୍ତଠାରେ ମୁଖ୍ୟ ଆଦିବାସୀ ପରଜା ସମ୍ପ୍ରଦାୟର ପୂଜକ ପୂଜାର୍ଚ୍ଚନା କରିବା ସହ ଏକ ଧଳାରଙ୍ଗର ପାରାକୁ ପଥର ଗର୍ତ୍ତଭିତରକୁ ଉଡାଇ ଥାଆନ୍ତି। ଏହାପରେ ପଥର ଭିତରକୁ ପାଣି ଝରିବା ଆରମ୍ଭ ହୋଇଥାଏ, ଉକ୍ତ ପାଣିର ମାପ ଅନୁଯାୟୀ, ଚଳିତବର୍ଷ କେତେ ପରିମାଣର ବର୍ଷା ହେବ ପୂଜକ ସୂଚନା ଦେଇଥାଆନ୍ତି। ଏହିପରି ପାଣିର ପରିମାଣ କମ ହେଲେ କମ୍ ବର୍ଷା ଏବଂ ମରୁଡି ହେବାର ଆକୋଳନ କରାଯାଇଥାଏ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ଏହି ବିଶ୍ୱାସ ଓ ପରମ୍ପରାର ଯାତ୍ରାରେ ଯୋଗଦେବା ପାଇଁ କୋରାପୁଟ, ନବରଙ୍ଗପୁର ଜିଲ୍ଲା ସମେତ ପୋଡଶୀ ଛତିଶଗଡ ରାଜ୍ୟରୁ ଭକ୍ତ, ଶ୍ରଦ୍ଧାଳୁ ଏବଂ ମାନସିକଧାରୀଙ୍କ ଭିଡ଼ ଜମିଥାଏ। ଚଳିତ ବର୍ଷ ପୁଣି ପୂର୍ବବର୍ଷ ଭଳି ଜନସମାବେଶରେ ସାରା ରାତ୍ରୀ ଗ୍ରାମଠାରେ ଆୟୋଜନ ହୋଇଥାଏ। ଏହି ଅବସରରେ ବିଭିନ୍ନ ବ୍ୟଞ୍ଜନ ବିକ୍ରି ହୋଟେଲ, ଖେଳନା ଦୋକାନ ଏବଂ ରାତିରେ ସ୍ଥାନୀୟ ଆଦିବାସୀ ପୌରାଣିକ ନାଟକ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ କହିବାନୁଯାୟୀ, ଜୟପୁର ମହାରାଜାଙ୍କ ପକ୍ଷରୁ ଏହିଯାତ୍ରା ବହୁବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା ଏବଂ ଜୟପୁର ମହାରାଜାଙ୍କ ଏକ ଐତିହାସିକ ପର୍ବ ଭାବେ ଏହାକୁ ଗଣତି କରାଯାଇଥାଏ। ଜୟପୁର ମହାରାଜାଙ୍କ ସମୟରୁ ଏହି ପୂଜାର ଆୟୋଜନ ଓ ପାଳନ ନିମନ୍ତେ ସମସ୍ତ ଦାୟିତ୍ୱ ସ୍ଥାନୀୟ ବାସିନ୍ଦା ରାୟ ପରିବାର ଉପରେ ନ୍ୟସ୍ତ କରାଯାଇଥିଲା। ତେଣୁ ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ବର୍ତ୍ତମାନ ରାୟ ପରିବାରଙ୍କ ସମେତ ଗ୍ରାମବାସୀଙ୍କୁ ନେଇ ପୂଜାକମିଟି ଗଠନ କରାଯାଇ ଏହାକୁ ଆୟୋଜନ କରାଯାଉଛି। ଏହିପରି ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଉଛନ୍ତି। ଗ୍ରାମର ଯୁବକମାନେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଦାୟୀତ୍ୱ ଗ୍ରହଣ କରିଛନ୍ତି। ଏହିପରି ଦେବୀଙ୍କ ଲାଠୀ ଏବଂ ପ୍ରତୀକ ନେଇ ଅପରାହ୍ନରେ ଏହି ଗ୍ରାମ ପରିକ୍ରମା ବେଳେ ଛୋଟ ଛୋଟ ଛୁଆଙ୍କୁ ସମସ୍ତ ରୋଗ ଓ ଦୃଷ୍ଟିରୁ ରକ୍ଷା କରିବା ପାଇଁ ରାସ୍ତା ଉପରେ ଶୋଇଥାଆନ୍ତି। ଲାଠିଧାରୀ ଓ ଦେବୀଙ୍କ ପ୍ରତିକଧାରୀ ପୂଜକ ଓ ଦିସାରୀ ମାନେ ଉକ୍ତ ଛୁଆ ମାନଙ୍କୁ ପାଦରେ ଛୁଇଁ ଡେଇଁ ଯାଇଥାଆନ୍ତି। ଫଳରେ ସେମାନେ ସୁସ୍ଥରେ ରହିବେ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ଏହିପରି ମାନସିକଧାରୀଙ୍କ ପକ୍ଷରୁ ଶତାଧିକ ଛେଳି, ମେଣ୍ଢା, କୁକୁଡା ବଳି ଭାବେ ଦେବୀଙ୍କ ଲାଠି ନିକଟରେ ଦିଆଯାଇଥାଏ। ସାରାରାତି ଗ୍ରାମର ଯାତ୍ରା ସହିତ ଲୋକଙ୍କ ଭିଡ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦୋକାନ ବଜାର ଖୋଲାଯାଇ ଏକପ୍ରକାର ଚହଳ ଗହଳ ରହିଥିଲା।

# ମନରେଗା କାମରେ ବାପାମା'ଙ୍କ ବଦଳରେ ନାବାଳକର ଫଟୋ

- ଶ୍ରମ ବାବଦକୁ ଦିଆଯାଉଛି ଟଙ୍କା
- ଏନଏମଏମଏସରେ ଦର୍ଶାଯାଉଛି ଫଟୋ



କୋରୁକୋଣ୍ଡା, ୨୦।୬(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ନକାମାମୁଡି ଗ୍ରାମପଞ୍ଚାୟତରେ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ୨୦୨୪ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ନିଲାପାରି ଗ୍ରାମରେ ଆମ୍ବ ବଗିଚା ନିମନ୍ତେ ଅର୍ଥ ଅନୁମୋଦନ କରାଯାଇଥିଲା। ଗତ ଜାନୁଆରୀ ୨୨ ତାରିଖଠାରୁ ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟର ସରକାରୀ ତଥ୍ୟ ଏନଏମଏମଏସରେ ବିଭିନ୍ନ କାର୍ଯ୍ୟ ଦିବସରେ ବିଭିନ୍ନ ନାବାଳକର ଫଟୋ ଦର୍ଶାଯାଇଥିଲା। ଏହାକୁ ନେଇ ସେହି ସମୟରେ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରୋଜେକ୍ଟ ମ୍ୟାନେଜର ବିଶ୍ୱନାଥ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ ଯେ ଏପରି କରିବା ନିୟମ ବିରୁଦ୍ଧ; ଯଦି ଏମିତି କିଛି ହୋଇଛି ତେବେ ତଦନ୍ତ କରିବା ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଫେବୃୟାରୀ ୨ ତାରିଖରେ ଦୈନିକ ଖବର କାଗଜ ସକାଳ ଖବରରେ ପ୍ରକାଶ ପାଇଥିଲା; କିନ୍ତୁ ଅଧିକାରୀ ଏହାକୁ ନେଇ ଅବଗତ ଥିଲେ ମଧ୍ୟ ସେହି କାର୍ଯ୍ୟକୁ ସେହି ସମୟରେ ଶ୍ରମିକମାନେ କରିଥିବା ଦର୍ଶାଇ ଶ୍ରମ ବାବଦକୁ ଟଙ୍କା ପଇଠ କରିଦେଲେ। ଏହାକୁ ନେଇ ଆମେ ବର୍ତ୍ତମାନ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ପଚାରିବାରୁ ସେ କହିଲେକି, ନାବାଳକମାନେ କାମ କରିନାହାନ୍ତି ସେମାନଙ୍କ ବାପା ମା' କାମ କରିଥିବା ବେଳେ ପିଲାଙ୍କର ଫୋଟ ଦିଆଯାଇଥିଲା। ପ୍ରଥମ ଥର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବାପା ମା' କାମ କରିଥିଲେ ପିଲାଙ୍କ ଫଟୋ ସରକାରୀ ତଥ୍ୟରେ ଦର୍ଶାଅ ଯାଇପାରିବ ବୋଲି ଜଣାପଡ଼ିଥିବାରୁ ଏହା ଆଶ୍ଚର୍ଯ୍ୟାନ୍ୱିତ କରିଛି। ଏହାକୁ ନେଇ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମୁଖ୍ୟ ହଲଧର ସବରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେକି, ସେମିତିତ ହେବା କଥା ନୁହଁ ଏମିତି କେମିତି ହେଲା ସେନେଇ ଅନୁଧ୍ୟାନ କରି ଜଣାଇବି। ପୂର୍ବ ଦିନରେ ମଧ୍ୟ ଏହିପରି ଭାବେ ବିଭାଗୀୟ ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀ ମିଶ୍ର କହିଥିଲେ ଏବଂ ପର ମୁହୂର୍ତ୍ତରେ ସେହି କାର୍ଯ୍ୟର ଶ୍ରମ ବାବଦକୁ ଟଙ୍କା ପଇଠ ହୋଇଗଲା। ଏବେ ଆଗକୁ ଦେଖିବାର ବାକି ରହିଲା ସଂସ୍ଥା ମୁଖ୍ୟ କିପରି ପଦକ୍ଷେପ ନେଉଛନ୍ତି ନା ଏପରି କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଯୋଗାଉଛନ୍ତି।

## ପିଲାଚୋର ସନ୍ଦେହରେ ଆକ୍ରମଣ ପ୍ରସଙ୍ଗ

# ମହିଳାଙ୍କ ମର୍ଯ୍ୟାଦାହାନି ନିନ୍ଦନୀୟ ଓ ଅତ୍ୟନ୍ତ ସମ୍ବେଦନଶୀଳ: ଏସ୍‌ପି

ରାୟଗଡ଼, ୨୦।୬ (ସମିସ)

ରାୟଗଡ଼ ଜିଲ୍ଲାର କଲ୍ୟାଣସିଙ୍ଗପୁର ଥାନା ଅଞ୍ଚଳରେ ଗତ ୧୬ ତାରିଖ ରାତିରେ ପିଲାଚୋର ସନ୍ଦେହରେ ଦୁଇଜଣ ଅଣଓଡ଼ିଆ ସ୍ୱେଚ୍ଛାସେବୀ ଯୁବକ-ଯୁବତୀଙ୍କୁ ଆକ୍ରମଣ କରାଯିବା ସହ ଯୁବତୀଙ୍କ ସହ ଅସଦାଚରଣ ଏବଂ ମର୍ଯ୍ୟାଦାହାନି ଘଟଣାକୁ ଜିଲ୍ଲା ପୋଲିସ ଗୁରୁତର ଭାବେ ନେଇଛି। ଏହି ଘଟଣାକୁ ନିନ୍ଦନୀୟ ଓ ଅତ୍ୟନ୍ତ ସମ୍ବେଦନଶୀଳ ବୋଲି କହିଛନ୍ତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସପି) ରାଜ ପ୍ରସାଦ। ଶୁକ୍ରବାର ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ସୂଚନା ଦେଇ କହିଥିଲେ ଯେ ଘଟଣା ଘଟିବା ପରେ ପୋଲିସ ତୁରନ୍ତ ପଦକ୍ଷେପ ଗ୍ରହଣ କରି ମାତ୍ର ଚାରି ଦିନ ମଧ୍ୟରେ ମାମଲାରେ ସମ୍ପୃକ୍ତ ୨୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବାମାନଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତମାନେ ମଧ୍ୟ ରହିଛନ୍ତି। ସେ କହିଛନ୍ତି ଯେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କ ପରିଚୟ ଓ ଭୂମିକା ନେଇ ତଦନ୍ତ ଜାରି ରହିଛି। ଗିରଫ ଭୟରେ ଲୁଚି ରହିଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଏକାଧିକ ଟିମ୍ ଗଠନ କରାଯାଇ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି। ଏସପି ଆହୁରି କହିଛନ୍ତି ଯେ ମାମଲାଟିକୁ ଉଚ୍ଚ ସ୍ତରରେ ଗୁରୁତ୍ୱ ଦିଆଯାଇଥିବା ବେଳେ କ୍ରାଇମ ବ୍ରାଞ୍ଚର ପରାମର୍ଶ ମଧ୍ୟ ନିଆଯାଉଛି। ସେ ନିଜେ ଏହି ମାମଲାର ମନିଟରିଂ



ଓ ସୁପରଭିଜନ୍ କରୁଥିବା ବେଳେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ମଧ୍ୟ ତଦନ୍ତକାରୀ ଟିମ୍‌କୁ ମାର୍ଗଦର୍ଶନ ଦେଉଛନ୍ତି।

ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ସ୍ୱତନ୍ତ୍ର ଲିଗାଲ୍ ସେଲ୍‌ଫ ଗଠନ କରାଯାଇଥିବା ବେଳେ ଆଇନ ଅନୁଯାୟୀ ସମସ୍ତ ପ୍ରଯୁଜ୍ୟ ଧାରା ଲାଗୁ କରାଯିବ ବୋଲି ଏସପି ସ୍ପଷ୍ଟ କରିଛନ୍ତି। ଘଟଣାରେ ଜଣେ ମହିଳାଙ୍କ ମର୍ଯ୍ୟାଦାହାନି ହୋଇଥିବାରୁ ମାମଲାଟି ଅତ୍ୟନ୍ତ ସମ୍ବେଦନଶୀଳ ବୋଲି ଉଲ୍ଲେଖ କରି ଏସପି କହିଛନ୍ତି ଯେ, ଘଟଣା ସମ୍ବଳିତ ଭିଡିଓ ଉତ୍ତୋଳନ ଓ ସୋସିଆଲ୍ ମିଡିଆରେ ପ୍ରସାରଣ କରିବା ଆଇଟି ଆକ୍ଟର ଉଲ୍ଲଂଘନ ସହ ପୀଡ଼ିତାଙ୍କ ଗୋପନୀୟତାକୁ କ୍ଷୁଣ୍ଣ କରୁଛି। ତେଣୁ ଏପରି ଭିଡିଓ କେହି ଶେୟାର କିମ୍ବା ଭାଇରାଲ୍ ନ କରିବାକୁ ସେ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି। ପୁଲିସର ସାଇବର ଟିମ୍ ଭାଇରାଲ୍ ଭିଡିଓର ଉତ୍ସ ଖୋଜୁଥିବା ବେଳେ ଏହାକୁ ପ୍ରସାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏହି ଘଟଣାକୁ ନେଇ କଲ୍ୟାଣସିଙ୍ଗପୁର ଥାନାରେ ପୁଲିସ ପକ୍ଷରୁ ତିନୋଟି ମାମଲା ରୁଜୁ ହୋଇଛି। ପୀଡ଼ିତ ଯୁବକ ଓ ଯୁବତୀ ବର୍ତ୍ତମାନ ନିଜ ଘରକୁ ଫେରିଯାଇଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ହେବା ପରେ ସେମାନଙ୍କ ଅଭିଯୋଗ ଆଧାରରେ ଆହୁରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସପି ରାଜ ପ୍ରସାଦ ସୂଚନା ଦେଇଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ନମୁନାର ଯାଞ୍ଚ

# ଅତ୍ୟାଧୁନିକ ଡ୍ରାଏ କେମିଷ୍ଟ୍ରି ମେସିନ୍‌ର ଉଦ୍‌ଘାଟନ

ଜୟପୁର, ୨୦।୬(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ସମେତ ପରୀକ୍ଷା କରୁଥିବା ଅତ୍ୟାଧୁନିକ ଡ୍ରାଏ କେମିଷ୍ଟ ଯାଞ୍ଚ ମେସିନକୁ ମୁଖ୍ୟଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ଘାଟନ କରିଥିଲେ। ଏହି ଅତ୍ୟାଧୁନିକ ମେସିନ ମାଧ୍ୟମରେ ଗୋଟିଏ ନମୁନା ସଂଗ୍ରହରୁ ପ୍ରାୟ ୧୭୦୦ ପ୍ରକାରର ପରୀକ୍ଷା କରାଯାଇପାରିବ। ଏହାଦ୍ୱାରା ରୋଗ ନିରୂପଣ ପ୍ରକ୍ରିୟା ଶୀଘ୍ର, ନିର୍ଭୁଲ ଓ ସୁବିଧାଜନକ ଭାବେ ହୋଇପାରିବ। ଏହି ପରୀକ୍ଷା ୫ରୁ ୧୦ ମିନିଟ୍ ମଧ୍ୟରେ ରୋଗୀଙ୍କ ପଞ୍ଜିକୃତ ମୋବାଇଲ୍ ନମ୍ବରକୁ ଏସଏମଏସ ମାଧ୍ୟମରେ ରିପୋର୍ଟ ପାଇପାରିବେ। ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ସିଡିଏମଓ ଡା.ଗୁରୁପ୍ରସାଦ ମହନ୍ତ, ଜିଲ୍ଲା ଚିକିତ୍ସାଳୟର ଅଧୀକ୍ଷକ ଡା ଅକ୍ଷୟ ରଥ, ଜିଲ୍ଲା ଚିକିତ୍ସାଳୟ ମ୍ୟାନେଜର ରୂପସି ମଧୁମିତା ନାୟକ, ତଥାଗତ ଦାସ ଏବଂ ବରିଷ୍ଠ ଡାକ୍ତରବୃନ୍ଦ, ସେବିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବାହିନୀପତି କହଛନ୍ତି ଯେ ଜିଲ୍ଲା ଚିକିତ୍ସାଳୟରେ ଆବଶ୍ୟକ ବିଭିନ୍ନ ଯନ୍ତ୍ରପାତି ସମେତ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର, କର୍ମଚାରୀ ଓ ସେବିକାଙ୍କୁ ଶୀଘ୍ର ନିଯୁକ୍ତି ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ମାଧ୍ୟମରେ ଗତ ୩ତାରିଖରେ ଦାବି କରିଛନ୍ତି। ଏଥିନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତ ୮ ତାରିଖରେ ସ୍ୱାସ୍ଥ୍ୟ ବିଭାଗର ୩ଟି ଶାଖାକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଅତିଶୀଘ୍ର ଆବଶ୍ୟକ ଡାକ୍ତର, ବୈଷୟିକ କର୍ମଚାରୀ ସମେତ ଅନ୍ୟାନ୍ୟ କର୍ମଚାରୀ ଓ ସେବିକା ପଦ ପୂରଣ କରାଯିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।



# କୋଟପାଡ଼ ଠିକାଦାର ସଂଘର ବୈଠକ

କୋଟପାଡ଼, ୨୦।୬(ସମିସ): କୋଟପାଡ଼ ଠିକାଦାର ସଂଘର ଏକ ବୈଠକ ସଭାପତି ପ୍ରଶାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅଞ୍ଚଳର ସମସ୍ତ ଠିକାଦାରଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ସଂଘ ଗଠନର ୬ ମାସ ପୂରିବା, ତଥା ଆୟ ଓ ବ୍ୟୟର ହିସାବ, ଟେଣ୍ଡର ନୀତିରେ ପରିବର୍ତ୍ତନ ଏବଂ ଭିତ୍ତିଭୂମି ଗୁଣବତ୍ତା ଉପରେ ସହ ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଠିକାଦାର ସଂଘର ଉନ୍ନତି ପାଇଁ ଚେଷ୍ଟିତ ବରିଷ୍ଠ ଠିକାଦାରଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ଭବିଷ୍ୟତରେ ନୂତନ ଟେଣ୍ଡର ପ୍ରକ୍ରିୟା ରେ ସଂଘର ସମସ୍ତ ସଦସ୍ୟ ଭାଗ ନେଇପାରିବେ, ତାହାସହ ନିଜ ଅଞ୍ଚଳର ବିକାଶ ପାଇଁ




ନିଜ ଭାଗୀଦାରୀ ଦେଇ କାମର ମାନକୁ ଉନ୍ନତ କରିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ବାହାର ଠିକାଦାରଙ୍କୁ ଅଞ୍ଚଳରେ କାମ କରିବା ପାଇଁ ସୁଯୋଗ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ଠିକାଦାର ଉମେଶ ବ୍ରହ୍ମା, ତପନ ମହାପାତ୍ର ଉପଦେଷ୍ଟା ଭାବେ ଉପସ୍ଥିତ ରହିଥିବା ବେଳେ ଉପସଭାପତି ସୁରେନ ମହାନ୍ତି, ଆଇନଜୀବୀ ଶ୍ରୀମନ୍ତ କୁମାର ପଣ୍ଡା ସହ ବିକାଶ ପଟ୍ଟନାୟକ, କିରଣ ପଟ୍ଟନାୟକ, ବିଜୟ ମାଦଳା ସହ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଚାରି ଦିନ ପରେ ବି ମୃତ ଯୁବତୀଙ୍କ ପରିଚୟ ରହସ୍ୟାବୃତ୍ତ

ରାୟଗଡ଼, ୨୦।୬(ସମିସ): ରାୟଗଡ଼ ଜିଲ୍ଲା ଚାନ୍ଦିଲି ଥାନାଞ୍ଚଳରେ ବ୍ୟାଗ ଭିତରୁ ଅଜଣା ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣାକୁ ଚାରି ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ମୃତକଙ୍କ ପରିଚୟ କିମ୍ବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସନ୍ଧାନ ପାଇବାରେ ସଫଳ ହୋଇପାରିନାହିଁ। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଚାନ୍ଦିଲି ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଥିବା ବେଳେ ମାମଲାର ରହସ୍ୟ ଏପର୍ଯ୍ୟନ୍ତ ଅନାବୃତ ହୋଇପାରିନାହିଁ। ଗତ ୧୭ ତାରିଖରେ ରାୟଗଡ଼ା-ଜେକେପୁର ମଧ୍ୟବର୍ତ୍ତୀ ଖଲିଗୁଡ଼ା ନିକଟ ଜାତୀୟ ରାଜପଥ-୩୨୬ କଡ଼ରୁ ଏକ କଳା ରଙ୍ଗର ବ୍ୟାଗ ଭିତରୁ ଜଣେ ଅଜଣା ଯୁବତୀଙ୍କ ପଚାସଢ଼ା ମୃତଦେହ ଉଦ୍ଧାର କରାଯାଇଥିଲା। ମୃତଦେହର ହାତ ଗୋଡ଼ ବନ୍ଧା ଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ପୁଲିସ ପକ୍ଷରୁ ମୃତ ଯୁବତୀଙ୍କ ବୟସ ପ୍ରାୟ ୨୦ରୁ ୨୫ ବର୍ଷ ଏବଂ ଉଚ୍ଚତା ପ୍ରାୟ ୧୬୦ ସେଣ୍ଟିମିଟର ବୋଲି ସୂଚନା ଦିଆଯାଇଛି। ଯୁବତୀ ଜଣକ ଲାଲ ଓ ସବୁଜ ଚେକ୍ ଡିଜାଇନ୍‌ର ନାଇଟ ସୁଟ ପିନ୍ଧିଥିବା ବେଳେ ମୃତ୍ୟୁ ପ୍ରାୟ ୭ରୁ ୧୦ ଦିନ ପୂର୍ବରୁ ଘଟିଥିବା ଅନୁମାନ କରାଯାଉଛି। ମୃତକଙ୍କ ପରିଚୟ ମିଳି ନଥିବାରୁ ତଦନ୍ତରେ ଅଡୁଆ ସୃଷ୍ଟି ହୋଇଥିବା ବେଳେ ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାଗୁଡ଼ିକର ନିଖୋଜ ମହିଳାଙ୍କ ତଥ୍ୟ ଯାଞ୍ଚ କରୁଛି ପୁଲିସ। ଏଥିସହ ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ମଧ୍ୟ ଖତିଆନ କରାଯାଉଛି। ଏହି ରହସ୍ୟମୟ ହତ୍ୟାକାଣ୍ଡ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ପୁଲିସ ସାଧାରଣ ଲୋକଙ୍କୁ ସହଯୋଗ ପାଇଁ ଆହ୍ୱାନ କରିଥିବା ବେଳେ ମାମଲାର ଶୀଘ୍ର ପର୍ଦ୍ଦାଫାସ ପାଇଁ ତଦନ୍ତ ଜୋରଦାର କରିଛି ଚାନ୍ଦିଲି ପୁଲିସ।



ଅଭିଯୁକ୍ତଙ୍କ ସନ୍ଧାନରେ ଚାନ୍ଦିଲି ପୁଲିସ

# ବାଘ ଛାଲ ଜବତ; ଜଣେ ଗିରଫ

ଡାବୁଗାଁ, ୨୦।୬(ସମିସ): ଡାବୁଗାଁ ବନ ବିଭାଗ ଆଜି ଅପରାହ୍ନ ସମୟରେ ଚଢ଼ଉ କରି ବାଘ ଛାଲ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ରେଞ୍ଜର ରାମଚନ୍ଦ୍ର ଭତ୍ରା, କାର୍ତ୍ତିକ ମାଝି, ଜଗନ୍ନାଥ ପୂଜାରୀ, ତାପସ ପଟ୍ଟନାୟକ, ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ବନ କର୍ମଚାରୀ ଏହି ଚଢ଼ଉ ଦଳରେ ସାମିଲ ଥିଲେ। ଏନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଡିଏଫଓ ଉଦାୟନ ସୁବୁଦ୍ଧି ସୂଚନା ଦେଇଛନ୍ତି। ବାଘ ଛାଲର ମୂଲ୍ୟ ୧୦ରୁ ୧୫ ଲକ୍ଷ ହେଇପାରେ ବୋଲି ଅନୁମାନ କରାଯାଉଛି।



# ଆଧାରରେ ମୃତ; ସରକାରୀ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ ମହିଳା

- ଅଭିଯୋଗ ପରେ ମଧ୍ୟ ସମାଧାନ ହୋଇନି ସମସ୍ୟା



ଏମଭି ୭୯, (ସମିସ) ୨୦।୬: ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍.ଭି.-୭୯ ଗ୍ରାମର ବାସିନ୍ଦା ସୁମିତ୍ରା ମଣ୍ଡଳ (ବୟସ ୫୪ ବର୍ଷ), ସ୍ୱାମୀ ହରିପଦ ମଣ୍ଡଳ, ଆଧାର କାର୍ଡରେ ଭୁଲବଶତଃ 'ମୃତ' ଭାବେ ଦର୍ଶାଯାଇଥିବାରୁ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁମିତ୍ରା ମଣ୍ଡଳ ଶାରୀରିକ ଭାବେ ଦିବ୍ୟାଙ୍ଗ। ତାଙ୍କ ଗୋଟିଏ ଗୋଡ଼ ଖରାପ ଥିବାରୁ ସେ ଠିକ୍ ଭାବେ ଚାଲିପାରୁ ନାହାନ୍ତି। ଏପରି ସ୍ଥିତିରେ ସେ ସୁଭଦ୍ରା ଯୋଜନା, ଭତ୍ତା, ରାସନ ଚାଉଳ, ସିଏମ୍ କିସାନ, ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି ସମେତ ଅନ୍ୟାନ୍ୟ ସରକାରୀ ଯୋଜନାର ଲାଭ ପାଇପାରୁ ନାହାନ୍ତି। ପରିବାର ପକ୍ଷରୁ ଅନଲାଇନରେ ଆଧାର ସମ୍ବନ୍ଧୀୟ ଅଭିଯୋଗ କରାଯାଇଥିଲା। ଏବେ ମଧ୍ୟ ତାଙ୍କ ଆଧାର ରେକର୍ଡରେ ମୃତ ଦର୍ଶାଯାଉଛି। ଫଳରେ ଯେକୌଣସି ଯୋଜନା ପାଇଁ ଆବେଦନ କଲେ ତାହା ବାତିଲ ହୋଇଯାଉଛି। ଗ୍ରାମାଞ୍ଚଳରେ ଏଭଳି ତ୍ରୁଟିପୂର୍ଣ୍ଣ ଆଧାର ତଥ୍ୟ ଯୋଗୁଁ ଅନେକ ଲୋକ ସରକାରୀ ସୁବିଧା ପାଇବାରେ ସମସ୍ୟା ଭୋଗୁଥିବା ବେଳେ, ସୁମିତ୍ରା ମଣ୍ଡଳଙ୍କ ଘଟଣା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି। ତୁରନ୍ତ ତାଙ୍କ ଆଧାର ସ୍ଥିତି ସଂଶୋଧନ କରି ସମସ୍ତ ସରକାରୀ ସୁବିଧା ପ୍ରଦାନ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

# ମେଲେରିଆ, ଡେଙ୍ଗୁ ଓ ଡାଇରିଆ ରୋଗରୁ ବର୍ତ୍ତିବା ପାଇଁ ଆଶା କର୍ମୀଙ୍କ ପ୍ରୟାସ

ପୋଡ଼ାଗଡ଼, ୨୦।୬(ସମିସ): ମେଲେରିଆ, ଡେଙ୍ଗୁ ଓ ଡାଇରିଆ ଦାଉରୁ କିପରି ନିଜକୁ ସୁରକ୍ଷିତ ରଖାଯାଇପାରିବ ସେ ଦିଗରେ ବଙ୍ଗଳାଗୁଡା ଗ୍ରାମର ଆଶାକର୍ମୀ ତପସି ପାଣି ପ୍ରୟାସ ଚଳାଇଛନ୍ତି। ସନ୍ଧ୍ୟା ହେଇଗଲେ ହାତରେ ଏକ କଲମ ଓ ଖାତା ଧରି ସାହି ସାହି ବୁଲି ଗାଁର ପ୍ରତ୍ୟେକ ଘର ଯାଇ ମଶାରୀ ଟାଙ୍ଗୀବା ନିମନ୍ତେ ପରାମର୍ଶ ଦେଇଥାନ୍ତି। ପୁଣି ସମସ୍ତେ ଖାଇ ସରିବା ପରେ ୯ .୩୦ ମିନିଟ ସମୟରେ ପୁଣି ଘର ଘର ଦାଣ୍ଡରେ ଯାଇ ହାତରେ ଘଣ୍ଟା ଧରି ମଶାରୀ ବାନ୍ଧିବା ଓ ଡେଙ୍ଗୁ ରୋଗରୁ ଦୂରେଇ ରୁହନ୍ତୁ ବୋଲି ଘଣ୍ଟା ବାଡେଇ ସଚେତନ କରିଥାନ୍ତି। ଏହିପରି ଗୋଟିଏ ଦିନ କି ଦିନ ନୁହେଁ ବର୍ଷ ବର୍ଷ ଧରି ଗ୍ରାମବାସୀଙ୍କୁ ସଚେତନ କରିଥାନ୍ତି। ସକାଳ ଜଳଖିଆ ସମୟରେ ହାତରେ ବାଲ୍ଟି ମଗ ଓ ସାବୁନ ଧରି ଘର ଘର ବୁଲି ହାତ ଧୋଇବା ପାଇଁ ପରାମର୍ଶ ଦେବା ସହ କିପରି ନିଜକୁ ସଫାସୁତୁରା ରିଖିବା ଓ ଡାଇରିଆରୁ ରକ୍ଷା ପାଇବା ସେହି ବିଷୟରେ ଲୋକଙ୍କୁ ସଚେତନ କରୁଥିବା ଦେଖାଦେଇଛି। ଆଶାକର୍ମୀ କହନ୍ତି କି, ନିଜ ଗାଁରେ ସେ ସରକାରଙ୍କ ତରଫରୁ ପ୍ରଶିକ୍ଷଣ ନେଇ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରୁଛନ୍ତି। ଏହା ତାଙ୍କର ଦାୟିତ୍ୱ। ଏକଟାଗୁଡ଼ା ଓ ବଙ୍ଗଳା ଗୁଡାର ଲୋକେ ମେଲେରିଆ ଡେଙ୍ଗୁ କିମ୍ବା ଡାଇରିଆରେ ଜୀବନ ଯେପରି ନ ହାରନ୍ତି ସେଥିନିମନ୍ତେ ପ୍ରତି ଦିନ ସକାଳୁ ସନ୍ଧ୍ୟା ଲୋକଙ୍କ ଦୁଆର ମୁହଁରେ ଯାଉଛି ବୋଲି କହିଛନ୍ତି।

# ପିଏମ୍ କିଷାନ ଯୋଜନାର ୨୩ତମ କିସ୍ତି ପ୍ରଦାନ ଉତ୍ସବ





କୋରାପୁଟ, ୨୦।୬(ସମିସ)

ସଂସ୍କୃତି ଭବନଠାରେ ପିଏମ କିଷାନ ଉତ୍ସବ ପାଳିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୭୧୩୯୧ ଚାଷୀଙ୍କୁ ପିଏମ କିଷାନ ସମ୍ମାନ ନିଧି ଯୋଜନାର ୨୩ତମ କିସ୍ତିରେ ୧୪କୋଟି ୨୭ ଲକ୍ଷ ୮୨ ହଜାର ଟଙ୍କା ଡିବିଟି ମାଧ୍ୟମରେ ପୈଠ କରାଯାଇଛି। କୋରାପୁଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ରଘୁରାମ ମାଛ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ ଏଲ୍ଇଡି ସ୍କ୍ରିନ୍‌ରେ କରାଯାଇଥିଲା। ମୁଖ୍ୟଅତିଥି କେନ୍ଦ୍ର ସରକାରଙ୍କ ୨ ବର୍ଷର ଚାଷୀ କଲ୍ୟାଣ ଉପଲବ୍ଧି ଏବଂ କୋରାପୁଟରେ କଫି ଓ ଜୈବିକ କୃଷିର ସମ୍ଭାବନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର, କୋରାପୁଟ କୃଷି ଜିଲ୍ଲା ଅଧିକାରୀ ହେମନ୍ତ କୁମାର ପଢ଼ିହାରୀ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଏବଂ ପ୍ରାୟ ୧୦୦ ଜଣ ଚାଷୀ ଉପସ୍ଥିତ ଥିଲେ।

**ରାୟଗଡ଼:** ରାୟଗଡ଼ ଜିଲ୍ଲାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏହେସନ ଶେଖଙ୍କ ଅଧ୍ୟକ୍ଷତାରେ ଏକ ବିଶେଷ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। ବର୍ଷକୁ ୩ଟି କିସ୍ତିରେ ୨ ହଜାର ଟଙ୍କା ଲେଖାଁଏ ୬ହଜାର ଟଙ୍କା ପ୍ରତି ୪ ମାସ ବ୍ୟବଧାନରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୦୦ଜଣ ପିଏମ କିସାନ ହିତାଧିକାରୀମାନେ ଅଂଶଗ୍ରହଣ କରିଥିବା ବେଳେ ଉପକୃତ ହୋଇଛନ୍ତି। ଜିଲ୍ଲାର ସର୍ବମୋଟ ୪୯୪୪୩ଜଣ ପିଏମ କିସାନ ହିତାଧିକାରୀଙ୍କୁ ଆଜି ପିଏମ କିସାନ ସମ୍ମାନ ନିଧିର ୨୩ତମ କିସ୍ତି ୨ହଜାର ଟଙ୍କା ଲେଖାଁଏ ଡିବିଟି ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଛି। ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ବରିଷ୍ଠ ବୈଜ୍ଞାନିକ, ଏସିଏସଓ, ବିଏଓ, ଏଏଓ ଏବଂ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ବଣ୍ଟନ

ରାୟଗଡ଼, ୨୦।୬(ସମିସ): ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାୟଗଡ଼ ଜିଲ୍ଲା ସଦର ବ୍ଲକ ପରିସରରେ ଚାରିଦିନ ବ୍ୟାପୀ ଆୟୋଜିତ ହୋଇଛି ଅନେକ କାର୍ଯ୍ୟକ୍ରମ। ଚତୁର୍ଥ ଦିବସରେ ବିଭିନାଣିଭାଗ ତରଫରୁ ସରକାରୀ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଲା ମିଣିୟାକା, ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ହେପ୍ପୁକା, ପୂର୍ବତନ ଜିଲ୍ଲା ସଭାପତି ଶିବ ପଟ୍ଟନାୟକ, ବିଡ଼ିଓ ସୁଜିତ୍ କୁମାର ମିଶ୍ର, ଏବିଡ଼ିଓ କାଳୁଚରଣ ନାୟକ, ଜେମାଦେଇପେଣ୍ଠ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବି ସନ୍ତୋଷ କୁମାର, ସିଡ଼ିପିଓ ପାନମଣି ହାଁସଦା, ପ୍ରାଣୀ ସମ୍ପଦ ଅଧିକାରୀ ସୁବ୍ରତ ଦାସ, ସହକାରୀ ଶ୍ରମ ଅଧିକାରୀ ନିରଞ୍ଜନ ଭୂୟାଁ, ଅତିରିକ୍ତ ତହସିଲଦାର ଦେବାଶିଷ ବିଶ୍ୱାସ, ସମିତି ସଭ୍ୟ, ସଭ୍ୟା, ସରପଞ୍ଚ ନିର୍ବାଚିତ ପ୍ରତିନିଧି, ବିଭିନ୍ନ ବିଭାଗୀୟ ହିତାଧିକାରୀ ଉପସ୍ଥିତ ଥିଲେ। ସରକାରଙ୍କ ଦ୍ୱାରା ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ବଣ୍ଟନ କରାଯାଇଥିଲା। ଯୋଗାଣ ବିଭାଗ ତରଫରୁ ୩୯ ଜଣଙ୍କୁ ଅନ୍ତୋଦୟ ଅନ୍ନ ଯୋଜନାରେ ନୂତନ ପଡ଼ି କାର୍ଡ ବଣ୍ଟନ କରାଯାଇଥିଲା। ପିପଲଗୁଡ଼ାର ଜଣେ ଲକ୍ଷପତି ଦିଦିଙ୍କୁ ଏକ ଲକ୍ଷ ଟଙ୍କାର ଛେଳି ଚାଷ ପାଇଁ ଋଣ, ଚାରିଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୭ ଲକ୍ଷ ଟଙ୍କାର ସ୍ୱାବଲମ୍ବୀ ଋଣ ପ୍ରଦାନ କରାଯାଇଥିଲା। ୭୦ ବର୍ଷରୁ ଅଧିକ ତିନିଜଣଙ୍କୁ ବୟୋ ବନ୍ଦନା କାର୍ଡ, ତିନି ଜଣଙ୍କୁ ପିଏମ୍ ଜନ ଆରୋଗ୍ୟ ଯୋଜନା କାର୍ଡ, ଜନ ସୁରକ୍ଷା ଯୋଜନାରେ ତିନିଜଣଙ୍କୁ, ଏବଂ ତିନି ଜଣଙ୍କୁ ଯକ୍ଷ୍ମା ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଥିଲା। ସେହିପରି ପ୍ରାଣୀସମ୍ପଦ ବିକାଶ ବିଭାଗ ତରଫରୁ ୧୧ ଜଣଙ୍କୁ କୁକୁଡ଼ା ପାଳନ, ଛେଳି ଓ ଗୋପାଳନ ଆଦି ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଗାନ୍ଧୀନଗର ଉଚ୍ଚ ବିଦ୍ୟାଳୟର ଶିକ୍ଷାର୍ଥୀ ପ୍ରାରମ୍ଭିକ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ନିଳାଞ୍ଚଳ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ଏବଂ ଏବିଡ଼ିଓ କାଳୀଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ ଅଧିକାରୀ ରାଜକିଶୋର ଦାଶ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଲାଇଭ ଟେଲିକାଷ୍ଟ କାର୍ଯ୍ୟକ୍ରମର ଦେଖିଥିଲେ।



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୩୫ ● ପାଉଣ୍ଡ ୧୨୬.୦୩
- ୟୁରୋ ୧୦୯.୦୫ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୩,୭୦୦ (ଭୁବନେଶ୍ୱର)
- ରୁପା : ୨,୫୫,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୮୦୨.୦୦
- ନିଫ୍ଟି ୨୪,୦୧୩.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ୧୬ଟି ଏଫ୍‌ଡିସି ଔଷଧ ଉତ୍ପାଦନ, ବିକ୍ରି ନିଷେଧ

## ତାଲିକାରେ କିଛି ଆଣ୍ଟିବାୟୋଟିକ୍ସ ଓ ମଧୁମେହ ଔଷଧ ସାମିଲ



**କିଛି ତତ୍ତ୍ୱକୁ ଏକ ସଙ୍ଗେ ଦିଆଯାଉଥିବାର ଲାଭ ମିଳୁ ନ ଥିବା ଅଭିଯୋଗ**

ନୂଆଦିଲ୍ଲୀ,୨୦।୬(ଏଜେନ୍ସି): କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଶନିବାର ତୁରନ୍ତ ପ୍ରଭାବ ସ୍ୱରୂପ ୧୬ଟି ସ୍ଥିର ଡୋଜ୍ ମିଶ୍ରଣ କିମ୍ବା ଫିକ୍ସଡ ଡୋଜ୍ କମ୍ବିନେସନ୍ (ଏଫ୍‌ଡିସି)ର ଉତ୍ପାଦନ, ବିକ୍ରି ଏବଂ ବଣ୍ଟନକୁ ନିଷେଧ କରିଛି। କାରଣ ଏହି ଔଷଧଗୁଡିକର ବ୍ୟବହାରର ସମ୍ଭାବ୍ୟ ଲାଭ ସମ୍ଭାବ୍ୟ ବିପଦ ଅପେକ୍ଷା ଅଧିକ ନୁହେଁ। ବୈଜ୍ଞାନିକ ମୂଲ୍ୟାଙ୍କନ ଏବଂ ଏକ ବିଶେଷଜ୍ଞ କମିଟିର ସୁପାରିଶ ଆଧାରରେ ୧୬ ଟି ଏଫ୍‌ଡିସି ଔଷଧ ବିରୁଦ୍ଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ମନ୍ତ୍ରାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି। ନିଷିଦ୍ଧ ଏଫ୍‌ଡିସି ଔଷଧଗୁଡିକ ବିଭିନ୍ନ ଚିକିତ୍ସା ବର୍ଗର। ଏଥିରେ କିଛି ଚର୍ମ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ, ଯନ୍ତ୍ରଣା ନିବାରକ ଏବଂ ଆଣ୍ଟିକନଭାଲସାଣ୍ଟ ଏବଂ ଆଣ୍ଟିବାୟୋଟିକ୍-ଆଧାରିତ ଏବଂ ମଧୁମେହ ଔଷଧ ଅନ୍ତର୍ଭୁକ୍ତ। ଏହି ପଦକ୍ଷେପ ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଆଇନ, ୧୯୪୦ର ଧାରା ୨୬ଏ ଅଧୀନରେ ସୂଚିତ କରାଯାଇଛି।

ଉପରୋକ୍ତ ନିଷ୍ପତ୍ତି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ନିଆଯାଇଛି, ଯେଉଁଥିରେ ଦେଶରେ ଉପଲବ୍ଧ ସ୍ଥିର ଡୋଜ୍ ମିଶ୍ରଣ ଔଷଧର ସମୀକ୍ଷା କରିବାକୁ କୁହାଯାଇଥିଲା। ଏହି ନିର୍ଦ୍ଦେଶଗୁଡିକ ପାଳନ କରି, ଔଷଧ ବୈଷୟିକ ପରାମର୍ଶଦାତା ବୋର୍ଡ (ଡିଟିଏବି) ଏକ ବିଶେଷଜ୍ଞ କମିଟି ଗଠନ କରିଛି। କମିଟିର ଉଦ୍ଦେଶ୍ୟ ଥିଲା ବିଭିନ୍ନ ଏଫ୍‌ଡିସି ଔଷଧ ଯାଞ୍ଚ କରିବା ଏବଂ ସେଗୁଡ଼ିକୁ ଚିହ୍ନଟ କରିବା ଯାହା ଅବୈଜ୍ଞାନିକ, ଚିକିତ୍ସା ଦୃଷ୍ଟିରୁ ଅନୁଚିତ କିମ୍ବା ମାନବ ସ୍ୱାସ୍ଥ୍ୟ ପାଇଁ ସମ୍ଭାବ୍ୟ ବିପଦଜନକ ହୋଇପାରେ। ମନ୍ତ୍ରାଳୟ କହିଛି ଯେ ଏହି ପଦକ୍ଷେପ କେବଳ ନିରାପଦ, ପ୍ରଭାବଶାଳୀ ଏବଂ ବୈଜ୍ଞାନିକ ଭାବରେ ପ୍ରମାଣିତ ଔଷଧ ଜନସାଧାରଣଙ୍କ ପାଖରେ ପହଞ୍ଚିବା ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ଜାରି ପ୍ରୟାସର ଏକ ଅଂଶ। ପୂର୍ବରୁ, ବିସ୍ତୃତ ବୈଜ୍ଞାନିକ ସମୀକ୍ଷା ପରେ ଅନେକ ଏଫ୍‌ଡିସି ଔଷଧକୁ ନିଷିଦ୍ଧ କରାଯାଇଛି। ଏହା ରୋଗୀ ସୁରକ୍ଷା ଏବଂ ପ୍ରମାଣ-ଆଧାରିତ ସ୍ୱାସ୍ଥ୍ୟସେବା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ବିବୃତ୍ତିରେ କୁହାଯାଇଛି ଯେ ୧୬ଟି ଏଫ୍‌ଡିସି ଔଷଧର ଉତ୍ପାଦନ (ବିକ୍ରି ପାଇଁ), ବିକ୍ରୟ, ବଣ୍ଟନ ଏବଂ ଯୋଗାଣ ତୁରନ୍ତ ପ୍ରଭାବରୁ ସାରା ଦେଶରେ ନିଷିଦ୍ଧ କରାଯିବ। ସମସ୍ତ ରାଜ୍ୟ ଔଷଧ ନିୟନ୍ତ୍ରକ, ନିୟାମକ କର୍ତ୍ତୃପକ୍ଷ ଏବଂ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକୁ ବିଜ୍ଞପ୍ତିର କଠୋର ଅନୁପାଳନ ଏବଂ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରାଳୟ ଔଷଧ ନିର୍ମାତା, ଆମଦାନୀକାରୀ, ବିତରକ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଆଇନର ବ୍ୟବସ୍ଥା ସହିତ ଅନୁପାଳନ ସୁନିଶ୍ଚିତ କରିବା ଏବଂ ଆବଶ୍ୟକ ସଂଶୋଧନମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛି।

### ପ୍ରତିରକ୍ଷା ଉତ୍ପାଦନରେ ରେକର୍ଡ

## ଚଳିତ ଆର୍ଥିକ ବର୍ଷ ୧.୭୮ ଲକ୍ଷ କୋଟି ଛୁଇଁଲା

ନୂଆଦିଲ୍ଲୀ,୨୦।୬(ଏଜେନ୍ସି): ପ୍ରତିରକ୍ଷା କ୍ଷେତ୍ରରେ ଦଶକୁ ମିଳିଛି ଏକ ବଡ଼ ସଫଳତା। ଆର୍ଥିକବର୍ଷ ୨୦୨୫-୨୬ରେ ପ୍ରତିରକ୍ଷା ଉତ୍ପାଦନ ୧.୭୮ ଲକ୍ଷ କୋଟି ଟଙ୍କାର ରେକର୍ଡ ସ୍ତରରେ ପହଞ୍ଚିଛି। ଏହା ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ଉତ୍ପାଦନ ବୋଲି କୁହାଯାଉଛି। ଚଳିତ ଆର୍ଥିକ ବର୍ଷ (୨୦୨୫-୨୬)ରେ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଏକ ନୂତନ ଇତିହାସ ସୃଷ୍ଟି କରିଛି। ସରକାରଙ୍କ ତଥ୍ୟ ଅନୁଯାୟୀ, ଗତ ଆର୍ଥିକ ବର୍ଷ (୨୦୨୪-୨୫) ତୁଳନାରେ ଏହି ବର୍ଷ ପ୍ରତିରକ୍ଷା ଉତ୍ପାଦନରେ ୧୫.୬ ପ୍ରତିଶତ ବୃଦ୍ଧି ଘଟିଛି। ଗତ ବର୍ଷ ଏହି ପରିମାଣ ୧.୫୪ ଲକ୍ଷ କୋଟି ଟଙ୍କା ଥିଲା। ଅନ୍ୟପକ୍ଷରେ, ୨୦୨୦-୨୧ ମସିହା ତୁଳନାରେ ଦେଖିଲେ, ଏହି କ୍ଷେତ୍ରରେ ୧୧୦ ପ୍ରତିଶତ ବୃଦ୍ଧି ହୋଇଛି। ସେତେବେଳେ ଉତ୍ପାଦନ କେବଳ ୮୪,୬୪୩ କୋଟି ଟଙ୍କା ଥିଲା। ଯଦି ଆମେ ୨୦୧୩-୧୪ ସହ ତୁଳନା କଲେ ଏହା ଚାରି ଗୁଣ ବୃଦ୍ଧି ପାଇଛି (ସେତେବେଳେ ଉତ୍ପାଦନ ଥିଲା ୪୩,୭୪୬ କୋଟି ଟଙ୍କା)। ବେସରକାରୀ



କ୍ଷେତ୍ରର ବର୍ଦ୍ଧିତ ଯୋଗଦାନ ଯୋଗୁ ଏହା ସମ୍ଭବ ହୋଇପାରିଛି। ମୋଟ ପ୍ରତିରକ୍ଷା ଉତ୍ପାଦନରେ ସରକାରୀ କମ୍ପାନୀଗୁଡ଼ିକର ଭାଗ ୭୬ ପ୍ରତିଶତ ରହିଥିବାବେଳେ ବେସରକାରୀ କ୍ଷେତ୍ରର ଭାଗ ୨୪ ପ୍ରତିଶତ (ଗତ ବର୍ଷ ୨୨ ପ୍ରତିଶତ ଥିଲା) ବଢ଼ିଛି। ସରକାରୀ କ୍ଷେତ୍ର ଚଳିତ ବର୍ଷ ପ୍ରାୟ ୪୨,୦୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରିଛି, ଯାହା ଏପର୍ଯ୍ୟନ୍ତର ସର୍ବାଧିକ। ଡାଟା ପ୍ୟାଟର୍ନ, ଆଷ୍ଟ୍ରା ମାଇକ୍ରୋୱେଭ ଏବଂ ଆପୋଲୋ ମାଇକ୍ରୋ ସିଷ୍ଟମ୍ସ ଭଳି କମ୍ପାନୀଗୁଡ଼ିକ ରାଡାର, ସେନ୍ସର ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସିଷ୍ଟମରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି।

**ଇ-୨୦ ପେଟ୍ରୋଲ**

# ତେଲ ଟାଙ୍କିରେ ଲାଗୁଛି ପିମ୍ପୁଡ଼ି

ନୂଆଦିଲ୍ଲୀ,୨୦।୬(ଏଜେନ୍ସି): ନିକଟରେ ଏକ ଭିଡିଓ ଏବଂ ପୋଷ୍ଟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାଇରାଲ ହେଉଛି ଯେଉଁଥିରେ ଗାଡିର ତେଲ ଟାଙ୍କି ଚାବି ଚାରିପାଖରେ ପିମ୍ପୁଡ଼ି ଏକାଠି ହେଉଥିବାର ଦେଖାଯାଉଛି। ଅନ୍‌ଲାଇନରେ ଲୋକମାନେ ଏହାକୁ ସିଧାସଳଖ ଇ-୨୦ ପେଟ୍ରୋଲ (୨୦% ଇଥାନଲ୍ ସହିତ ପେଟ୍ରୋଲ) ସହ ଲିଙ୍କ୍ କରୁଛନ୍ତି। ଏଥିରେ ଦାବି କରାଯାଉଛି ଯେ ଇଥାନଲ୍ ଆଖୁରୁ ତିଆରି ହୋଇଥିବାରୁ ଏହି ତେଲରେ ଚିନି ଭାଗ ରହୁଥିବାରୁ ଏହା ପିମ୍ପୁଡ଼ିମାନଙ୍କୁ ଆକର୍ଷିତ କରୁଛି। ହେଲେ ତୈଳ ବିପଣନକାରୀ କମ୍ପାନୀ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ୍) ଏଭଳି ଅଭିଯୋଗକୁ ଖଣ୍ଡନ କରିଛି। କମ୍ପାନୀ ସମ୍ପୂର୍ଣ୍ଣ ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରିଛି ଏବଂ ଏ ନେଇ ଏକ ସ୍ପଷ୍ଟୀକରଣ ଜାରି କରିଛି।

ବିପିସିଏଲ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ (ପୂର୍ବରୁ ଟ୍ୱିଟର ଭାବରେ ଜଣାଶୁଣା) ରେ ପୋଷ୍ଟ କରି ଏକ

**ତେଲରେ ରହୁଛି ଚିନି ଭାଗ**

**ଅଭିଯୋଗକୁ ବିପିସିଏଲ୍‌ର ଖଣ୍ଡନ**

ସ୍ପଷ୍ଟୀକରଣ ଜାରି କରିଛି। କମ୍ପାନୀ ସୋସିଆଲ ମିଡିଆରେ ପ୍ରସାରିତ ସମସ୍ତ ରିପୋର୍ଟର ତଦନ୍ତ କରିଛି ଏବଂ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭ୍ରାମକ, ଭିତ୍ତିହୀନ ଏବଂ ବୈଜ୍ଞାନିକ ପ୍ରମାଣ ବିହୀନ ବର୍ଣ୍ଣନା କରିଛି। କମ୍ପାନୀ ଏଥିପାଇଁ ଅନେକ ଦୃଢ଼ ବୈଜ୍ଞାନିକ କାରଣ ପ୍ରଦାନ କରିଛି। କମ୍ପାନୀ କହିବାନୁଯାୟୀ, ପେଟ୍ରୋଲରେ 20% ଇଥାନଲ ମିଶାଗଲେ ମଧ୍ୟ, ପେଟ୍ରୋଲ ଏହାର ପ୍ରାକୃତିକ ହାଇଡ୍ରୋକାର୍ବନ ଗନ୍ଧ (ପେଟ୍ରୋଲର ତୀବ୍ର ଗନ୍ଧ) ବଜାୟ ରଖେ। ଇଥାନଲର ମୃଦୁ ଗନ୍ଧ ଏହି ତୀବ୍ର ଗନ୍ଧ ଦ୍ୱାରା ଛାଇ ହୋଇଯାଏ। ପିମ୍ପୁଡ଼ିମାନେ ପେଟ୍ରୋଲର ଏହି ଗନ୍ଧକୁ ଆଦୌ ନାପସନ୍ଦ କରନ୍ତି। ବିପିସିଏଲ୍ ସ୍ପଷ୍ଟ କରିଛି ଯେ ଇ-୨୦ ଇନ୍ଧନ ଏବଂ ପିମ୍ପୁଡ଼ି ଆକ୍ରମଣ ମଧ୍ୟରେ କୌଣସି ବୈଜ୍ଞାନିକ ସମ୍ପର୍କ ନାହିଁ। ପିମ୍ପୁଡ଼ିମାନେ ପ୍ରାୟତଃ ଗାଡ଼ିର ଇନ୍ଧନ କର୍ପୋରେସନ ପାଖରେ ଥିବା ମାଟି, ଢଳା ଖାଦ୍ୟ କିମ୍ବା ଆର୍ଦ୍ରତା ପ୍ରତି ଆକର୍ଷିତ ହୋଇପାରନ୍ତି, ଯାହାକୁ ଲୋକମାନେ ଭୁଲବଶତଃ ପେଟ୍ରୋଲ ସହିତ ଯୋଡୁଛନ୍ତି। ତେଣୁ, ଯାଞ୍ଚ ବିନା ସୋସିଆଲ ମିଡିଆରେ ସେୟାର କରାଯାଉଥିବା ଏପରି ଗୁଜବକୁ ଅଣଦେଖା କରିବାକୁ ଏଥିରେ କୁହାଯାଇଛି।

### ଅନ୍‌ଲାଇନରେ କିରାଣା ସାମଗ୍ରୀ ଅର୍ଡର ସମ୍ପର୍କିତ ସର୍ଭେ ରିପୋର୍ଟ

# ୪୮% ଗ୍ରାହକ ଦେଖନ୍ତିନାହିଁ 'ଏକ୍ସପାଇରି'

ନୂଆଦିଲ୍ଲୀ,୨୦।୬(ଏଜେନ୍ସି):ଘରେ ବସି ଅନ୍‌ଲାଇନରେ କିରାଣା ସାମଗ୍ରୀ ଅର୍ଡର କରୁଥିଲେ ସାବଧାନ!। ଅନ୍‌ଲାଇନରେ ଅର୍ଡର କରାଯାଉଥିବା କିରାଣା ସାମଗ୍ରୀ ସ୍ୱାସ୍ଥ୍ୟ ପାଇଁ କେତେ ଭଲ? ସୁବିଧାର ଆଳରେ ଗ୍ରାହକ ଖରାପ ହେବାକୁ ଯାଉଥିବା ପ୍ୟାକେଜଡ ଖାଦ୍ୟ ପାଉଛନ୍ତି ତ ? ତାହାକୁ ନେଇ ଲୋକେଲ୍ ସର୍କଲ୍ସ ଦ୍ୱାରା କରାଯାଇଥିବା ସର୍ଭେରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ମିଳିଛି। କାରଣ ଦେଶର ବଡ଼ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମଗୁଡ଼ିକ ସମ୍ପ୍ରତି ଏଫ୍‌ଏସ୍‌ଏସ୍‌ଆଇ ମାନକ ପୂରଣ କରିବାରେ ଫେଲ୍। ବ୍ଲିଙ୍କିଟ୍, ଜେପ୍ଟୋ ଏବଂ ସ୍ୱିଗି ଇନଷ୍ଟାମାର୍ଟ ଭଳି ୮ଟି ଆପ୍ ମଧ୍ୟରୁ ୫ଟି ଏ କ୍ଷେତ୍ରରେ ଏଫ୍‌ଏସ୍‌ଏସ୍‌ଆଇ ନିୟମ ଉଲ୍ଲଂଘନ କରୁଥିବା ଜଣାପଡିଛି। ସର୍ଭେ ଅନୁଯାୟୀ, ୪୮% ଗ୍ରାହକ 'ଏକ୍ସପାଇରି'ଦେଖନ୍ତିନାହିଁ। ବ୍ଲିଙ୍କିଟ୍, ଜେପ୍ଟୋ ଏବଂ ସ୍ୱିଗି ଇନଷ୍ଟାମାର୍ଟ ଭଳି ଆଠଟି ଆପ୍ ମଧ୍ୟରୁ ପାଞ୍ଚଟି ଏଫ୍‌ଏସ୍‌ଏସ୍‌ଆଇ ନିୟମ ଉଲ୍ଲଂଘନ କରୁଛନ୍ତି।




ରିପୋର୍ଟରେ ପ୍ରକାଶିତ ଆହୁରି ଚିନ୍ତାଜନକ କଥା ହେଉଛି ଯେ ଦେଶର ୮ଟି ବୃହତ୍ତମ ଅନଲାଇନ୍ ଗ୍ରୋସରୀ ପ୍ଲାଟଫର୍ମ ମଧ୍ୟରୁ ୫ଟି ଖୋଲାଖୋଲି ଭାବରେ ଭାରତୀୟ ଖାଦ୍ୟ ସୁରକ୍ଷା ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଆଇ) ଏବଂ ଆଇନଗତ ମେଟ୍ରୋଲୋଜିର କଠୋର ନିୟମକୁ ଉଲ୍ଲଂଘନ କରୁଛନ୍ତି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ସମ୍ପ୍ରତି ଅନଲାଇନରେ ବିକ୍ରି ହେଉଥିବା ଖାଦ୍ୟ ଉତ୍ପାଦଗୁଡ଼ିକର ଏକ ଅଡିଟ୍ କରିଛି। ଏଥିରେ ଅଧିକାଂଶ ପ୍ୟାକେଜ୍ ହୋଇଥିବା ଖାଦ୍ୟ ଉତ୍ପାଦରେ ମିଆଦ ଶେଷ ହେବା କିମ୍ବା ସର୍ବୋତ୍ତମ ତାରିଖ ଦେଖାଯାଉନାହିଁ। ଏହି ସମସ୍ୟା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିୟାମକ ଅନେକ ପଦକ୍ଷେପ ନେଉଛି। ସର୍ଭେରୁ ଜଣାପଡିଛି ଯେ ଅନଲାଇନରେ କିଣା କିଣି କରୁଥିବା ୪୮% ଭାରତୀୟ ଗ୍ରାହକ କହିଛନ୍ତି ଯେ ସେମାନେ ଏହି ପ୍ଲାଟଫର୍ମରେ ଉତ୍ପାଦଗୁଡ଼ିକରେ ଏକ୍ସପାଇରି ତାରିଖ୍ ଦେଖନ୍ତି ନାହିଁ। ସର୍ଭେ ଅନୁଯାୟୀ, ଗତ କିଛି ବର୍ଷ ତୁଳନାରେ ଅନଲାଇନ୍ କିରାଣା ପ୍ଲାଟଫର୍ମରେ ଏକ୍ସପାଇତି ତାରିଖ ପ୍ରଦର୍ଶନରେ ବହୁତ କମ୍ ଉନ୍ନତି ହୋଇଛି। ସର୍ଭେ କରାଯାଇଥିବା ଦୁଇ ଜଣ ଗ୍ରାହକଙ୍କ ମଧ୍ୟରୁ ଜଣେ ଗାହକ ଏହି ଏକ୍ସପାଇରି ତାରିଖଗୁଡ଼ିକୁ ପାଆନ୍ତିନାହିଁ। ଏହି ନିୟମଗୁଡ଼ିକୁ ଅନୁପାଳନ କରୁ ନ ଥିବା ଅନଲାଇନ୍ ପ୍ଲାଟଫର୍ମଙ୍କ ସଂଖ୍ୟା ୨୦୨୪ ରେ ୫୭ ପ୍ରତିଶତରୁ ହ୍ରାସ ପାଇ ବର୍ତ୍ତମାନ ୪୮ ପ୍ରତିଶତକୁ ହ୍ରାସ ପାଇଛି।

# ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମ୍‌ର ବେଦକଳା ପଦକ୍ଷେପ

ଭୁବନେଶ୍ୱର, ୨୦।୬(ସମିସ): ବେଦାନ୍ତ ଆଲୁମିନିୟମର ବେଦକଳା ପ୍ରକଳ୍ପ ସହିତ ଜଡିତ ଅନେକ ମହିଳା ହିତାଧିକାରୀ ଝାରସୁଗୁଡାରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଆଉଟରିଚ୍ ପ୍ରୋଗ୍ରାମରେ ଅଂଶଗ୍ରହଣ କରିଥିଲେ, ଯେଉଁଠାରେ ସେମାନେ ହସ୍ତଶିଳ୍ପ ସୌରା କଳା, ବାଉଁଶ ହସ୍ତଶିଳ୍ପ ଏବଂ ସବାଇ ଘାସ ଉତ୍ପାଦର ବିବିଧ ପରିସର ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀ ଗ୍ରାମୀଣ ମହିଳା କାରିଗରମାନଙ୍କୁ ସେମାନଙ୍କର ଉତ୍ପାଦର ପ୍ରଚାର,ବଜାର ପ୍ରବେଶ ବିସ୍ତାର ଏବଂ ପାରମ୍ପରିକ ହସ୍ତଶିଳ୍ପ



ମାଧ୍ୟମରେ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବାରେ ବେଦକଳା ପଦକ୍ଷେପ ଦ୍ୱାରା ହାସଲ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପ୍ରଦର୍ଶନ କରିବା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଥିଲା। ପ୍ରଦର୍ଶନୀଟି ଅନେକ ବିଶିଷ୍ଟ ପରିଦର୍ଶକଙ୍କୁ ଆକର୍ଷିତ କରିଥିଲା, ଯେଉଁଥିରେ କୁନାଲ ମୋତିରାମ ଚଭନ, ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ କଲେକ୍ଟର, ଝାରସୁଗୁଡା; ଟଙ୍କଧର ତ୍ରିପାଠୀ, ମାନ୍ୟବର ବିଧାୟକ, ଝାରସୁଗୁଡା; ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟିର ପ୍ରତିନିଧି ଏବଂ ଅନ୍ୟାନ୍ୟ ସରକାରୀ ଅଧିକାରୀ ସାମିଲ ଥିଲେ। ବିଶିଷ୍ଟ ବ୍ୟକ୍ତିମାନେ କାରିଗରମାନଙ୍କ ସହିତ ଆଲୋଚନା କରିଥିଲେ, ପ୍ରଦର୍ଶିତ ଉତ୍ପାଦଗୁଡ଼ିକର ଗୁଣବତ୍ତା ଏବଂ କାରିଗରିର ପ୍ରଶଂସା କରିଥିଲେ ଏବଂ ବେଦାନ୍ତ ଦ୍ୱାରା ସ୍ୱଦେଶୀ କଳାର ସଂରକ୍ଷଣ ଏବଂ ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ସୁଦୃଢ଼ କରିବା ପାଇଁ କରାଯାଉଥିବା ପ୍ରୟାସକୁ ପ୍ରଶଂସା କରିଥିବା ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି।

### ଜମିଜମା ବିବାଦର ସ୍ଥାୟୀ ସମାଧାନ ପାଇଁ 'ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ'

# ଦେଶର ପ୍ରଥମ ଏଆଇ-ଆଧାରିତ ପ୍ଲାଟଫର୍ମ

ଭୁବନେଶ୍ୱର,୨୦।୬(ସମିସ): ଜମିଜମା ସମ୍ପର୍କିତ ସମସ୍ତ କାଗଜପତ୍ର ଏବଂ ଆଇନଗତ ପ୍ରକ୍ରିୟାକୁ ସରଳ ତଥା ସୁରକ୍ଷିତ କରିବା ଉଦ୍ଦେଶ୍ୟରେ 'ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ' (ଦଲ୍ୟାଣ୍ଡବ୍ୟାଙ୍କର୍ସଡଟ୍‌କମ୍) ନାମରେ ଏକ ଏହି ଅଭିନବ ଏଆଇ ପ୍ଲାଟଫର୍ମର ଶୁଭାରମ୍ଭ କରାଯାଇଛି, ଯାହା ସମଗ୍ର ଦେଶରେ ପ୍ରଥମ। ଭାରତରେ ଜମିର କ୍ରୟ-ବିକ୍ରୟ ଏକ ବଡ଼ ସମସ୍ୟା। ଅସ୍ପଷ୍ଟ ଦସ୍ତାବିଜ୍ ବା କାଗଜପତ୍ର, ଭୁଲ୍ ରେକର୍ଡ, ଏବଂ ଜବରଦଖଲ ପରି ସମସ୍ୟା ପାଇଁ ଜମି କିଣାବିକା ବହୁମାତ୍ରାରେ ବାଧାପ୍ରାପ୍ତ ହେଉଛି ଏପରିକି ଜମି କିଣାବିକା ବ୍ୟବସାୟ ମଧ୍ୟ ମନ୍ଥର। ଜମିର ଆଇନଗତ ଅସ୍ୱଚ୍ଛତା କାରଣରୁ ନିବେଶକମାନେ ପୁଞ୍ଜି ବିନିଯୋଗ ପାଇଁ ଭୟ କରୁଥିବା ବେଳେ, ପିଢ଼ି ପରେ ପିଢ଼ି ଲାଗି ରହୁଥିବା ବିବାଦ ସାଧାରଣ ଲୋକଙ୍କ ମାନସିକ ଶାନ୍ତି ଛଡ଼ାଇ ନେଉଛି। ଏହି ସବୁ ସମସ୍ୟାର ଅନ୍ତ ଘଟାଇବା ପାଇଁ 'ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ' ଟେକ୍ନୋଲୋଜିର ସାହାରା ନେଇଛି। ଏହି ପ୍ଲାଟଫର୍ମ ଜରିଆରେ ଜମିର ପ୍ରକୃତ ସ୍ଥିତି ଯାଞ୍ଚ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ମାଧ୍ୟମରେ ଆପଣଙ୍କ ଜମିର କାଗଜପତ୍ର ଅନୁଶୀଳନ ଓ ତଦାରଖ, ଜମିର ସଠିକ୍ ମୂଲ୍ୟାୟନ, ଏବଂ ଆଇନଗତ ବିବାଦର ସମାଧାନ ପାଇଁ ବିଶେଷଜ୍ଞଙ୍କ ସହାୟତା ମିଳିପାରିବ। ଗୋଟିଏ କ୍ଲିକ୍‌ରେ ସରକାରୀ ରେକର୍ଡର ସ୍ୱଚ୍ଛ ଚିତ୍ର ଏବେ ଲୋକଙ୍କ ପାଖରେ ଉପଲବ୍ଧ ହେବ ବୋଲି 'ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ'ର ପ୍ରତିଷ୍ଠାତା ଅମରେନ୍ଦ୍ର ସାହୁ କହିଛନ୍ତି।


ଅମରେନ୍ଦ୍ରଙ୍କ ସହିତ ଏହି ପ୍ରକଳ୍ପରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ମୁଖ୍ୟ ଭାବେ ବିକାଶ ପାତ୍ର ଏବଂ ୟୁଆଇ/ୟୁଏକ୍ସ ବିଶେଷଜ୍ଞ ଭାବେ ଶାନାଭାସ ବାଇଜୁଙ୍କ ଭଳି ଅଭିଜ୍ଞ ଟିମ୍ ସଦସ୍ୟମାନେ କାର୍ଯ୍ୟ କରୁଛନ୍ତି।

### ସମ୍ପୂର୍ଣ୍ଣ ହେବାକୁ ଯାଉଛି କମ୍ପାନୀର ଦୈନନ୍ଦିନ ପରିଚାଳନାର ପିଢ଼ିଗତ ହସ୍ତାନ୍ତର

# ରିଲାଏନ୍ସରେ ଆକାର ନେଉଛି ଉତ୍ତରାଧିକାର

ମୁମ୍ବଇ, ୨୦।୬(ଏଜେନ୍ସି): ଦେଶର ସର୍ବବୃହତ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଭବିଷ୍ୟତ ନେତୃତ୍ୱ ଢାଞ୍ଚା ଏବେ ସ୍ପଷ୍ଟ ଭାବରେ ଆକାର ଧାରଣ କରୁଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ୪୯ତମ ବାର୍ଷିକ ସାଧାରଣ ସଭା (ଏଜିଏମ) ରେ, ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଘୋଷଣା କରିଛନ୍ତି ଯେ, କମ୍ପାନୀର ଦୈନନ୍ଦିନ ପରିଚାଳନାର ପିଢ଼ିଗତ ହସ୍ତାନ୍ତର ପ୍ରାୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ମୁକେଶ ଅମ୍ବାନୀ କହିଛନ୍ତି ଯେ ଇଶା, ଆକାଶ ଏବଂ ଅନନ୍ତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବୋର୍ଡରେ ତିନି ବର୍ଷ ପୂରଣ କରିଛନ୍ତି। ସେ ସୂଚନା ଦେଇଛନ୍ତି ଯେ ଇଶା ଗ୍ରାହକ ବା କଞ୍ଜୁମର ବ୍ୟବସାୟର ନେତୃତ୍ୱ ନେଉଛନ୍ତି, ଆକାଶ ପ୍ରଯୁକ୍ତି ବା ଟେକ୍ନୋଲୋଜି ବ୍ୟବସାୟର ନେତୃତ୍ୱ ନେଉଛନ୍ତି, ଏବଂ ଅନନ୍ତ ଶକ୍ତି ବା ଏନର୍ଜି ବ୍ୟବସାୟର ନେତୃତ୍ୱ







ନେଉଛନ୍ତି। ମୁକେଶ ଅମ୍ବାନୀ କହିଛନ୍ତି, "ଇଶା, ଆକାଶ ଏବଂ ଅନନ୍ତ ଭିନ୍ନ ଭିନ୍ନ ବ୍ୟବସାୟିକ କ୍ଷେତ୍ରର ନେତୃତ୍ୱ ନେଉଛନ୍ତି, କିନ୍ତୁ ସେମାନେ ରିଲାଏନ୍ସ ଇକୋସିଷ୍ଟମର ସାମଗ୍ରିକ ବିକାଶ ପାଇଁ ଏକତ୍ର କାମ କରୁଛନ୍ତି। ସେମାନେ ତିନୋଟି ଶରୀର, ଗୋଟିଏ ଆତ୍ମା। ସେମାନଙ୍କର ଆତ୍ମା ହେଉଛି ରିଲାଏନ୍ସ - ଏକକ, ଅବିଭାଜ୍ୟ ରିଲାଏନ୍ସ, ଆଜି ଏବଂ ସବୁଦିନ ପାଇଁ। ସଂସ୍ଥାଗତ ନିରନ୍ତରତା ସୁନିଶ୍ଚିତ କରିବା ପାଇଁ ରିଲାଏନ୍ସରେ ଏକ ‹୫-ଏସ› ଢାଞ୍ଚା କାର୍ଯ୍ୟକାରୀ କରାଯାଉଛି। ଏହି ୫-ଏସ ଢାଞ୍ଚାର ପ୍ରଥମ ଉପାଦାନ ହେଉଛି 'ଉତ୍ତରାଧିକାର। ଇଶା, ଆକାଶ ଏବଂ ଅନନ୍ତ ଏବେ ସେହି କାମ କରୁଛନ୍ତି ଯାହା ସେ ନିଜେ ୨୫ ବର୍ଷ ପୂର୍ବେ କରିଥିଲେ।


### ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଡିପ୍‌ଫେକ୍ ବ୍ୟବହାର କରି ଠକେଇ

# ଭିଡିଓ କେୱାଇସିରେ ଆକାଉଣ୍ଟରୁ ଅର୍ଥ ଚଲୁ

ନୂଆଦିଲ୍ଲୀ,୨୦।୬(ଏଜେନ୍ସି): ଭାରତରେ ଡିପଫେକ୍ ବିପଦ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମଡେଲ୍ ବଦଳରେ ଓପନ୍-ସୋର୍ସ ମଡେଲ୍ ଉପରେ ନିର୍ମିତ କଷ୍ଟମାଇଜ୍ଡ ଆପ୍ଲିକେସନ୍ ଏହି ଅଭିବୃଦ୍ଧିକୁ ଚାଳିତ କରୁଛି। ହେଲେ ଏଗୁଡ଼ିକ ଠକମାନଙ୍କୁ ବହୁତ କମ୍ ମୂଲ୍ୟରେ ଏବଂ ଅଧିକ ସୁଦୃଢ଼ ଏବଂ ସୁଦୃଢ଼ ପଦ୍ଧତି ସହିତ ଠକେଇ କରିବାକୁ ସକ୍ଷମ କରୁଛି। ଡିପଫେକ୍ ଏତେ ବାସ୍ତବବାଦୀ ହେଉଛି ଯେ ସେମାନଙ୍କୁ ପ୍ରକୃତ ଫଟୋ ଏବଂ ଭିଡିଓରୁ ପୃଥକ କରିବା କଷ୍ଟକର ହେଉଛି। ଏହା ଭୟ ସୃଷ୍ଟି କରିଛି ଯେ ଠକମାନେ ନକଲି ପରିଚୟ ବ୍ୟବହାର କରି ଲାଇଭ୍ ନୋ-ୟୋର-କଷ୍ଟମର (କେୱାଇସି) ଯାଞ୍ଚକୁ ହେରଫେର କରିପାରନ୍ତି ଏବଂ ପ୍ରତିରୂପଣକୁ ରୋକିବା ପାଇଁ ଡିଜାଇନ୍ କରାଯାଇଥିବା ସୁରକ୍ଷା ପ୍ରତିବନ୍ଧକଗୁଡ଼ିକୁ ଉଲ୍ଲଂଘନ କରିପାରନ୍ତି। ନାମ ଗୋପନ ରଖି ଏକ ଶିଳ୍ପ ସୂତ୍ର କହିଛନ୍ତି ଯେ ଏହି ବିପଦ ପୂର୍ବରୁ ବ୍ୟାଙ୍କିଙ୍ଗ୍, ଆର୍ଥିକ ସେବା ଏବଂ ବୀମା (ବିଏଫ୍‌ଏସ୍‌ଆଇ) କ୍ଷେତ୍ରରେ ପ୍ରବେଶ କରିସାରିଛି। ଲୋକେ ନକଲି ବ୍ୟାଙ୍କ

**କୋଟି କୋଟି ଟଙ୍କା ଲୁଟୁଛନ୍ତି ଠକ**

ଷ୍ଟେଟମେଣ୍ଟ ସୃଷ୍ଟି କରୁଛନ୍ତି ଏବଂ ଭିଡିଓ କେୱାଇସି ସମୟରେ ଡିପଫେକ୍ ସମସ୍ୟା ସୃଷ୍ଟି କରୁଥିବା ବ୍ୟକ୍ତି ଜଣକ କହିଛନ୍ତି। ଏପରି କିଛି ମାମଲା ଘଟିଛି ଯେଉଁଠାରେ ଏପରି ଆବେଦନଗୁଡ଼ିକୁ ପ୍ରକ୍ରିୟାକରଣ ଏବଂ ଅଣ୍ଡରରାଇଟ୍ କରାଯାଇଥିଲା, ଯାହା ଫଳରେ ଏକ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ



(ଏନ୍‌ବିଏଫ୍‌ସି) ରେ ୧୫-୨୦ କୋଟି ଟଙ୍କା ମୂଲ୍ୟର ଠକେଇ ହୋଇଥିଲା।

ଏଆଇ ମଡେଲର ଦ୍ରୁତ ବିକାଶ ଠକମାନଙ୍କ ପାଇଁ ବ୍ୟବସ୍ଥିତ ଠକେଇ କରିବା ସହଜ କରୁଛି, ଯେତେବେଳେ କି ଏହା ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରୁଛି। ଅଧିକାରୀମାନେ କହିଛନ୍ତି ଯେ ଏପରି ଠକେଇର ଫର୍ମାଟ ପ୍ରାୟତଃ ସମାନ। ଏହି ମଡେଲଗୁଡ଼ିକ ଉପରେ ଆଧାରିତ ସ୍ୱତନ୍ତ୍ର ଉପକରଣଗୁଡ଼ିକ ଟେଲିଗ୍ରାମ ଚ୍ୟାନେଲ ଏବଂ ଡାର୍କ-ୱେବ୍ ମାର୍କେଟପ୍ଲେସ୍ ମାଧ୍ୟମରେ ଉପଲବ୍ଧ କରାଯାଉଛି। ଏକ ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନକାରୀ ବ୍ୟୁରୋର ମୁଖ୍ୟ ପ୍ରଯୁକ୍ତିବିଦ୍ୟା ଅଧିକାରୀ (ସିଟିଓ) ସନ୍ଦେଶ ଜି,ସ୍ କହିଛନ୍ତି, ଚ୍ୟାଲେଞ୍ଜ ହେଉଛି ଠକମାନେ ମାନକ ମଡେଲ ବ୍ୟବହାର କରନ୍ତିନାହିଁ। ଫ୍ରଣ୍ଟିୟର୍ ମଡେଲଗୁଡ଼ିକୁ ତାଲିମ ଦେବା ପାଇଁ ଲକ୍ଷ ଲକ୍ଷ କୋଟି ଟୋକନ୍ ଆବଶ୍ୟକ ଏବଂ ଏହା ବହୁତ ଉନ୍ନତ। ଏହା ବଦଳରେ, ଠକମାନେ ଡିପଫେକ୍ ତିଆରି କରିବା ଏବଂ ଗେମିଂ କମ୍ପ୍ୟୁଟର ପରି ସ୍ଥାନୀୟ, ଗ୍ରାହକ ହାର୍ଡୱେର୍ ରେ ସେୟାର୍ କରିବା ପାଇଁ ଛୋଟ ମଡେଲ ବ୍ୟବହାର କରନ୍ତି। ଏହାର ମୂଲ୍ୟ କମ୍। ଏହି ମଡେଲଗୁଡ଼ିକ ଟେଲିଗ୍ରାମ ଚ୍ୟାନେଲ ଏବଂ ଅନ୍ୟ ଡାର୍କ ୱେବ୍ ପ୍ଲାଟଫର୍ମରେ ସେୟାର କରାଯାଏ।

## ସାକ୍ଷାତକାର

# ‘ନିଜକୁ ବଡ଼ ପରଦାରେ ଦେଖିବା ମୋର ଲକ୍ଷ୍ୟ’

**ପାୟେଲିଆ ରାଉତରାୟ, ଅଭିନେତ୍ରୀ**

**ମଞ୍ଚରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ହୃଦୟ ସେ ଜିଣୁଥିଲେ । ପରବର୍ତ୍ତୀ ସମୟରେ ସେ ରଙ୍ଗିନ ଦୁନିଆକୁ ଟାଣି ହୋଇ ଆସିଲେ । ଭୁବନେଶ୍ୱରର ପାୟେଲିଆ ରାଉତରାୟ ହାଇଦ୍ରାବାଦ୍‌ର ଏକ ଆଇଟି କମ୍ପାନୀରେ କାର୍ଯ୍ୟରତ । ହେଲେ ନିଶା ତାଙ୍କର ଅଭିନୟ କରିବା । ସେ ଏକାଧିକ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛନ୍ତି । ତାଙ୍କ ଅଭିନୀତ ‘ତୋର ଲକ୍ଷେ ଟଙ୍କିଆ ହସ’ ଗୀତଟି ହିଟ୍ ହୋଇଥିଲା । ନିକଟରେ ଓଡ଼ିଆ ସିନେମା ‘କାଙ୍ଗୁଲା’ର ‘ଅନୁଗୁଳର ଟୁକୁଲି...’ ଆଇଟମ୍ ଗୀତରେ ଦର୍ଶକଙ୍କୁ ମତୁଆଲା କରିଥିଲେ ପାୟେଲିଆ । ତେବେ ଆଇଟି କର୍ମଚାରୀ ସହିତ ଏ ରଙ୍ଗିନ ଦୁନିଆରେ ଅଭିନୟର ଯାତ୍ରା କିପରି ଥିଲା, ଜାଣିବା ତାଙ୍କ ମୁହଁରୁ ।**

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ମ୍ୟୁଜିକ୍ ଭିଡିଓ ହଠାତ୍ ଏ ଦିଗ ପ୍ରତି କାହିଁକି ଆଗ୍ରହ ପ୍ରକାଶ କଲେ ?**

● ଏକ ମଧ୍ୟବିତ୍ତ ପରିବାରରେ ମୋର ଜନ୍ମ । ବାପା ଭାରତୀୟ ସେନାରେ କାର୍ଯ୍ୟରତ ଥିଲେ । ମୁଁ ଛୋଟ ବେଳୁ ପାଠପଢ଼ା ସହିତ ଓଡ଼ିଶୀ ନୃତ୍ୟ ଶିଖୁଥିଲି । ମଞ୍ଚରେ ନୃତ୍ୟ ପରିବେଷଣ କରୁଥିଲି । ସମୟକ୍ରମେ ଘରେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବାକୁ କହିଲେ । ତେଣୁ କିଛି ଦିନ ପାଇଁ ମୁଁ ନାଚଗୀତରୁ ଦୂରେଇ ଯାଇଥିଲି । ପରବର୍ତ୍ତୀ ସମୟରେ ହିନ୍ଦୀ କଣ୍ଟେଣ୍ଟରେ ଟିକ୍‌ଟକ୍ ଭିଡ଼ିଓ ତିଆରି କରିବା ଆରମ୍ଭ କଲି । ମୋର ପ୍ରଶଂସକ ୪.୩ ମିଲିୟନ୍ ଥିଲେ । ସୌଭାଗ୍ୟବଶତଃ ଲକ୍‌ଡାଉନ୍ ସମୟରେ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ମୋତେ ସୁଯୋଗ ମିଳିଲା । ‘ଓଃ କି ଦୁଃଖ’, ‘ତୋର ଲକ୍ଷେ ଟଙ୍କିଆ ହସ’ ସହିତ ପ୍ରାୟ ୧୫ଟି ମ୍ୟୁଜିକ୍ ଭିଡ଼ିଓରେ ମୁଁ କାମ କରିଛି । ତନ୍ମଧ୍ୟରୁ ଅନେକ ଗୀତ ହିଟ୍ ମଧ୍ୟ ହୋଇଛି ।

**‘କାଙ୍ଗୁଲା’ ସିନେମାରେ ଆଇଟମ୍ ଗୀତ ‘ଅନୁଗୁଳର ଟୁକୁଲି...’ର ସୁଯୋଗ କେମିତି ପାଇଲେ?**

● ଅଶ୍ୱିନୀ ଭାଇ ଫୋନ୍ କରି ମୋତେ ଏହି ଗୀତ ବିଷୟରେ କହିଥିଲେ । ଗୀତର ଟାଇଟଲ୍ ସମସ୍ତଙ୍କ ହୃଦୟକୁ ଛୁଇଁବ ବୋଲି ଅନୁଭବ କରିଥିଲି । କୋରିଓଗ୍ରାଫର୍ ଫିରୋଜ ସାର୍‌ଙ୍କ ମାର୍ଗଦର୍ଶନରେ ଗୀତ ପାଇଁ ବହୁତ ଭଲ ଭାବେ ଅଭ୍ୟାସ କରିଥିଲି । ଏହି ଗୀତ ସୁଟିଂ ସମୟରେ ଅନୁଗୁଳରେ ପ୍ରବଳ ଶୀତ ହେଉଥାଏ । ତେଣୁ ସଟ୍ ଦେବା ସମୟରେ ପ୍ରବଳ ଥଣ୍ଡା ଲାଗୁଥାଏ । ସୁଟିଂର ଶେଷ ଦିନରେ ସମ୍ବିତ ଭାଇ ଯୋଗ ଦେଇଥିଲେ । ତାଙ୍କୁ ବି ଜ୍ୱର ହୋଇଯାଇଥିଲା । ଏହି ଗୀତ ସୁଟିଂ କରିବା ଆଦୌ ସହଜ ନଥିଲା । ଏହା ମୋ ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ ।

**ଗୀତ ହିଟ୍ ହେବା ପରେ କେତେ ଖୁସି ଥିଲେ?**

● ହଲ୍‌ରେ ଦର୍ଶକ ‘କାଙ୍ଗୁଲା’ ଫିଲ୍ମରେ ‘ଅନୁଗୁଳର ଟୁକୁଲି...’ ଗୀତଟି କେବେ ଆସିବ ବୋଲି ଅପେକ୍ଷା କରି ରହୁଥିଲେ । ଗୀତର ତାଳେ ତାଳେ ଦର୍ଶକ ନାଚୁଥିବାର ଦୃଶ୍ୟ ମୋତେ ବହୁତ ଖୁସି ଦେଇଥିଲା । ମୋର ସୌଭାଗ୍ୟ ଯେ, ଏହି ଗୀତ ପାଇଁ ମୋତେ ଏବେ ଲୋକେ ‘ଅନୁଗୁଳର ଟୁକୁଲି’ ନାଁରେ ଲୋକେ ଜାଣୁଛନ୍ତି ।

**ପ୍ରଥମ ପାରିଶ୍ରମିକ କ’ଣ କରିଥିଲେ?**

● ବ୍ରହ୍ମପୁରର ‘ଶ୍ରୀ ଅର୍ଣ୍ଣାମେଣ୍ଟ ଜୁଏଲାରୀ’ର ବ୍ରାଣ୍ଡ ଆମ୍ବାସାଡାର ଥିଲି । ସେଥିରୁ ମୋତେ ପ୍ରଥମ ଥର ପାଇଁ ୧୨ ହଜାର ଟଙ୍କା ମିଳିଥିଲା । ସେ ସବୁ ମୁଁ ଘରେ ଦେଇଥିଲି । ଟ୍ରେନ୍‌ରେ ହାଇଦ୍ରାବାଦ୍ ଯିବା ସମୟରେ ରାସ୍ତାରେ ମୋର ବଡ଼ ବଡ଼ ପୋଷ୍ଟର ଦେଖି ମୁଁ ବହୁତ ଖୁସି ହୋଇଯାଇଥିଲି ।

**ବଡ଼ ପରଦାରେ କାମ କରିବାକୁ ଆଗ୍ରହ ରହିଛି କି?**

● ପ୍ରତ୍ୟେକ କଳାକାରଙ୍କ ପରି ମୁଁ ମଧ୍ୟ ଗୋଟିଏ ପାହାଚରୁ ଆଉ ଗୋଟିଏ ପାହାଚକୁ ଅତିକ୍ରମ କରିବାକୁ ଇଚ୍ଛା ରଖିଛି । ବଡ଼ ପରଦାରେ ନିଜକୁ ଦେଖିବାକୁ ଲକ୍ଷ୍ୟ ରଖି କଠିନ ପରିଶ୍ରମ କରୁଛି । ଦର୍ପଣ ସାମ୍ନାରେ ମୁଁ ଅଭ୍ୟାସ କରୁଛି । ଭବିଷ୍ୟତରେ ବି ଭଲ କାମ ମିଳିଲେ ତାହାକୁ ନିଖୁଣ ଭାବେ ଫୁଟାଇ ପାରିବି ବୋଲି ଆଶା ରଖିଛି । ତା’ ସହିତ ମ୍ୟୁଜିକ୍ ଭିଡିଓ ଓ ଚାକିରି ଜାରି ରହିବ ।

**ଚାକିରି ଆଉ ଅଭିନୟ ଦୁଇଟି ଭିତରେ କେମିତି ସମୟ ପରିଚାଳନା କରନ୍ତି?**

● ଅଭିନୟ ଓ ନୃତ୍ୟ ଦୁଇଟି ମୋ ଜୀବନ । ଚାକିରି କଲେ ବି କାର୍ଯ୍ୟ ବ୍ୟସ୍ତତା ଭିତରେ ଅଭିନୟ କରିବାକୁ ସମୟ ବାହାର କରେ । ଅଫିସ୍ ତରଫରୁ ମଧ୍ୟ ମୋତେ ସହଯୋଗ ମିଳେ ।

**ପାୟେଲିଆ ଫିଟ୍ ରହିବାକୁ କ’ଣ କରନ୍ତି?**

● ମୁଁ ପ୍ରତିଦିନ ଜିମ୍ ଯାଏ । ସନ୍ତୁଳିତ ଖାଦ୍ୟପେୟ ସହିତ ଶରୀର ପାଇଁ ଆବଶ୍ୟକ ମୁତାବକ ପାଣି ପିଏ । ■







# ସାରାରାତି ନଦୀ କୂଳରେ ସୁନୀଲ

ଅଭିନୟ ଓ କମେଡି ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତିଛନ୍ତି ଲୋକପ୍ରିୟ ହାସ୍ୟାଭିନେତା ସୁନୀଲ ଗ୍ରୋଭର । ସବୁ ଚରିତ୍ରରେ ସେ ଖୁବ୍ ନିଖୁଣ ଅଭିନୟ କରିଥାନ୍ତି । ତେବେ ଏବେ ସେ ଅଭିନୟ ପାଇଁ ନୁହଁନ୍ତି, ବରଂ ନିଜ ଜୀବନଶୈଳୀକୁ ନେଇ ଚର୍ଚ୍ଚାରେ ଅଛନ୍ତି । ସୁନୀଲ ନିଜର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଭିଡିଓଟିକୁ ଅତ୍ୟନ୍ତ ସନ୍ତୋଷଜନକ ବୋଲି କୁହାଯାଉଛି । ଭିଡିଓରେ ଦେଖିବାକୁ ମିଳିଛି କୌଣସି ଷ୍ଟାର୍‌ଡମ୍ ବିନା ସୁନୀଲ ଏକ ନଦୀ କୂଳରେ ରାତିରେ ଚଟାଣରେ ଶୋଇ ଅତିବାହିତ କରିଛନ୍ତି । ତାଙ୍କର ଏହି ସରଳ ଜୀବନ ହିଁ ଦର୍ଶକଙ୍କ ମନ ଜିଣିଛି । ସେହିପରି ସୁନୀଲଙ୍କ ଆଖପାଖରେ ଅନ୍ୟ ଶ୍ରଦ୍ଧାଳୁମାନେ ଶୋଇଥିବା ନଜର ଆସିଛନ୍ତି । ଅନ୍ୟପଟେ ଏହା କେଉଁ ସ୍ଥାନ, ତାହାର ଖୁଲାସା ସୁନୀଲ କରି ନାହାନ୍ତି । ■

# ସାକ୍ଷାତକାର ଦେବେନି ରଣବୀର

‘ଡନ୍-୩’ ଫିଲ୍ମକୁ ନେଇ ଚାଲିଥିବା ବିବାଦ ଏବଂ ସୋସିଆଲ୍ ମିଡିଆ ଟ୍ରୋଲିଂ ମଧ୍ୟରେ ମୁଖ୍ୟ ଅଭିନେତା ରଣବୀର ସିଂହ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଫିଲ୍ମକୁ ନେଇ ବଢୁଥିବା ବିବାଦରୁ ରକ୍ଷା ପାଇବା ଲାଗି ସେ ୧୮ ମାସ ଅର୍ଥାତ ଦେଢ଼ ବର୍ଷ ପର୍ଯ୍ୟନ୍ତ ଗଣମାଧ୍ୟମକୁ କୌଣସି ପ୍ରକାର ସାକ୍ଷାତକାର ଦେବେ ନାହିଁ । କୌଣସି ବିବାଦ ଉପରେ ସେ ଦୃଷ୍ଟି ନ ଦେଇ ନିଜର ଚରିତ୍ର ଓ ଫିଲ୍ମ ସୁଟିଂ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହିଁଛନ୍ତି । ସେହିପରି ଏବେ ସେ କୌଣସି ପ୍ରକାର ନୂଆ ସାକ୍ଷାତକାର ଦେବା ଲାଗି ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି । ଏହାବାଦ୍ କଥାବାର୍ତ୍ତାର ସମସ୍ତ ପ୍ରସ୍ତାବକୁ ବି ରଣବୀର ଏଡ଼ାଇ ଦେଇଛନ୍ତି । ତେଣୁ ଆଗାମୀ ଦିନରେ ମିଡିଆ ସହିତ ସାମ୍ନାସାମ୍ନି ହେବାର ତାଙ୍କର କୌଣସି ଆଶଙ୍କା ନାହିଁ । ଅନ୍ୟପଟେ ଯଦି ଏହି କଥା ସତ ହୁଏ, ତେବେ ଫିଲ୍ମ ନିର୍ମାତା ଜୟ ମେହଟାଙ୍କ ଆଗାମୀ ବଡ଼ ଫିଲ୍ମ ‘ପ୍ରଳୟ’ ରିଲିଜ ପର୍ଯ୍ୟନ୍ତ ମିଡିଆଠାରୁ ରଣବୀର ପୂରା ଦୂରତ୍ୱ ରକ୍ଷା କରିପାରନ୍ତି । ■



# ସଲମାନଙ୍କ ନୂଆ ଲୁକ୍

ବଲିଉଡ୍ ଅଭିନେତା ଅମିର ଖାନ୍‌ଙ୍କ ଅଭିନୀତ ସିନେମା ‘ଲଗାନ୍’ ୨୫ ବର୍ଷ ପୂରଣ କରିଛି । ଫିଲ୍ମଟିକୁ ପୁଣି ଥରେ ରିଲିଜ୍ କରାଯାଇଛି । ତେବେ ଏହି କାର୍ଯ୍ୟକ୍ରମରେ ଅମିରଙ୍କ ଭଲ ବନ୍ଧୁ ସଲମାନ ଖାନ ବି ସାମିଲ ହୋଇଥିଲେ । ଏଥିରେ ସଲମାନଙ୍କ ନୂଆ ଲୁକ୍‌କୁ ଦେଖି ନିଜେ ଅମିର ଓ କରୀନାଙ୍କ ବ୍ୟତୀତ ଅନ୍ୟମାନେ ବି ଆଶ୍ଚର୍ଯ୍ୟ ହୋଇଛନ୍ତି । ସଲମାନ ଛୋଟ କେଶ, ଲେଦର ବ୍ଲାକ୍ ଜ୍ୟାକେଟ୍ ଏବଂ ଟ୍ରିମ୍ ଦାଢ଼ିରେ ନଜର ଆସିଛନ୍ତି । ଅବଶ୍ୟ ଏହି ନୂଆ ଲୁକ୍‌ରେ ସଲମାନ ଖୁବ୍ ଫିଟ୍ ଓ ହ୍ୟାଣ୍ଡସମ୍ ଲାଗୁଛନ୍ତି । ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମର ଫଟୋ ତଥା ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଏହାସହ ତାଙ୍କ ଲୁକ୍‌କୁ ନେଇ ଖୁବ୍ ଚର୍ଚ୍ଚା ହେଉଛି । ■



# ରଶ୍ମିକା ବଦଳାଇଲେ ନାଁ


ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବେ ‘କକ୍‌ଟେଲ୍-୨’ର ପ୍ରମୋସନ୍‌ରେ ବ୍ୟସ୍ତ ଅଛନ୍ତି । ଏହି ଫିଲ୍ମରେ ସେ ପ୍ରଥମଥର ପାଇଁ ଅଭିନେତା ଶାହିଦ କପୁର ଏବଂ କୃତି ସେନନଙ୍କ ସହିତ ସ୍କ୍ରିନ ସେୟାର୍ କରିଛନ୍ତି । ଏହାରି ଭିତରେ ରଶ୍ମିକା ନିଜ ନାମ ବଦଳାଇଛନ୍ତି । ନିଜ ନାଁକୁ ନେଇ ସେ ସାମାଜିକ ଗଣମାଧ୍ୟମରେ ଏକ ବିଶେଷ ପୋଷ୍ଟ ସେୟାର୍ କରିଛନ୍ତି । ରଶ୍ମିକା ତେଲେଙ୍ଗାନା ଛାତ୍ରବୃତ୍ତି କାର୍ଯ୍ୟକ୍ରମରେ ବିଜୟ ଦେବରକୋଣ୍ଡାଙ୍କୁ ଦିଆଯାଇଥିବା ଏକ ବାର୍ତ୍ତାରେ ନିଜକୁ ରଶ୍ମିକା ମନ୍ଦାନା ଦେବରକୋଣ୍ଡା ବୋଲି ସମ୍ବୋଧନ କରିଛନ୍ତି । ଗାଁରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ‘ଆଜି ମୁଁ ଏହି କାର୍ଯ୍ୟକ୍ରମରେ ଖୁବ୍ କମ୍ କହିବି । ହେଲେ ଆମେ ‘ଦେବରକୋଣ୍ଡା ଫାଉଣ୍ଡେସନ’ ମାଧ୍ୟମରେ ଏକ ଭଲ ଆରମ୍ଭ କରିଛୁ । ଏହାର ଆରମ୍ଭ ଆମେ ଅଚମପେଟ ଏବଂ ଥୁମ୍ମନପେଟରୁ କରୁଛି, ଯାହାକି ମୋ ଶ୍ୱଶୂରଙ୍କ ଗାଁ । ଆଜି ମୁଁ ଆପଣମାନଙ୍କ ସାମ୍ନାରେ ରଶ୍ମିକା ମନ୍ଦାନା ଦେବରକୋଣ୍ଡା ଭାବେ ଛିଡ଼ା ହେଇଛି ଏବଂ ଏହାକୁ ନେଇ ମୁଁ ବହୁତ ଖୁସି ଅଛି ।’ ଅନ୍ୟପଟେ ରଶ୍ମିକା ଓ ବିଜୟ ଦେବରକୋଣ୍ଡା ଏକାଠି ‘ରାଣାବାଲୀ’ ସିନେମାରେ ନଜର ଆସିବେ । କୁହାଯାଉଛି ସେପ୍ଟେମ୍ବର ୧୧ରେ ଏହି ସିନେମା ɔମୁକ୍ତିଲାଭ କରିବ । ■



## ପରଦା ପଛର କାହାଣୀ

# ସୁଟିଂ ପାଇଁ ତିନି ଦିନ ଅନିଦ୍ରା

ପରଦାରେ ଅଭିନୟକୁ ଜୀବନ୍ତ କରିବା ପାଇଁ କଳାକାରମାନଙ୍କୁ ବହୁତ ପରିଶ୍ରମ କରିବାକୁ ପଡ଼ିଥାଏ । ବଡି ଟ୍ରାନ୍ସଫର୍‌ମେସନ୍‌ଠୁ ଆରମ୍ଭ କରି ରାତି ଅନିଦ୍ରା ରହିବା, ମାନସିକ ପ୍ରସ୍ତୁତି କରିବା ଆଦି ସବୁ କିଛି କରିବାକୁ ପଡ଼ିଥାଏ । ସେମିତି ଏକ କାହାଣୀ ରାଜେଶ ଖାନ୍ନାଙ୍କ ଫିଲ୍ମ ‘ଆଖିର ଖତ’କୁ ନେଇ ରହିଛି । ଚେତନ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ସୁଟିଂ ପାଇଁ ରାଜେଶ ଖାନ୍ନାଙ୍କୁ ତିନିଦିନ ଅନିଦ୍ରା ରହିବାକୁ ପଡ଼ିଥିଲା । ଖୋଦ୍ ନିର୍ଦ୍ଦେଶକ ତାଙ୍କୁ ଅନିଦ୍ରା ରହିବା ପାଇଁ କହିଥିଲେ । ଫିଲ୍ମରେ ରାଜେଶଙ୍କର ଏକ ଚିନ୍ତିତ ବ୍ୟକ୍ତିର ଦୃଶ୍ୟ ସୁଟିଂ ଥିଲା । ତେଣୁ ରାଜେଶଙ୍କ ଚେହେରାରେ ସତସତିକା କ୍ଲାନ୍ତ ଏବଂ ଥକ୍କାପଣ ଆଣିବା ପାଇଁ ନିର୍ଦ୍ଦେଶକ ତାଙ୍କୁ ରାତିଅଧରେ ଫୋନ୍ କରି ଜାଗ୍ରତ କରିଥିଲେ । ଶେଷରେ ନିର୍ଦ୍ଦେଶକଙ୍କ ଏହି କୌଶଳ ମଧ୍ୟ କାର୍ଯ୍ୟ କରିଥିଲା । ରାଜେଶ ଖାନ୍ନା ସେଟ୍‌କୁ ଆସିବା ପରେ ଖୁବ୍ କ୍ଲାନ୍ତ ଦେଖାଯାଉଥିଲେ । ଯାହା ଫଳରେ ସୁଟିଂ ସଫଳ ହୋଇପାରିଥିଲା । ଏହି ଫିଲ୍ମରେ ରାଜେଶ ଖାନ୍ନା ଏବଂ ମାଷ୍ଟର ବଣ୍ଟି ବହଲଙ୍କୁ ପରିଚିତ କରାଯାଇଥିଲା । ୨୦ ବର୍ଷ ପରେ ଦୁହେଁ, ଫିଲ୍ମ ‘ଅମୃତ’ରେ ଜେଜେ-ନାତି ଚରିତ୍ରରେ ନଜର ଆସିଥିଲେ । ଏହି ଫିଲ୍ମରେ ଗୋବିନ୍ଦ ନାମକ ଯୁବକଙ୍କର କାହାଣୀ ଦର୍ଶାଯାଇଛି । ଯାହାଙ୍କୁ ଲଜୌଙ୍କ ସହ ପ୍ରେମ ହୋଇଛି । ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ପରବର୍ତ୍ତୀ ସମୟରେ ଗୋବିନ୍ଦ ଚାକିରି ଅନ୍ୱେଷଣରେ ସହର ପଳେଇ ଆସନ୍ତି । ତେବେ ଲଜୌଙ୍କୁ ସାଥିରେ ନେବା ପାଇଁ କଥା ଦିଅନ୍ତି । ହେଲେ ପରିସ୍ଥିତି ସବୁକିଛି ବଦଳେଇ ଦିଏ ।



ପୁଅଟିଏ ଜନ୍ମ ଦେବା ପରେ ଲଜୌଙ୍କ ମୃତ୍ୟୁ ହୁଏ । ତେବେ ସେ ମରିବା ପୂର୍ବରୁ ପୁଅର ଧ୍ୟାନ ରଖିବାକୁ ନେଇ ଗୋବିନ୍ଦଙ୍କୁ ଏକ ଶେଷ ଚିଠି ଲେଖନ୍ତି । ଏହାପରେ ପିଲାଟି ମୁମ୍ବାଇରେ ରାସ୍ତାରେ କିପରି ହଜିଯାଏ ତାହା ଦର୍ଶାଯାଇଛି । ସେଠାରେ ତାଙ୍କ ପିତା ତାଙ୍କୁ କିପରି ଖୋଜୁଛନ୍ତି, ତାହା ପ୍ରଦର୍ଶିତ ହୋଇଛି । ଏହି ଫିଲ୍ମକୁ ସୁଟ୍ କରିବା ଖୁବ୍ କଠିନ ଥିଲା । ■






## ଅଷ୍ଟ୍ରେଲିଆ ୦-୨ ଗୋଲ୍‌ରେ ପରାସ୍ତ

# ୯୬ ବର୍ଷ ପରେ ଆମେରିକାର କ୍ରମାଗତ ବିଜୟ

ସିଆଟଲ,୨୦।୬(ଏଜେନ୍ସି)

ସ୍ଥାନୀୟ ସିଆଟଲ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ଫିଫା ବିଶ୍ୱକପ୍ ଗ୍ରୁପ୍-ଡି'ର ଏକ ଗୁରୁତ୍ୱପୂର୍ଣ୍ଣ ଲିଗ୍ ମ୍ୟାଚ୍‌ରେ ଆମେରିକା ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୨-୦ ଗୋଲରେ ପରାସ୍ତ କରିଛି। ଏହି ବିଜୟ ଫଳରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରି ମେକ୍ସିକୋ ପରେ ଦ୍ୱିତୀୟ ଦଳ ଭାବେ ନକ୍‌ଆଉଟ ବା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛି। ଏହା ସହ ଦୀର୍ଘ ୯୬ ବର୍ଷ ପରେ ଆମେରିକା ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ କ୍ରମାଗତ ବିଜୟ ହାସଲ କରିଛି। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ଲିଗ୍ ମ୍ୟାଚ୍‌ରେ ଆମେରିକା ୪-୧ ଗୋଲରେ ପାରାଗୁଏକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆର କାମେରନ୍ ବୁର୍ଜେସ (ଓନ୍ ଗୋଲ) ଆତ୍ମଘାତୀ ଗୋଲ ଓ ଆମେରିକା ପକ୍ଷରୁ ଆଲେକ୍ସ ଫ୍ରି ମ୍ୟାନ୍ ଗୋଟିଏ ଗୋଲ ସ୍କୋର କରିଥିଲେ। ୧୯୩୦ରେ ଅନୁଷ୍ଠିତ ପ୍ରଥମ ବିଶ୍ୱକପ୍‌ରେ ଆମେରିକା ପ୍ରଥମେ ବେଲଜିୟମକୁ ୩-୦ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ପାରାଗୁଏକୁ ୩-୦ ଗୋଲରେ ପରାସ୍ତ କରି କ୍ରମାଗତ ବିଜୟ ହାସଲ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଆମେରିକା ତୃତୀୟସ୍ଥାନ ଅଧିକାର କରି ବିଶ୍ୱକପ୍ ଇତିହାସରେ ଶ୍ରେଷ୍ଠ ସଫଳତା ହାସଲ କରିଥିଲା। ଗ୍ରୁପ୍‌ର ତୃତୀୟ ତଥା ଶେଷ ରାଉଣ୍ଡ ମୁକାବିଲାରେ ତୁର୍କୀ ସହ ଆମେରିକା ଓ ପାରାଗୁଏ ସହ ଅଷ୍ଟ୍ରେଲିଆର ମୁକାବିଲା ହେବ। ଏହି ମୁକାବିଲା ପରେ ଗ୍ରୁପ୍‌ରୁ କେଉଁ ଦୁଇ କିମ୍ବା ୩ ଦଳ ନକ୍‌ଆଉଟ୍‌କୁ ଉନ୍ନୀତ ହେବେ ତାହା ସ୍ପଷ୍ଟ ହେବ।



ସିଆଟଲ ଷ୍ଟାଡିୟମ୍‌ରେ ଭରପୁର ଦର୍ଶକଙ୍କ ଉପସ୍ଥିତିରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବିପଜ୍ଜନକ ଅଷ୍ଟ୍ରେଲିଆକୁ ମୁକାବିଲା କରିବା କଷ୍ଟକର ହୋଇଥିଲା। ମାଂସପେସୀ ଟାଣି ହୋଇଯାଇଥିବାରୁ ଆମେରିକା ଅଧିନାୟକ କ୍ରିଷ୍ଟିଆନ ପୁଲିସିଚ୍ ଏହି ମ୍ୟାଚ୍ ଖେଳି ନ ଥିଲେ। କିନ୍ତୁ ଆଲଜେରିଆ ମାତା/ପିତାଙ୍କଠାରୁ ଜନ୍ମିତ ଓ ଇଂଲଣ୍ଡରେ ଖେଳଜୀବନ ଆରମ୍ଭ କରିଥିବା ବାଲୋଗାନ୍‌ଙ୍କ ଚମତ୍କାର ଆକ୍ରମଣ ଫଳରେ ଅଷ୍ଟ୍ରେଲିଆର ଡିଫେନ୍ସ ହଡବଡେଇ ଯାଇଥିଲା। ଆମେରିକା ମଧ୍ୟ ସଂଗଠିତ ଭାବେ ଆକ୍ରମଣ ରଚନା କରିଥିଲା। ଖେଳର ୧୧ତମ ମିନିଟ୍‌ରେ ୱେଷ୍ଟନ ମ୍ୟାକ୍‌କେନୀଙ୍କଠାରୁ ପାସ୍ ପାଇ ଫ୍ଲୋରିଆନ୍ ବାଲୋଗୁନ୍ ଏକାକୀ ୩ଜଣ ଖେଳାଳିଙ୍କୁ ଅତିକ୍ରମ କରି ବକ୍ସକୁ ସଟ୍ ମାରିଥିଲେ। ଅଷ୍ଟ୍ରେଲିଆର ଡିଫେଣ୍ଡର କାମେରନ ବର୍ଜେସ ବଲକୁ ନିୟନ୍ତ୍ରଣ କରି ନ ପାରି ବଲକୁ ନିଜ ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଦଳକୁ ଏହି ଆଡଭାଣ୍ଟେଜ୍ ମିଳିଲା ପରେ ଅଧିକ ଉତ୍ସାହିତ ହୋଇ ଖେଳିଥିଲା ଘରୋଇ ଦଳ। ଖେଳର ୪୩ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ଗୋଲ ପୋଷ୍ଟ ଆଗରେ ମେଳି ହୋଇଯାଇଥିଲା। ବଲକୁ ବାହାର କରିବାକୁ ଯାଇ ଅଷ୍ଟ୍ରେଲିଆ ଡିଫେଣ୍ଡର ସର୍ଗିନୋ ଡେଷ୍ଟ ବଲ୍‌କୁ ଜୋରରେ ସଟ୍ ମାରିଥିଲେ। ବଲ୍‌ଟି ବାହାରକୁ ଯିବା ପରିବର୍ତ୍ତେ ପୋଷ୍ଟ ନିକଟରେ ପଡିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଆମେରିକାର ଆଲେକ୍ସ ଫ୍ରିମ୍ୟାନ୍ ତୁରନ୍ତ ବଲ୍‌କୁ ପୋଷ୍ଟ ମଧ୍ୟକୁ ପଠାଇ ଦଳଲାଗି ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଏହା ପରେ ଉଭୟ ଦଳ ଗୋଲ କରିବାକୁ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ ସେଥିରେ କେହି ସଫଳ ହୋଇପାରି ନ ଥିଲେ।

### ■ ୭୧ ସେକେଣ୍ଡରେ ଗୋଲ୍ ଦେଲେ ସାଇବାରି

## ମରୋକ୍କୋ ଆଶା ଉଜ୍ଜୀବିତ

ଫର୍କବର୍ଗ,୨୦।୬(ଏଜେନ୍ସି): ମାତ୍ର ୭୧ ସେକେଣ୍ଡରେ ଗୋଲ ଦେଇ ମରକ୍କୋର ଇସ୍‌ମାଏଲ ସାଇବାରୀ ଚଳିତ ଫିଫା ବିଶ୍ୱକପ୍‌ରେ ଦ୍ୱିତୀୟ ଦ୍ରୁତତମ ଗୋଲ ଦେବାର ରେକର୍ଡ କରିଛନ୍ତି। ଏହି ରେକର୍ଡ ପୂର୍ବରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଗୋଲ ଦେଇଥିବା ଚେକିଆର ମିକାଲ ସାଦିଲେକଙ୍କ ନାମରେ ଥିଲା। ସେ ୫ମିନିଟ୍ ୮ ସେକେଣ୍ଡରେ ଏହି ଗୋଲ ଦେଇଥିଲେ। ସାଇବାରିଙ୍କ ଦ୍ରୁତତମ ଗୋଲ ବଳରେ ମରୋକ୍କୋ ୧-୦ ଗୋଲରେ ସ୍କଟଲାଣ୍ଡକୁ ପରାସ୍ତ କରି ନକ୍‌ଆଉଟକୁ ଉନ୍ନୀତ ହେବାର ଆଶା ଉଜ୍ଜୀବିତ ରଖିଛି। ଦଳ ୨ଟି ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ବ୍ରାଜିଲ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଦଳ ଶେଷ ଲିଗ୍ ମ୍ୟାଚ୍‌ରେ ଦୁର୍ବଳ ହାଇତିକୁ ଭେଟିବ। ଏହି ମ୍ୟାଚ୍ ଡ୍ର ରଖିଲେ ମଧ୍ୟ ମରୋକ୍କୋ ନକ୍‌ଆଉଟକୁ ଉନ୍ନୀତ ହେବ। ଅନ୍ୟପକ୍ଷରେ ଏହି ମ୍ୟାଚ୍‌ରେ ଗୋଲ ଦେଇ ସାଇବାରି କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଗୋଲ ଦେବାରେ ମରୋକ୍କୋର ପ୍ରଥମ ଖେଳାଳି ହୋଇଛନ୍ତି। ସେ ମଧ୍ୟ ଫିଫା ବିଶ୍ୱକପ୍‌ର କ୍ରମାଗତ ସଂସ୍କରଣର ପ୍ରଥମ ମ୍ୟାଚ୍‌ରେ ଗୋଲ ଦେଇ ମହମ୍ମଦ ସାଲାଙ୍କ ସହ ସମକକ୍ଷ ହୋଇଛନ୍ତି। ମରୋକ୍କୋ ଏହି ମ୍ୟାଚ୍ ଜିତିବା ଫଳରେ ନକ୍‌ଆଉଟକୁ ଉନ୍ନୀତ ହେବା ଆଶା ଉଜ୍ଜୀବିତ ରଖିଛି।

### ■ ମୁହଁ ଲୁଚାଇ କଥା ହେବାରୁ ଆଲମିରନ୍‌ଙ୍କୁ ରେଡ୍‌କାର୍ଡ

## ତୁର୍କୀକୁ ହରାଇଲା ପାରାଗୁଏ



ସାଣ୍ଟା କ୍ଲାରା,୨୦।୬(ଏଜେନ୍ସି): ମୁହଁ ଲୁଚାଇ ପ୍ରତିଦ୍ୱନ୍ଦ୍ୱୀ ଖେଳାଳିଙ୍କ ସହ କଥା ହୋଇ ପାରାଗୁଏର ମିଗୁଏଲ ଆଲମିରନଙ୍କୁ ମିଳିଛି ରେଡକାର୍ଡ। ପ୍ରଥମାର୍ଦ୍ଧ ଖେଳର ଷ୍ଟପେଜ୍ ଟାଇମ୍‌ରେ ପାରାଗୁଏର ଆଲମିରନ ପ୍ରତିପକ୍ଷ ତୁର୍କୀର ଜଣେ ଖେଳାଳି ମର୍ଟ ମୁଲରଙ୍କ ସହ କଥା ହେଉଥିଲେ। ଏହି ଘଟଣାକୁ ତୁର୍କୀର ଜଣେ ଖେଳାଳି ନିକଟରେ ଥିବା ଫିଫା ଅଫିସିଆଲଙ୍କୁ ଜଣାଇଥିଲେ। ଏହି ଅଫିସିଆଲ ଜଣଙ୍କ ଭିଡିଓ ଆସିଷ୍ଟାଣ୍ଟ ରେଫରୀଙ୍କୁ ନିଷ୍ପତ୍ତି ନେବାକୁ କହିଥିଲେ। ଭିଏଆର୍ ଏହାକୁ ଦେଖିବା ପରେ ଆଲମିରନ ମୁହଁକୁ ହାତରେ ଲୁଚାଇ କଥା ହେଉଥିବାରୁ ଚଳିତ ବିଶ୍ୱକପ୍‌ରେ ଲାଗୁ ହୋଇଥିବା ନୂଆ ନିୟମ ଅନୁଯାୟୀ ରେଡ୍‌କାର୍ଡ ଦେଇଥିଲେ। ଫଳରେ ପାରାଗୁଏ ଦ୍ୱିତୀୟାର୍ଦ୍ଧରେ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। ଖେଳର ଦ୍ୱିତୀୟ ମିନିଟ୍‌ରେ ବା ୬୪ତମ ସେକେଣ୍ଡରେ ମାଟିଆସ୍ ଗାଲର୍‌ଜାଙ୍କ ଗୋଲ ବଳରେ ପାରାଗୁଏ ଏହି ମ୍ୟାଚ୍‌କୁ ଜିତିଥିଲା। ଚଳିତ ବିଶ୍ୱକପ୍‌ରେ ଏହା ଦ୍ରୁତତମ ଗୋଲ୍। ଅନ୍ୟ ପକ୍ଷରେ କ୍ରମାଗତ ପରାଜୟ ସହ ତୁର୍କୀ ମଧ୍ୟ ହାଇତି ସହ ବିଶ୍ୱକପ୍‌ରୁ ବାଦ୍ ପଡଛି। ଏହି ଗ୍ରୁପ୍‌ରେ ଉଭୟ ଅଷ୍ଟ୍ରେଲିଆ ଓ ପାରାଗୁଏ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ଜିତିଛନ୍ତି।

**ହୋମ୍ ଅଫିସ୍ ପ୍ଲେୟର** : ଚଳିତ ଫିଫା ବିଶ୍ୱକପ୍‌ରେ ଆଘାତ ଯୋଗୁଁ ପ୍ରଥମ ୨ଟି ମ୍ୟାଚ୍ ଖେଳିପାରି ନ ଥିବା ନେମାରଙ୍କୁ 'ହୋମ୍ ଅଫିସ ପ୍ଲେୟର' କହି ପରିହାସ କରିଛନ୍ତି ବ୍ରାଜିଲ ରାଷ୍ଟ୍ରପତି ଲୁଲା। ନେମାର କିନ୍ତୁ ସ୍କଟ୍‌ଲାଣ୍ଡ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍ ଖେଳିବେ ବୋଲି କୋଚ୍ କାର୍ଲୋ ଆନ୍‌ସେଲୋଟି ସ୍ପଷ୍ଟ କରିଛନ୍ତି।



| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୨୧, ରବିବାର ରାତି |
| ସ୍ପେନ୍-ସାଉଦି ଆରବ |
| ଆଟଲାଣ୍ଟା, ରାତି ୯.୩୦ |
| ବେଲ୍‌ଜିୟମ-ଇରାନ |
| ଲସ୍‌ଏଞ୍ଜେଲସ, ରାତି ୧୨.୩୦ |
| ଜୁନ୍-୨୨ ସୋମବାର ସକାଳ |
| ଉରୁଗୁଏ-କେପ୍ ଭର୍ଡ |
| ମିଆମି, ରାତି ୩.୩୦ |
| ନ୍ୟୁଜିଲାଣ୍ଡ-ଇଜିପ୍ଟ |
| ଭାଙ୍କୋଭର, ସକାଳ ୬.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ବ୍ରାଜିଲ ୩-୦ରେ ଜିତିଲା, ହାଇତି ବିଦା

ଫିଲାଡେଲଫିଆ,୨୦।୬(ଏଜେନ୍ସି): ଦୁଇ ଫରୱାର୍ଡ ଖେଳାଳି ମାଥିୟସ କୁନାଙ୍କ ଡବଲ ଗୋଲ ଓ ଭିନିସିଅସ ଜୁନିଅରଙ୍କ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଗୋଲ ବଳରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ଗ୍ରୁପ୍-ସି' ମୁକାବିଲାରେ ବ୍ରାଜିଲ ୩-୦ ଗୋଲରେ ହାଇତିକୁ ପରାସ୍ତ କରିଛି। ଏହା ଫଳରେ ଗ୍ରୁପ୍-ସି'ରେ ବ୍ରାଜିଲ ପ୍ରଥମସ୍ଥାନ ଅଧିକାର କରିଛି। ବ୍ରାଜିଲ ତାହାର ପ୍ରଥମ ମୁକାବିଲାରେ ମରୋକ୍କୋ ସହ ମ୍ୟାଚ୍ ୧-୧ ଗୋଲରେ ଡ୍ର ରଖିଥିଲା। ଏହି ମ୍ୟାଚ୍‌ରେ ଭିନିସିଅସ ଜୁନିଅର ଗୋଲ ଦେଇ ବ୍ରାଜିଲ୍‌କୁ ନିଶ୍ଚିତ ପରାଜୟରୁ ରକ୍ଷା କରିଥିଲେ। ଏଠାରେ ଦୁର୍ବଳ ହାଇତି ବିପକ୍ଷରେ ବ୍ରାଜିଲ ଅଧାଡଜନେ ଗୋଲରେ ଜିତିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦଳ ପ୍ରଥମାର୍ଦ୍ଧରେ ୩-୦ ଗୋଲରେ ଜିତିବା ପରେ ଦ୍ୱିତୀୟାର୍ଦ୍ଧରେ ମନ୍ଥର ଖେଳିଥିଲା। ଫଳରେ ଆଉ ଗୋଲ ସ୍କୋର ହୋଇ ନ ଥିଲା। ହାଇତି ମଧ୍ୟ ଭଲ ଖେଳିଥିଲା। ଏହି ଗ୍ରୁପ୍‌ର ଅନ୍ୟଏକ ମ୍ୟାଚ୍‌ରେ ମରୋକ୍କୋ ୧-୦ ଗୋଲରେ ସ୍କଟଲାଣ୍ଡକୁ ପରାସ୍ତ କରିବା ଫଳରେ କ୍ରମାଗତ ପରାଜୟ ସହ ହାଇତି ପ୍ରତିଯୋଗିତାରୁ ବିଦା ହୋଇଛି। ବ୍ରାଜିଲ ଓ ମରୋକ୍କୋ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରଥମ ଦୁଇଟି ସ୍ଥାନରେ ଏବଂ ସ୍କଟଲାଣ୍ଡ ଗୋଟିଏ ବିଜୟ ସହ ୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।



ଫିଲାଡେଲଫିଆ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ଟି ବ୍ରାଜିଲ ନିୟନ୍ତ୍ରଣରେ ରହିଥିଲା। ଖେଳର ୨୩ତମ ଓ ୩୬ତମ ମିନିଟ୍‌ରେ କୁନା ୨ଟି ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଉଭୟ ଗୋଲ ଦେବାରେ ବ୍ରାଜିଲକୁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ି ନ ଥିଲା। ପ୍ରଥମାର୍ଦ୍ଧ ଷ୍ଟପେଜ୍ ଟାଇମ୍‌ରେ ଭିନିସିଅସ୍ ଜୁନିଅର ଆଉ ଏକ ଗୋଲ ଦେବା ଫଳରେ ମ୍ୟାଚଟି ଏକତରଫା ଭାବେ ବ୍ରାଜିଲ ନିକଟକୁ ଚାଲିଯାଇଥିଲା।

### ■ ଟେଷ୍ଟରେ ୧୪ ହଜାର ରନ

## ସଚିନଙ୍କ ପରେ ରୁଟ୍ ଦ୍ୱିତୀୟ ବ୍ୟାଟର୍

ଲଣ୍ଡନ, ୨୦।୬ (ଏଜେନ୍ସି): ବିଶ୍ୱର ଦ୍ୱିତୀୟ କ୍ରିକେଟର୍ ଭାବେ ଇଂଲଣ୍ଡର ଜୋ ରୁଟ୍ ଟେଷ୍ଟ କ୍ରିକେଟ୍‌ରେ ୧୪ ହଜାର ରନ ସଂଗ୍ରହ କରିଛନ୍ତି। ସ୍ଥାନୀୟ ଦି ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ଚତୁର୍ଥ ଦିବସରେ ଶନିବାର ରୁଟ୍ ଏହି ସଫଳତା ହାସଲ କରିଥିଲେ। ଦ୍ୱିତୀୟ ଇନିଂସରେ ୨ ରନ କରିବା ପରେ ରୁଟ୍‌ଙ୍କ ଟେଷ୍ଟ ରନ ସଂଖ୍ୟା ୧୪ ହଜାର ମାଇଲଖୁଣ୍ଟ ଛୁଇଁଥିଲା। ୧୬୫ତମ ଟେଷ୍ଟ ମ୍ୟାଚରୁ ରୁଟ୍ ଏହି ସଫଳତା ପାଇଛନ୍ତି। ପୂର୍ବରୁ ବିଶ୍ୱର ପ୍ରଥମ ବ୍ୟାଟର୍ ଭାବେ ବ୍ୟାଟିଂ ମହାରଥୀ ସଚିନ ତେନ୍ଦୁଲକର ୧୪ ହଜାର ଟେଷ୍ଟ ରନ ସଂଗ୍ରହ କରିଥିଲେ। ସଚିନ ୧୫,୯୨୧ ରନ ସହ ଟେଷ୍ଟରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର ରହିଛନ୍ତି।

### ନେସନ୍ସ କପ୍ ମହିଳା ହକି

## ଚିଲିକୁ ହରାଇ ଫାଇନାଲରେ ଭାରତ

ଅକ୍‌ଲାଣ୍ଡ, ୨୦।୬ (ଏଜେନ୍ସି): ନ୍ୟୁଜିଲାଣ୍ଡରେ ଚାଲିଥିବା ଏଫଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର ଅନୁଷ୍ଠିତ ଏକପାଖିଆ ସେମିଫାଇନାଲ ମୁକାବିଲାରେ ଭାରତ ୬-୦ ଗୋଲରେ ଚିଲି ମହିଳା ଦଳକୁ ହରାଇଥିଲା। ବିଜୟୀ ଭାରତୀୟ ଦଳ ପକ୍ଷରୁ ନବନୀତ କୌର ଓ ଦୀପିକା ସେରାୱତ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ତେବେ ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଅଧିନାୟିକା ସାଲିକା ଟେଟେଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ରବିବାର ଗ୍ରାଣ୍ଡଫାଇନାଲରେ ଟାଇଟଲ୍ ପାଇଁ ଭାରତ ସହ ଆୟୋଜକ ନ୍ୟୁଜିଲାଣ୍ଡର ଲଢ଼େଇ ହେବ। ଅନ୍ୟ ଏକ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୧ (୧-୧) ଗୋଲରେ ଆମେରିକାକୁ ପରାସ୍ତ କରି ଫାଇନାଲକୁ ଉଠିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳ ଆଗାମୀ ଏଫଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ଟୁର୍ଣ୍ଣାମେଣ୍ଟକୁ ଯୋଗ୍ୟତା ଅର୍ଜନ କରିବ।

## ଏସିଆନ୍ ରିଲେରେ ଭାରତକୁ ୨ ପଦକ

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି): ଚାଇନାରେ ଚାଲିଥିବା ଏସିଆନ ରିଲେ ଚାମ୍ପିଅନସିପ୍‌ର ପ୍ରଥମ ଦିବସରେ ଭାରତକୁ ଦୁଇଟି ପଦକ ମିଳିଛି। ୪ ଗୁଣା ୪୦୦ ମିଟର ମିକ୍ସଡ୍ ଟିମ୍ ଇଭେଣ୍ଟରେ ଭାରତ ରୌପ୍ୟ ପଦକ ବିଜୟୀ ହୋଇଛି। ଏମଆର ପୁଭାମ୍ମା, ନୀରୁ ପାଠକ, ତ୍ରୀଥେଶ ସେଟ୍ଟୀ ଓ ଭରତ ଶ୍ରୀଧରଙ୍କୁ ନେଇ ଗଠିତ ଭାରତୀୟ ଦଳ ୩ ମିନିଟ୍ ୧୭.୦୬ ସେକେଣ୍ଡରେ ରେସ୍ ଫିନିଶ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ୪ ଗୁଣା ୧୦୦ ମିଟର ମିକ୍ସଡ ଟିମ ଇଭେଣ୍ଟରେ ଭାରତୀୟ ଦଳ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ କୁଜୁର, ପ୍ରଣବ ଗୌରବ, ତମନ୍ନା ଓ ସ୍ନେହ ଶନୁଭାଲ୍ଲି ଏହି ଦଳର ସଦସ୍ୟ ରହିଥିଲେ।

### ■ ଆଇସିସି ମହିଳା ଟି-୨୦ ବିଶ୍ୱକପ୍

## ପାକିସ୍ତାନକୁ ହରାଇଲା ବାଂଲାଦେଶ

ସାଉଥାମ୍ପଟନ, ୨୦।୬ (ଏଜେନ୍ସି): ଶୋରନା ଅକତରଙ୍କ ୨୨ ବଲରୁ ଅପରାଜିତ ୩୯ ଓ ନାହିଦା ଅକତଙ୍କ ୧୮ ରନ୍‌ରେ ୩ ୱିକେଟ ସଫଳତା ବଳରେ ଏଠାରେ ଶନିବାର ଖେଳାଯାଇଥିବା ମହିଳା ଟି-୨୦ ବିଶ୍ୱକପ୍ ଗ୍ରୁପ୍-ଏ'ର ଏକ ଲିଗ୍ ମ୍ୟାଚ୍‌ରେ ବାଂଲାଦେଶ ୨୩ ରନ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୬ ୱିକେଟରେ ୧୨୩ ରନ୍ କରିଥିଲା। ଜବାବରେ ପାକିସ୍ତାନ ୮ ୱିକେଟରେ ୧୦୦ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୯୮ ରନ୍‌ରେ ନେଦରଲ୍ୟାଣ୍ଡସକୁ ପରାସ୍ତ କରି ହ୍ୟାଟ୍ରିକ୍ ବିଜୟ ହାସଲ କରିଛି। ୭୪ ରନ୍ କରିଥିବା ବେଥ୍ ମୁନୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ଆଜି ଦ.ଆଫ୍ରିକାକୁ ଭେଟିବ ଭାରତ

ଭାରତୀୟ ମହିଳା ଦଳ ଏହାର ୩ୟ ମ୍ୟାଚରେ ରବିବାର ଦକ୍ଷିଣ ଆଫ୍ରିକାକୁ ଭେଟିବ। ହରମନପ୍ରୀତ୍ କୌରଙ୍କ ଦଳ ପୂର୍ବରୁ ପ୍ରଥମ ମ୍ୟାଚରେ ୬୪ ରନରେ ପାକିସ୍ତାନକୁ ଓ ପରେ ୯୫ ରନରେ ନେଦରଲ୍ୟାଣ୍ଡସକୁ ହରାଇଥିଲା। ତେଣୁ ରବିବାର ମ୍ୟାଚରେ ବିଜୟୀ ହୋଇ ଭାରତ ହ୍ୟାଟ୍ରିକ ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ଦୁଇଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟବରଣ କରିଛି। ତେଣୁ ଏକାଧିକ ଅଲ୍‌ରାଉଣ୍ଡରଙ୍କୁ ନେଇ ଖଚିତ ଦକ୍ଷିଣ ଆଫ୍ରିକା ଏଠାରେ ବିଜୟୀ ହୋଇ ପଏଣ୍ଟ ଟେବୁଲରେ ସ୍ଥିତି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି।

**ମ୍ୟାଚ୍ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

### ତୃତୀୟ ଦିନିକିଆ: ପ୍ରସିଦ୍ଧ, ଯଶସ୍ୱୀଙ୍କ କମାଲ; ଆଫଗାନିସ୍ତାନର ହ୍ୟାଟ୍ରିକ୍ ହାର୍

# ଗିଲ୍‌ଙ୍କ ନେତୃତ୍ୱରେ ଭାରତର ପ୍ରଥମ ସିରିଜ୍ କବ୍‌ଜା

ଚେନ୍ନାଇ, ୨୦।୬ (ଏଜେନ୍ସି)

ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କ ପାଞ୍ଚ ୱିକେଟ୍ ସଫଳତା ଓ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ବଳରେ ଶନିବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆରେ ଭାରତ ୯ ୱିକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଆଫଗାନିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୧୯ ରନର ଛୋଟିଆ ଲକ୍ଷ୍ୟକୁ ଭାରତ ଗୋଟିଏ ୱିକେଟ୍ ହରାଇ ୨୮.୪ ଓଭରରେ ହାସଲ କରିନେଇଥିଲା। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୭ ୱିକେଟ୍ ଓ ୧୭୦ ରନରେ ଜିତିଥିବା ଘରୋଇ ଦଳ ଏଥିସହ ସିରିଜକୁ କ୍ଲିନସୁଇପ୍ କରିନେଇଛି। ଶୁବମନ ଗିଲ୍ ଦିନିକିଆ ଦଳର ନେତୃତ୍ୱ ନେବାପରେ ଭାରତର ଏହା ପ୍ରଥମ ସିରିଜ ବିଜୟ ହୋଇଛି। ଭାରତ ଏବେ ଆୟର୍ଲାଣ୍ଡ ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ଜୁନ୍ ୨୬ ଓ ୨୮ ରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ସେଠାରୁ ଇଂଲଣ୍ଡ ଗସ୍ତ କରି ଭାରତ ଜୁଲାଇ ୧ରୁ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳିବ।




### ଷଷ୍ଠ ଇନିଂସରୁ ଦ୍ୱିତୀୟ ଶତକ

ସ୍ଥାନୀୟ ଏମ୍ ଚିଦାମ୍ବରମ ଷ୍ଟାଡିୟମରେ ୨୧୯ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଭାରତ ପାଇଁ ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ଓ ଭେଟେରାନ ରୋହିତ୍ ଶର୍ମା ଦମ୍‌ଦାର ଆରମ୍ଭ କରିଥିଲେ। ଓପନିଂ ୱିକେଟ୍ ଭାଗୀଦାରିରେ ଏହି ଯୋଡ଼ି ୧୩୭ ବଲରୁ ୧୭୦ ରନ ଉଠାଇ ବିଜୟପଥ ପରିଷ୍କାର କରିଦେଇଥିଲେ। ତେବେ ୬୯ ବଲରେ ୭୯ ରନ (୯ ଚୌକା ଓ ୩ ଛକା) କରିଥିବାବେଳେ ରୋହିତ୍ ଆଉଟ୍ ହୋଇଥିଲେ। ଏହାପରେ ଜୟସ୍ୱାଲଙ୍କ ସହ ଶ୍ରେୟସ ଆୟର ଯୋଗଦେଇ ଦଳକୁ ୧୨୮ ବଲ୍ ବଳକା ଥାଇ ବିଜୟ ଭେଟି ଦେଇଥିଲେ। ଜୟସ୍ୱାଲ ୧୪ ଚୌକା ଓ ୩ ଛକା ବଳରେ ୮୬ ବଲରୁ ୧୧୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଷଷ୍ଠ ଇନିଂସରୁ ଜୟସ୍ୱାଲଙ୍କ ଏହା ଦ୍ୱିତୀୟ ଦିନିକିଆ ଶତକ ଥିଲା। ସେହିଭଳି ଆୟର ୧୯ ବଲରେ ୨୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ।

ପୂର୍ବରୁ ଟସ୍ ଜିତି ବ୍ୟାଟିଂ କରିଥିବା ଆଫଗାନିସ୍ତାନ ପ୍ରସିଦ୍ଧ କ୍ରିଷ୍ଣାଙ୍କ ସୁଇଂ ଓ ବାଉନ୍ସକୁ ବୁଝି ନ ପାରି ୪୪.୨ ଓଭରରେ ୨୧୮ ରନରେ ସୀମିତ ରହିଥିଲା। ଅଧିନାୟକ ହସମତୁଲ୍ଲା ଶାହିଦୀ (୧୩୧ ବଲରେ ୧୦୨ ରନ)ଙ୍କ ଶତକ ଓ ଆଜମତୁଲ୍ଲା ଓମାରଜାଇ (୫୦ରନ)ଙ୍କ ଅର୍ଦ୍ଧଶତକକୁ ଛାଡ଼ିଦେଲେ ଅନ୍ୟକୌଣସି ଆଫଗାନ ବ୍ୟାଟର ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। କ୍ୟାରିୟରର ପ୍ରଥମଥର ଲାଗି ପାଞ୍ଚ ୱିକେଟ୍ ସଫଳତା ପାଇଥିବା ପ୍ରସିଦ୍ଧ (୮.୨-୨-୨୩-୫) ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

### ■ ତ୍ରିରାଷ୍ଟ୍ରୀୟ 'ଏ' ଦିନିକିଆ ସିରିଜ୍

## ଭାରତ-ଶ୍ରୀଲଙ୍କା ଫାଇନାଲ ଆଜି

ଦାମ୍ବୁଲା,୨୦।୬(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ 'ଏ' କ୍ରିକେଟ ସିରିଜ୍‌ର ଫାଇନାଲ ମୁକାବିଲା ଆସନ୍ତାକାଲି ଏଠାରେ ଅନୁଷ୍ଠିତ ହେବ। ଉଭୟ ଦଳ ଶେଷ ଲିଗ୍ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୧୦୦ରୁ ଊର୍ଦ୍ଧ୍ୱ ରନ୍ ବ୍ୟବଧାନରେ ପରାସ୍ତ କରି ଦମ୍‌ର ସହ ଫାଇନାଲ ମୁକାବିଲାକୁ ଆସିଛନ୍ତି। ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ୨ଟି ଲିଗ୍ ମ୍ୟାଚ୍‌ରୁ ଭାରତ ପ୍ରଥମଟିରେ ଏବଂ ଦ୍ୱିତୀୟ ମ୍ୟାଚ୍‌କୁ ଶ୍ରୀଲଙ୍କା ସୁପର ଓଭରରେ ଜିତିଥିଲା। କିନ୍ତୁ ଏହି ମ୍ୟାଚ୍‌ରେ ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କୁ ସ୍ଲେଜିଂ କରିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏପରିକି ସ୍ଲେଜିଂ କରିଥିବା ଶ୍ରୀଲଙ୍କା ଖେଳାଳି ବିଶେନଙ୍କ ବଡ଼ି ଟଚ୍ କରିଥିବାରୁ ସୂର୍ଯ୍ୟବଂଶୀଙ୍କୁ ଦଣ୍ଡିତ ହେବାକୁ ପଡ଼ିଥିଲା। ଏହି ମ୍ୟାଚ୍‌କୁ ଉଭୟ ଦଳର ଅଧିନାୟକ ହାଲକା ଭାବେ ନେଇଥିଲେ ମଧ୍ୟ ଖେଳାଳିମାନେ ଖୁବ୍ ଗୁରୁତ୍ୱ ଦେଉଛନ୍ତି। ବିଶେଷ କରି ସୂର୍ଯ୍ୟବଂଶୀଙ୍କ ଲାଗି ଭାରତ ଏହି ମ୍ୟାଚ୍ ଜିତୁ ବୋଲି ସମର୍ଥନ ମାନେ ଟିମ୍‌କୁ ଖୋଲା ଆହ୍ୱାନ ଦେଇଛନ୍ତି। ଫଳରେ ଏହି ମ୍ୟାଚ୍‌ର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି।

**ଖେଳ ଆରମ୍ଭ : ପୂର୍ବାହ୍ଣ ୧୦ଟା**
**ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS